



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୦୧ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 01 SEPTEMBER 2022
Vol.No. 35 ■ No. 229 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022









ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୩ଶ ବାର୍ଷିକ ଉତ୍ସବ ସମାରୋହ : ଏହି ଅବସରରେ ସମ୍ବର୍ଦ୍ଧିତ ହୋଇଥିବା ସର୍ବଶ୍ରୀ ଅନନ୍ତ ଦାସ, ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଡ. ମଣୀନ୍ଦ୍ର କୁମାର ମେହେର, ଇଂ. ଅଶ୍ୱିନୀ କୁମାର ଦଣ୍ଡପାଟ, ଶ୍ରୀମତୀ ଯଶୋଧାରା ଦାସ, ଡ. ରାଧାରଞ୍ଜନ ପଟ୍ଟନାୟକ ଓ ଡ. ଭାଗବତ ପ୍ରସାଦ ଦାସ ।

## କୁଆଖାଇ ନଦୀରେ ବୁଡିଗଲେ ୨ ନାବାଳକ

ଭୁବନେଶ୍ୱର, ୩୧/୦୮ (ନି.ପ୍ର): କୁଆଖାଇ ନଦୀରେ ଗାଧୋଉଥିବା ବେଳେ ଜଣ ନାବାଳକ ବୁଡ଼ିଯାଇଛନ୍ତି। କଟକର ପ୍ରତାପନଗରୀ କୁଆଖାଇ ବ୍ରିଜ ତଳେ ଗାଧୋଉଥିବା ବେଳେ ଏହି ଅଘଟଣ ଘଟିଛି । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଆଉ ଜଣଙ୍କ ସନ୍ଧାନ ବିଳମ୍ବିତ ସଂଧ୍ୟା ସୁଦ୍ଧା ମିଳିପାରିନଥିଲା ।ଖବର ପାଇ ଘଟଣାସ୍ଥଳରେ ପହଂଚି ସଦର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା । ସୂଚନା ଅନୁସାରେ ଭୁବନେଶ୍ୱର ପଟିଆ ଅଂଚଳର ପାଂଚ ଜଣ ଛାତ୍ର ସ୍କୁଲ ଯିବାକୁ କହି ୨ ଟି ସ୍କୁଟିରେ ଗାଧୋଇବା ପାଇଁ କୁଆଖାଇ ବ୍ରିଜ୍ ତଳକୁ ଯାଇଥିଲେ । ହେଲେ ସେଠାରେ ପାଣିର ସ୍ରୋତ ଅଧିକ ଥିବାରୁ ୩ ଜଣ ଭାସି ଯାଇଥିଲେ ।

▶▶ପୃଷ୍ଠା ୭



ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୩ଶ ବାର୍ଷିକ ଉତ୍ସବ ସମାରୋହ : ଏହି ଅବସରରେ ସମ୍ବର୍ଦ୍ଧିତ ହୋଇଥିବା ଶ୍ରୀ ପୀତାମ୍ବର ଦାସ, ଶ୍ରୀମତୀ ଜୟନ୍ତୀ ବିଶ୍ୱାଳ ବେହୁରିଆ, ଶ୍ରୀମତୀ ପ୍ରୀତିଲେଖା ଦାସ, ଶ୍ରୀ ନଳିନୀକାନ୍ତ ଦାସ, ଶ୍ରୀମତୀ ମିନତୀରାଣୀ ବେହେରା ଓ ଶ୍ରୀ ଧ୍ରୁବଚରଣ ରଣା

## ସୋନାଲୀ ଫୋଗଟ ମୃତ୍ୟୁ ମାମଲାର ନୂଆ ରହସ୍ୟ

ନୂଆଦିଲ୍ଲୀ, ୩୧/୦୮ : ଦିନ ଯେତିକି ଗଡୁଛି ସେତିକି ଫିଟୁଛି ବିଜେପି ନେତ୍ରୀ ସୋନାଲି ଫୋଗଟ ମୃତ୍ୟୁ ମାମଲା । ମୃତ୍ୟୁ ମାମଲାର ଖୋଲତାଡ ପାଇଁ ହରିଆଣା ହିସାରରେ ପହଁଚିଛି ଗୋଆ ପୁଲିସ । ସେପଟେ ହିସାର ଫାର୍ମ ହାଉସରେ ବଡ ଧରଣର ଚୋରି ଅଭିଯୋଗ ଆସିବା ପରେ ହରିଆଣା ପୁଲିସ ସେଠାରେ ପହଁଚି ତନ୍ନ ତନ୍ନ ଯାଂଚ କରୁଛି ।



ସୋନାଲିଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି କି ଫାର୍ମ ହାଉସରୁ ଲ୍ୟାପଟପ୍, ସିସିଟିଭି କ୍ୟାମେରା, ଡିଜିଟାଲ ଅଡିଓ ରେକର୍ଡର ଓ କିଛି ଦସ୍ତାବିଜ ଚୋରି ହୋଇଛି । ଘଟଣାରେ ସୋନାଲିଙ୍କ ପିଏ ତଥା ଗିରଫ ଅଭିଯୁକ୍ତ ସୁଧୀର ସାଂଗବାନର ଜଣେ ସହଯୋଗୀଙ୍କୁ ମଧ ଗିରଫ କରାଯାଇଛି । ତେବେ ଶିବମ ପାଖରୁ ଲ୍ୟାପଟପ ଜବତ ହେବା ପରେ ନୂଆ ସୁରାକ ତଲାସରେ ପୁଲିସ । ସୂଚନା ଥାଉକି ଟିକଟକ ଷ୍ଟାର

▶▶ପୃଷ୍ଠା ୭

## ପାକିସ୍ତାନରେ ବନ୍ୟା : ୧୧ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନୀ



ନୂଆଦିଲ୍ଲୀ, ୩୧/୦୮ : ପାକିସ୍ତାନରେ ପ୍ରଳୟଙ୍କାରୀ ବନ୍ୟା ଗମ୍ଭୀର ରୂପ ଧାରଣ କରିଛି । ଗତ କିଛି ଦିନ ଲଗାଣ ବର୍ଷା ଫଳରେ ଦେଶର ବିଭିନ୍ନ ଅଂଚଳରେ ବନ୍ୟା ପରିସ୍ଥିତି ସଙ୍ଗୀନ ହୋଇଛି । ରାସ୍ତା ଘାଟ ଘର ଦ୍ୱାର ସବୁଆଡେ ପାଣି ବୁଡି ରହିଛି । ଲୋକେ ଅଂଟାଏ ଉଚ୍ଚର ପାଣିରେ ପଶି ଯା-ଆସ କରୁଥିବା ବେଳେ ସେମାନଙ୍କ ଜୀବନଜୀବିକା ବିଶେଷ ଭାବେ ପ୍ରଭାବିତ ହୋଇଛି । ୨୦୧୦ରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ପରେ ପାକିସ୍ତାନରେ ଏହା ସବୁଠୁ ବଡ ବନ୍ୟା । ଏଥିରେ ୧୦ଲକ୍ଷରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩ ହଜାର କିଲୋମିଟର ରାସ୍ତା ଏବଂ ୧୫୭ଟି ସେତୁ ନଷ୍ଟ ହୋଇଛି । ପ୍ରବଳ ବର୍ଷା ଯୋଗୁଁ ଅନେକ ଘର, ରାସ୍ତାଘାଟ, ବ୍ରିଜ୍ ମଧ ଧୋଇଯାଇଛି । ବନ୍ୟାରେ ଲୋକେ ଫଶି ରହିଥିବା ବେଳେ ସେମାନଙ୍କୁ ରିଲିଫ୍ ଓ ଉଦ୍ଧାର ପାଇଁ ସେନାକୁ ନିୟୋଜିତ କରାଯାଉଛି । ସେହିପରି ପାଣି ଘେରରେ ଥିବା ଲୋକଙ୍କୁ ହେଲିକପ୍ଟର ଜରିଆରେ ଉଦ୍ଧାର କରାଯାଉଛି । ପାକିସ୍ତାନର ସିନ୍ଧ, ଗିଲଗିତ, ବେଲୁଚିସ୍ତାନ ପ୍ରଭୃତି ସ୍ଥାନରେ ବନ୍ୟା ସ୍ଥିତି ଅଧିକ ଖରାପ ରହିଛି । ଏଠାରେ ଲକ୍ଷ ଲକ୍ଷ ଲୋକେ ଭୂମିହୀନ ହୋଇପଡିଛନ୍ତି ।

▶▶ପୃଷ୍ଠା ୭

## 'ଅପରେଶନ ଲୋଟସ୍'ର ଯାଂଚ ଦାବିକଲା ଆପ୍

ନୂଆଦିଲ୍ଲୀ, ୩୧/୦୮ : ଦିଲ୍ଲୀରେ ଆମ୍ ପାର୍ଟି ବନାମ୍ ବିଜେପିର ଯୁଦ୍ଧ ଏବେ ଆଉପାଦେ ଆଗକୁ ଯାଇଛି । ବିଭିନ୍ନ ରାଜ୍ୟରେ ଅପରେଶନ ଲୋଟସ କରି ବିଜେପି ସରକାର ଭାଙ୍ଗିଥିବା ଅଭିଯୋଗ କରିଛି ଆପ୍ । ଏହି କ୍ରମରେ ଯେଉଁ ଯେଉଁ ରାଜ୍ୟରେ ବିରୋଧୀଙ୍କ ସରକାର ଭାଙ୍ଗି ବିଜେପି ସରକାର କରିଛି ତାହା ଉପରେ ଯାଂଚ ଦାବି କରିଛି ଆପ୍ । ଏନେଇ ଆପର କିଛି ବରିଷ୍ଠ ନେତା କିଛିଦିନ ହେବ ସିବିଆଇ ନିର୍ଦ୍ଦେଶକଙ୍କୁ ଭେଟିବାକୁ ଚାହୁଁଥିଲେ । ହେଲେ ସେମାନଙ୍କୁ ଭେଟିବାକୁ ସିବିଆଇ ନିର୍ଦ୍ଦେଶକ ସମୟ ନଦେବାରୁ ଆଜି ଆପ୍ ର ବିଧାୟକମନେ ସିବିଆଇ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଅଭିଯୋଗ ଆଣିଛନ୍ତି କି ଦିଲ୍ଲୀରେ ଆମ୍ ଆଦମୀ ପାର୍ଟିର ସରକାର ଭାଙ୍ଗିବା ପାଇଁ ବିଜେପି ଅପରେଶନ ଲୋଟସ ଚଳାଇଥିଲା । ଏହି କ୍ରମରେ ବିଜେପି ତରଫରୁ ଆପ୍ ବିଧାୟକଙ୍କୁ କିଣିବାକୁ ୨୦ କୋଟି ଲେଖାଏଁ ଅଫର କରିଥିବା ମଧ କିଛି ଆପ୍ ବିଧାୟକ ଗଣମାଧ୍ୟମ ଆଗରେ କହିଥିଲେ । କେଜ୍ରିୱାଲ କହିଛନ୍ତି କି ଦିଲ୍ଲୀରେ ବିଜେପିର ଅପରେଶନ ଲୋଟସ ଫେଲ ହୋଇଛି ହେଲେ ଅନ୍ୟ ରାଜ୍ୟମାନଙ୍କରେ ହୋଇଥିବା ଅପରେଶନ ଲୋଟସର ସିବିଆଇ ଯାଂଚ କରିବାକୁ କେଜ୍ରିୱାଲ ଦାବି କରିଛନ୍ତି ।









## ସେପ୍ଟେମ୍ବରରେ ଓଡିଶା ଆସିବେ ଜେପି ନଡ୍ଡା

ଭୁବନେଶ୍ୱର,୩୧/୦୮ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ସଭାପତି ଜଗତ ପ୍ରକାଶ ନଡ୍ଡା ସେପ୍ଟେମ୍ବର ମାସରେ ଓଡିଶା ଗସ୍ତରେ ଆସିବେ । ସେ ସେପ୍ଟେମ୍ବର ମାସ ଶେଷ ସପ୍ତାହରେ ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି ଦଳୀୟ ସୂତ୍ରରୁ ପ୍ରକାଶ । ମିଳିଥିବା ସୂଚନା ଅନୁସାରେ ତାଙ୍କର ଏହି ଗସ୍ତ ସମୟରେ ଦଳକୁ ମଜବୂତ କରିବା ଓ ୨୦୨୪ ନିର୍ବାଚନ ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ ହେବ । ସେହିପରି ସେପ୍ଟେମ୍ବର ମାସ ତୃତୀୟ ସପ୍ତାହରେ ବିଜେପିର ପ୍ରଶିକ୍ଷଣ ଶିବିର

▶▶ପୃଷ୍ଠା ୭




# ଧର୍ମଶାଳା ମହାବିଦ୍ୟାଳୟର ୪୫ ତମ ସ୍ୱନକ୍ଷତ୍ର ସମାରୋହ

ଧର୍ମଶାଳା,୩୧/୦୮ (ନି.ପ୍ର): ଶିକ୍ଷାନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା । ସ୍କୁଲ କଲେଜର ପରିବେଶ ସୁସ୍ଥ ସୁନ୍ଦର ରହିବା ସହିତ ସମସ୍ତେ ଶୃଙ୍ଖଳିତ ହେଲେ ଜଣେ ଜଣେ ଭଲ ମଣିଷ ହୋଇପାରିବା । ଶିକ୍ଷାର ବିକାଶ ନିମନ୍ତେ ଓଡିଶା ସରକାର ଏବେ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ନେଉଥିବା ନେଇ ଆଜି ପ୍ରାଧ୍ୟାପକ ଅରବିନ୍ଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଯାଜପୁର ଜିଲା ଧର୍ମଶାଳା ମହାବିଦ୍ୟାଳୟର ୪୫ତମ ସ୍ୱନକ୍ଷତ୍ର ସମାରୋହରେ ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଯାଜପୁର ଜିଲାରେ ଧର୍ମଶାଳା ମହାବିଦ୍ୟାଳୟର ଏକ ସତନ୍ତ୍ର ପରିଚୟ ରହିଛି । କଲେଜର ବିକାଶ ଓ ଶିକ୍ଷାଦାନ ଉପରେ ସବୁବେଳେ ଗରୁତ୍ୱ ଦେଇ ଆସୁଥିବା ବେଳେ ଅନେକ ଛାତ୍ରଛାତ୍ରୀ ବହୁ ପଦପଦବୀ ଓ ରାଜନୀତି ଓ କ୍ରୀଡା କ୍ଷେତ୍ରରେ ଅନେକ ପ୍ରତିଭା ଏହି ମହାବିଦ୍ୟାଳୟ ତିଆରି କରିପାରିଥିବା ନେଇ ମୁଖ୍ୟବକ୍ତା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପ୍ରକାଶ କରିଥିଲେ । ସ୍ୱପ୍ନ ଦେଖିବା ଏକ ସଫଳତାର ବାଟ । ନିଜେ କରୁଥିବା କାର୍ଯ୍ୟ ଉପରେ ବିଶ୍ୱାସ ରଖିବା ସହିତ ଅନ୍ୟର କାର୍ଯ୍ୟରେ ହିଂସା ନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନୀତ ଅତିଥିଭାବେ ସିନେ ଅଭିନେତା ଅରିନ୍ଦମ ରାୟ ଯୋଗଦେଇ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ମହାବିଦ୍ୟାଳୟର ସଭାପତି ଡ. ପ୍ରୀୟନାଥ ମହାପାତ୍ର, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ।
ଏହି ସ୍ୱନକ୍ଷତ୍ର ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ସମ୍ୱର୍ଦ୍ଧିତ କରାଯାଇଥିଲା । ଏହି ମହାବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ସମ୍ୱର୍ଦ୍ଧିତ କରିଥିଲେ । ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଓ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ ଓ ବେଦପାଠ କରିଥିଲେ । ଶେଷରେ ଛାତ୍ରଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପୁରାତନ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

## ୧୦ ଜଣ ଚାଷୀଙ୍କୁ ସବ୍‌ଜି କୁଲର ବଣ୍ଟନ

କନ୍ଧମାଳ ୩୦ ଅଗଷ୍ଟ (ହି. ସ.) - ଆ ଟି ଡି ଏ ଫୁଲବାଣୀ ତରଫରୁ ଖଜୁରୀପଡା ବ୍ଲକ ଅନ୍ତର୍ଗତ ଦୁତିପଡା ପଂଚାୟତର ସୁଜିପଡା ଗ୍ରାମର ଚାଷୀ ପ୍ରଶାନ୍ତ ପ୍ରଧାନଙ୍କୁ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ସବଜି କୁଲର ବଣ୍ଟନକରିଥିଲେ । ତିନି ଗୋଟି ବ୍ଲକର ୧୦ ଜଣ ଚଷୀ ଙ୍କୁ ସବଜି କୁଲର ବଣ୍ଟନ କରାଯାଇଛି ଏହି କାର୍ଯ୍ୟକ୍ରମକୁ ଆଇ ଟି ଡି ଏ ର ନୂତନ ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର ଚାଷୀ ମାନଂକୁ ସବଜି କୁଲର ଆବଶ୍ୟକତା ଉପରେ ବୁଝାଇ ଥିଲେ । ଅନ୍ୟ ଅତିଥି ଭାବେ ଜିଲ୍ଲା ଉଦ୍ୟାନ ବିଭାଗ ଅଧିକାରୀ ଶ୍ରୀଯୁକ୍ତ ମିହୀର ସାମନ୍ତରୟ, ଖଜୁରୀପଡା ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ମୋନାଲିଶା ପ୍ରଧାନ ଯୋଗ ଦେଇ ଥିଲେ. କର୍ଯ୍ୟକ୍ରମକୁ ଆଇ ଟି ଡି ଏ ର ପ୍ରକଳ୍ପ ପରିଚାଳକ ପି ମୁରଲୀ ମୋହନ । ଜୀବିକା ବେଶେଷଜ୍ଞ ବୈଦ୍ୟନାଥ ଖଟୁଆ । ବିଷୟ ବିଶାରଦ ଶୁଭଶ୍ରୀ ମହାନ୍ତି ପରିଚାଳନା କରିଥିଲେ ।

# ସତରେ କଣ ରତ୍ନଭଣ୍ଡାର ଖୋଲିବ ନା ନାଟକବାଜି ଚାଲିବ ?

ପୁରୀ,୩୧/୦୮ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ନେଇ ଉଚ୍ଚନ୍ୟାୟାଳୟ ଆଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଭିତର ରତ୍ନଭଣ୍ଡାରରେ କ'ଣ କ'ଣ ରହିଛି ତା'ର ଚିଠା ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଛି । ଚାବି ଖୋଲିବାକୁ ନେଇ ୨୦୧୮ ମସିହାରେ ଏକ ନାଟକୀୟ ଭଙ୍ଗୀରେ ବାହାର ରତ୍ନଭଣ୍ଡାରରୁ ନଜର କରି ଫେରିଥିଲେ । ଅସଲି ଚାବି ମିଳିନଥିଲା । ପରେ ନକଲି ଚାବି ନଥିପତ୍ର ରହୁଥିବା ଜିଲ୍ଲା ରେକର୍ଡ଼ ରୁମରୁ ମିଳିଥିଲା ବୋଲି ସେତେବେଳେର ଜିଲ୍ଲାପାଳ ଗଣମାଧ୍ୟମକୁ ସଫେଇ ଦେଇଥିଲେ । ପ୍ରତି ତିନି ବର୍ଷରେ ରତ୍ନଭଣ୍ଡାର ଖୋଲାଯାଇ ରତ୍ନଗୁଡ଼ିକର ଗଣତି ଓ ମଣତି କରାଯାଇ ହିସାବ ରଖିବା ପାଇଁ ନିୟମ ରହିଛି । ଜନସାଧାରଣ କହୁଛନ୍ତି ପ୍ରକୃତ ସତ୍ୟ ପର୍ଦ୍ଦାଫ୍ଲାସ୍ ହେବ ତ ? ରତ୍ନଭଣ୍ଡାର ନଖୋଲିବା ପାଇଁ ସାପର ସୁ ସୁ ଗର୍ଜନ, ବଡ଼ ବିକଟାଳ ଶବ୍ଦ ଶୁଭିବା, ସମୁଦ୍ରକୁ ସୁଡ଼ଙ୍ଗ ରହିଛି, ବଡ଼ ଛାଇ ଭଳିଆ ଭୂତ ଦୃଶ୍ୟମାନ ହେଉଛି, ଶହ ଶହ ନାଗନାଗୁଣୀ ଖେଳୁଛନ୍ତି ବୋଲି ଏଭଳି ଅନେକ ଭୟଙ୍କର ତଥ୍ୟ ପ୍ରସାର ହେବା ପଛ ରହସ୍ୟ କ'ଣ ରହିଛି ତାକୁ ନେଇ ସହରରେ ଆଲୋଚନା ଯୋର ଧରିଛି । ଅତ୍ୟାଧୁନିକ ଯୁଗରେ ଖଣି ଅଂଚଳର ତିନିଶହ ଫୁଟ ତଳୁ ଦ୍ରବ୍ୟ ଅଣାଯାଇ ପାରୁଥିବାବେଳେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରେ ପଶିବାକୁ ଏତେ ଭୟ କାହିଁକି ବୋଲି ଭକ୍ତ କହୁଛନ୍ତି । ରତ୍ନଭଣ୍ଡାର ଖୋଲିବା ନାମରେ ନାଟକ ବାଜି ଚାଲିବ ନାହିଁ ତ ? ଅସଲ ଚାବି ଏବେ କେଉଁଠି ? ଚାବି ଖୋଲିବ ନା କଟରରେ କଟା ହୋଇ ଭିତର ରତ୍ନଭଣ୍ଡାରକୁ ପ୍ରବେଶ କରିବେ ବୋଲି ଆଲୋଚନା ହେଉଛି । ଶ୍ରୀମନ୍ଦିର କାହାର ନିଜସ୍ୱ ଅନୁଷ୍ଠାନ ନୁହେଁ । ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗ ସହ ଶ୍ରୀମନ୍ଦିର ରତ୍ନଭଣ୍ଡାର ଜଡ଼ିତ ରହିଛି । ହାଇକୋର୍ଟ ଆମିକସକ୍ୟୁରୀଙ୍କୁ ସ୍ଥିତ ଅନୁଧ୍ୟାନ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରତ୍ନଭଣ୍ଡାରରେ ପ୍ରବେଶ ଠାରୁ ପ୍ରସ୍ଥାନ ପର୍ଯ୍ୟନ୍ତ ଲାଇଭ ଟେଲିକାଷ୍ଟ କରିବା ପାଇଁ କେତେକ ଭକ୍ତ କହୁଛନ୍ତି । ନିଜ ପ୍ରଭୁଙ୍କ ରତ୍ନଭଣ୍ଡାରର ସ୍ଥିତି ଜାଣିବା ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କର ଅଧିକାର ରହିଛି । ସ୍ୱଚ୍ଛତା, ନିର୍ଭିକତା ଓ ଧାର୍ମିକ ଧାମ୍ମିକତାର ପ୍ରମାଣ ଦେବା ପାଇଁ ସରକାର ଠୋସ୍ ଏହି କାର୍ଯ୍ୟକ୍ରମକୁ ହାତକୁ ନେବା ପାଇଁ ଭକ୍ତ ମହଲରେ ଦାବି ହେଉଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାଇ ଅକ୍ଟୋବର ୧୦ ତାରିଖ ସୁଦ୍ଧା ପ୍ରକୃତ ସ୍ଥିତି ଅନୁଧ୍ୟାନ ହେବ ନା ରାଜ୍ୟ ସରକାର ଅଧିକ ସମୟ ମାଗିବେ ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଆମିକସକ୍ୟୁରୀଙ୍କୁ ଏଏସଆଇ, ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ସହଯୋଗ କରିବେ ତ ? ପୂର୍ବରୁ ଏମାରମଠ ରୂପାଇଟା, ଗଣେଶ ଜୁଏଲାରୀର ସ୍ୱର୍ଣ୍ଣ ଅଳଙ୍କାର ଓ ପରେ ପୁଣି ଏମାରମଠର ରୂପା ମିଳିବା ରହସ୍ୟକୁ ଏବେ ବି ସହରବାସୀ ମନେ ରଖିଛନ୍ତି । ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ରତ୍ନଭଣ୍ଡାର ଖୋଲାଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ରତ୍ନଭଣ୍ଡାର ଯୋଗୁ ସରକାରଙ୍କ ସ୍ଥିତି ଟଳମଳ ହେବାର ସମ୍ଭାବନା ରହିଛି ବୋଲି ରାଜନୈତିକ ସମୀକ୍ଷକମାନେ ଏବେ ଠୁ ଆଲୋଚନା କଲେଣି ।

## ଜାତୀୟ ରାଜପଥ ଅବରୋଧ

ଜୟପୁର,୩୧/୦୮ (ନି.ପ୍ର): ଦୁର୍ଘଟଣା ଘଟାଇଥିବା ଅଭିଯୁକ୍ତକୁ ଚିହ୍ନଟ କରିବା ଦାବିରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି ଗ୍ରାମବାସୀ । ଜାତୀୟ ରାଜପଥ ୨୬ର ବାରିଣିପୁଟ ନିକଟରେ ରାସ୍ତା ଅବରୋଧ କରାଯାଇଛି । ଗତ ୩ ଦିନ ତଳେ କୋରାପୁଟ ଜିଲ୍ଲା ଜୟପୁର କାଳିଆ ପେଟ୍ରୋଲ ପମ୍ପ ନିକଟରେ ଏକ ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣାରେ ବାରିଣିପୁଟ ଖରା ସାହିର ଅର୍ଜୁନ ହନ୍ତାଳ ଗୁରୁତର ହୋଇଥିଲେ । ତାଙ୍କୁ ପ୍ରଥମେ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ଘଟାଇଥିବା ଅପରାଧିକୁ ଠାବ କରିବା ଦାବୀରେ ବାରିଣିପୁଟ ଠାରେ ରାସ୍ତା ଅବରୋଧ କରିଥିଲେ । ଅବରୋଧ ସ୍ଥଳରେ ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା ପହଞ୍ଚି ଅବରୋଧ କାରୀଙ୍କ ସହ ଆଲୋଚନା କରିଥିଲେ ।

# ମହୁବିକ୍ରୀକୁ ନେଇ ହତ୍ୟା ମାମଲା : ଦୋଷୀ ଦୁଇ ଭାଇଙ୍କୁ ଆଜୀବନ କାରାଦଣ୍ଡ

ଘସିପୁରା,୩୧/୦୮ (ନି.ପ୍ର): ଏକ ହତ୍ୟା ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ଅଭିଯୁକ୍ତ ଦୁଇ ଭାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।
ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଶୋଷ ଥାନା ଅଧିନ ଦଲକି ଅଂଚଳର କିଛି ପରିବାର ମହୁ ବିକ୍ରୀକରି ଜୀବିକା ନିର୍ବାହ କରୁଥିବା ବେଳେ ଜିତୁ ଶବର ଓ ଆଜାଦ ଶବରଙ୍କ ପରିବାର ଛେନାପଦୀ ଆଶ୍ରମ ବିଦ୍ୟାଳୟ ନିକଟରେ ଡେରା ପକାଇ ରହୁଥିଲେ । ଗତ ୩-୧-୨୦୧୪ ରେ ଜିତୁ ଶବର ଓ ତାର କକା ଆଜାଦ୍ ଶବର ସିନେମା ଦେଖିବାକୁ ଆନନ୍ଦପୁର ଆସିଥିଲେ । ଆନନ୍ଦପୁରରେ ମହୁ ବିକିବାକୁ ଆସିଥିବା ନନ୍ଦିଆ ଶବର ଓ ଅର୍ଜୁନ ଶବରଙ୍କ ସହିତ ଦେଖା ହୋଇଥିଲା । ତା ପରେ ସେମାନେ ସମସ୍ତେ ମିଶି ମଦ ପିଇବାକୁ ଘଷିପୁରା ଯାଇଥିଲେ । ମହୁବିକ୍ରୀକୁ କେନ୍ଦ୍ରକରି ଆଜାଦ ଶବରର ନନ୍ଦିଆ ଶବର ଓ ଅର୍ଜୁନ ଶବର ସହିତ ଝମେଲା ହୋଇଥିଲା ।ସେହିଦିନ ସନ୍ଧ୍ୟାରେ ନନ୍ଦିଆ ଓ ଅର୍ଜୁନ ଦୁଇ ଭାଇ ମିଳିତ ଭାବେ ଘଷିପୁରା ସ୍ଥିତ ଡାକ୍ତରଖାନା ପଛପାର୍ଶ୍ୱ କଂଟାବୁଦା ଜଙ୍ଗଲ ମଧ୍ୟରେ ପୁତୁରା ଜିତୁ ଶବର ସମ୍ମୁଖରେ କକା ଆଜାଦ ଶବର ବେକରେ ଗାମୁଛା ଭିଡି ମାରିଦେଇଥିଲେ ।ପରିବାର ବର୍ଗ ବହୁ ଖୋଜାଖୋଜି ପରେ ଜିତୁ କଥାଶୁଣି ସବୁଜାଣିବା ପରେ ଘଷିପୁରା ଥାନାରେ ଅଭିଯୋଗ ଦାୟର କରିଥିଲେ । ଘଷିପୁରା ପୋଲିସ କେସ୍ ନମ୍ବର ୦୧/୨୦୧୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ । ଉକ୍ତ ଘଟଣା ଆଧାରରେ ଆନନ୍ଦପୁରର ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଜ୍ୟୋତି ରାଉତ କେସ୍ ନମ୍ବର ୬୭/୨୦୧୮ର ଭାରତୀୟ ଦଣ୍ଡ ବିଧି ଆଇନର ଧାରା ୩୦୨, ୩୪ ଅନୁଯାୟୀ ମାମଲାର ବିଚାର କରି ସାକ୍ଷ୍ୟପ୍ରମାଣ ଆଧାରରେ ଅଭିଯୁକ୍ତ ଦୁଇ ଭାଇ ନନ୍ଦିଆ ଶବର ଓ ଅର୍ଜୁନ ଶବରକୁ ଦୋଷୀ ସାବ୍ୟସ୍ତ କରିବା ସହ ଉଭୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥି ସହିତ ୨୫,୦୦୦ଟଙ୍କାର ଆର୍ଥିକ ଦଣ୍ଡ ଶୁଣାଇଛନ୍ତି ।
ସରକାରଙ୍କ ତରଫରୁ ସରକାରୀ ଆଇନଜୀବୀ ଅଶ୍ୱିନୀ ମଲ୍ଲିକ ଓ ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ସଞ୍ଜୟ ମିଶ୍ର ମାମଲା ପରିଚାଳନା କରୁଥିଲେ ।

# ପ୍ରମାଣ ଅଭାବରୁ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

କନ୍ଧମାଳ ,୩୧/୦୮ (ନି.ପ୍ର): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ ବିଚାରପତି ସ୍ମୃତିଲେଖା ବାରିକ, ଆଜି ଏକ ନାବାଳିକା ଦୁଷ୍କର୍ମ ଓ ପ୍ରତାରଣା ମାମଲାର ବିଚାର କରି ଘଟଣାର ୧୨ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଏବଂ ପୀଡ଼ିତାଙ୍କ ବୟାନ ଆଧାରରେ ମାମଲାର ଅଭିଯୁକ୍ତ ବାଦଲ ଦିଗାଲଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଭଗବାନ ମହାନ୍ତି ପରିଚାଳନା କରୁଥିଲେ । ଘଟଣା ଅନୁସାରେ ଅଭିଯୁକ୍ତ ବାଦଲ ଦିଗାଲ ପିଡିତାଙ୍କ ପଡ଼ୋଶୀ ଭାବେ ଭଡା ନେଇ ରହୁଥିଲେ । ରହିବାର କିଛିଦିନ ଗଲା ପରେ ପିଡିତାଙ୍କ ଘରେ ବିଶ୍ୱାସ ଜନ୍ମାଇ ପିଡିତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହିତ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇଥିଲା । ଅଭିଯୁକ୍ତର ମାର୍ଚ୍ଚ ୨୯ରେ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ସରିଯିବା ପରେ ସେଦିନ ପିଡୀତାଙ୍କ ସହିତ ଝଗଡ଼ା କରି ପଳେଇଥିଲା ।ଚାରି ପାଞ୍ଚ ମାସ ପରେ ପିଡିତା ଯୋଗା ଯୋଗ କରିବାରୁ ପିଡିତା ଙ୍କୁ ଜାଣିନି ବୋଲି କହିଥିଲେ ଏବଂ ମାରିବାକୁ ଧମକ ଦେଇଥିଲେ ବୋଲି ଫୁଲବାଣୀ ସଦର ଥାନାରେ ପିଡିତା ନିଜେ ଥାନାରେ ଲିଖିତ ଏତଲା ଦେଇଥିଲେ । ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା ୧୦୦/୨୦୧୬ ପୋସ୍କୋ ଆଇନ ଅନୁସାରେ ରୁଜୁ କରିବା ସହିତ ଅଭିଯୁକ୍ତକୁ କୋର୍ଟରେ ହାଜର କରାଇଥିଲା । ସେହି ମାମଲାର ଘଟଣା ବିଚାରଣ କରି ବିଚାରପତି ଉପୋରୋକ୍ତ ରାୟ ଶୁଣାଇଛନ୍ତି ।

## ସରପଂଚ ହେବ ତ ଏମିତି

ନୂଆପଡ଼ା,୩୧/୦୮ (ନି.ପ୍ର): ଆସନ୍ତା ଗୁରୁବାର ଦିନ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ । ଏହି ତିହାର ପାଳିବା ପାଇଁ ଲୋକେ ଘର ସଜାଇବା ଠାରୁ କିଣାବିକା କରିବାରେ ବ୍ୟସ୍ତ । ନୂଆଁଖାଇ ପାଇଁ ଛୋଟରୁ ବଡ଼ ନୁଆଁ ପୋଷାକ ପତ୍ର କିଣନ୍ତି । ଏହା ଏକ ପରମ୍ପରା, କିନ୍ତୁ ଅନେକ ପରିବାର ଏସବୁ କିଣି ପାରନ୍ତି ନାହିଁ ।ଏହାକୁ ଦୃଷ୍ଟିରେ ରଖି ଗରିବ ପରିବାର ଓ ବିଧବା ମହିଳା ମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ଜନୈକ ସରପଂଚ ।ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ଗ୍ରାମ ପଂଚାୟତର ସରପଂଚ ତୁକାରାମ ହିଆଲ । ଉକ୍ତ ଗ୍ରାମପଂଚାୟତର ରାଣୀମୁଣ୍ଡା, କୋଟାମାଲ, ପଲମା, କମ୍ପାନୀଗୁମା, ମହୁଲ କୋଟ ଓ ସମାଡ଼ ପଦର ଗ୍ରାମର ଦୁଇ ଶହ ପରିବାରକୁ ନୁଆଁ ଶାଢ଼ୀ, ଚାଉଳ, ଚିନି, ନଡ଼ିଆ, ଡାଲି ଆଦି ବଣ୍ଟନ କରୁଛନ୍ତି । ଘର ଘର ବୁଲି ସେ ସମସ୍ତଙ୍କୁ ଏସବୁ ଦେବା ସହ ଖୁସିରେ ନୁଆଁ ଖାଇବା ପାଇଁ ଅନୁରୋଧ କରିଛନ୍ତି । ଆଗକୁ ମଧ୍ୟ ଏସବୁ କାର୍ଯ୍ୟ ଜାରି ରହିବ ବୋଲି ସରପଂଚ ପ୍ରକାଶ କରିଛନ୍ତି । ନୂଆଁଖାଇ ପାଇଁ ଏସବୁ ଯୋଗାଇ ଦେଇଥିବାରୁ ଲୋକେ ମଧ୍ୟ ଖୁସି ପ୍ରକାଶ କରିବା ସହ କହୁଛନ୍ତି ସରପଂଚ ହେବତ ଏମିତି ।

# ଯୁବ କବି ଅର୍ଜୁନ ସାହୁଙ୍କ କୋସଲି କବିତା ବହି "ଚରା" ଉନ୍ମୋଚିତ

ବଲାଙ୍ଗିର,୩୧/୦୮ (ନି.ପ୍ର): ଯୁବ କବି ଅର୍ଜୁନ କୁମାର ସାହୁଙ୍କ କୋସଲି କବିତା ବହି "ଚରା" ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବିଶିଷ୍ଟ ଅତିଥିମାନଙ୍କ ଗହଣରେ ଉନ୍ମୋଚିତ ହୋଇଯାଇଛି । ଏହି ଉତ୍ସବ ରେ ବିଶିଷ୍ଟ ଅତିଥି ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ଯୋଗ ଦେଇ ପ୍ରାଥମିକ ଶିକ୍ଷା ଛାତ୍ରମାନଙ୍କ ମେରୁଦଣ୍ଡ ଏହି ଶିକ୍ଷା ନିଜ ମାଁ ର ଭାଷା କୋସଲି ରେ ପ୍ରଦାନ କରାଗଲେ ଶିଶୁର ବିକାଶ ହୋଇପାରିବ ବୋଲି ମତ ଦେଇଥିଲେ, ବ୍ୟଜ୍ଞାନିକ୍ ଅଧିକାରୀ ପଦ୍ମନାଭ ପଧାନ କହିଥିଲେ ନିଜ ମାତୃଭାଷାରେ ପିଲାମାନେ ପାଠ ପଢିଲେ ବଲ ଭାବରେ ବୁଝି ପାରିଥାନ୍ତି ଆମେ ଯେତେ ବିକାଶଶିଳ ରାଷ୍ଟ୍ର ଦେଖଛେ ସମସ୍ତେ ନିଜ ଭାଷାରେ ହିଁ ଶିକ୍ଷା ଗ୍ରହଣ କରିଥାନ୍ତି ତେଣୁ କୋସଲି ଏକ ସ୍ୱତନ୍ତ୍ର ଭାଷା ଏବଂ ଏହି ଭାଷା ସରକାରଙ୍କ ଅଷ୍ଟମ ଅନୁସୂଚି ରେ ସ୍ଥାନ ପାଇବା ଆବଶ୍ୟକ ବୋଲି ମତ ଦେଇଥିଲେ, ପ୍ରମେୟ କେବିକେ ମୁଖ୍ୟ ଅଖିଳ ଚନ୍ଦ୍ର ହୋତା ତାଙ୍କ ଭାଷଣ ମାଧ୍ୟମରେ କହିଥିଲେ ଭାଷାର ସ୍ୱତନ୍ତ୍ର ଲିପିର ଆବଶ୍ୟକତା ରହିଛି ତେଣୁ ଏକ ଲିପି ପ୍ରସ୍ତୁତ କରିବା ସଙ୍ଗେ ଆହୁରି ଗଦ୍ୟ ସାହିତ୍ୟ ମଧ୍ୟ ରଚନା କରାଯାଉ ବୋଲି ମତ ରଖିଥିଲେ । ସ୍ତମ୍ଭକାର ହେମନ୍ତ ପଣ୍ଡା କୋସଲି ଏକ ସ୍ୱତନ୍ତ୍ର ଭାଷା ଏହାର ସଂସ୍କୃତି ସମୃଦ୍ଧ ଏବଂ କବି ଅର୍ଜୁନ ସାହୁଙ୍କ କବିତା ବହି ଏହି ଭାଷାକୁ ଗୋଟେ ବଡ ଅବଦାନ ବୋଲି କହିଥିଲେ । ସାମ୍ବାଦିକ ବିଭୁ କଲ୍ୟାଣ ଗଡତ୍ୟା କବିତା ବହିର ସମୀକ୍ଷା କରିଥିଲେ, ଶ୍ରୀୟାକାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜେଶ୍ ଦଣ୍ଡସେନା ସଭା ସଂଯୋଜନା କରିଥିଲେ । ପ୍ରଶାନ୍ତ ମହାକୁଡ ଧନ୍ୟବାଦ ଦେଇଥିଲେ । ବହୁ କବି ଯୋଗଦେଇ "ଚରା" ବହି ଉପରେ ମତ ରଖିଥିଲେ ଓ କୋସଲି ଭାଷା ସରକାରୀ ସ୍ୱୀକୃତି ପାଇଁ ଆମ ସମସ୍ତଙ୍କୁ ମିଳିତ ଉଦ୍ୟମ କରିବାକୁ ପଡିବ ବୋଲି ଅନୁରୋଧ କରିଥିଲେ । ଚନ୍ଦନ, ସନ୍ତ, ଅଶୋକ ସାହୁ, ଦେବରାଜ ସାହୁ, ସ୍ୱାସତ୍, ଶିବମ ସାହୁ, ଧରିତ୍ରୀ ସାହୁ, କିଶୋର ବରିହା ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

# ଖଜୁରୀପଡା ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

କନ୍ଧମାଳ,୩୧/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରିପଡ଼ା ବ୍ଲକର ବଲସକୁମ୍ପା ଓ ଦୁତିପଡ଼ା ପଞ୍ଚାୟତ କଳା ସଂସ୍କୃତି ସଂଘର ସଦସ୍ୟମାନେ ସ୍ଥାନୀୟ ସୋରାଦେଇ ଠାକୁରାଣୀ ରାସ୍ତାରୁ ୧୦୦ରୁ ଉର୍ଦ୍ଧ୍ୱ କଳାକାର ମାନେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ରାଲି ମାଧ୍ୟମରେ ବାହାରି ବିଡ଼ିଓ କାର୍ଯ୍ୟାଳୟରେ ପହଞ୍ଚି ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ରବୀନ୍ଦ୍ର କୁମାର କଁହରଙ୍କୁ ପ୍ରଦାନ କରିଛନ୍ତି ।ସ୍ମାରକପତ୍ରରେ ଯାହା ଉଲ୍ଲେଖ ରହିଛି ଯେ କନ୍ଧମାଳ ଜିଲ୍ଲା ସଂସ୍କୃତି ଅଧିକାରୀ ଜିଲ୍ଲାରେ ଦାୟିତ୍ୱ ନେବା ଦିନଠାରୁ ମନମୁଖୀ କାର୍ଯ୍ୟକଳାପ କରୁଛନ୍ତି । ଅଫିସରେ ମଦ ନିଶାରେ ରହି ନିଶାଶକ୍ତ ଅବସ୍ଥାରେ କଳାକାର ମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ସରକାରୀ କାର୍ଯ୍ୟକ୍ରମରେ ସରକାର ତରଫରୁ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟକୁ ଆସୁଥିବା ଚିଠି ବିଷୟରେ ଜଣାଉନାହାନ୍ତି ଏବଂ ଜିଲ୍ଲାରେ କାର୍ଯ୍ୟରତ ଜିଲ୍ଲା ସଂସ୍କୃତି ସଂଘ ଓ ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ମାନଙ୍କୁ ଆଦୌ ସହଯୋଗ କରୁନାହାନ୍ତି । ମନମାନୀ କରିଲାଭଖୋର ଆଶାରେ ଜିଲ୍ଲା ସଂସ୍କୃତି ସଂଘ ଓ ବ୍ଲକ କଳା ସଂସ୍କୃତି ସଂଘରେ ସାମିଲ ନଥିବା ଏନ ଜି ଓ ଏବଂ ସରକାରୀ ଚାକିରିଆଙ୍କୁ ପ୍ରୋଗ୍ରାମ ଦେଉଛନ୍ତି ଫଳରେ ବର୍ଷ ବର୍ଷ ଧରି ସରକାରଙ୍କ ସୁଦୂର ପ୍ରସାର ଯୋଜନାର ପ୍ରଚାର ପ୍ରସାର ଏବଂ ଗ୍ରାମାଞ୍ଚଳରେ ଲୋକକଳା ଲୋକ ସଂସ୍କୃତିକୁ ଉଦଯିବିତ କରି ବିଲୁପ୍ତ ପ୍ରାୟ କଳାକୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରଖିଥିବା କଳାକାର ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ କାର୍ଯ୍ୟ କଳାପରେ ଅତିଷ୍ଟ ହେଲୁଣି ତତ ସହିତ ଜିଲ୍ଲା ସଂସ୍କୃତି ଅଧିକାରୀ ମହାଶୟ ଭାଗବତ ଟୁଙ୍ଗୀର ପୁନଃ ଉଦ୍ଧାର ପାଇଁ କୌଣସି କାମ କରୁନାହାନ୍ତି ଫଳରେ ରାଜ୍ୟ ସରକାରଙ୍କ ସୁବିଧା ସୁଯୋଗ ପାଇବାରେ ଆମ୍ଭେମାନେ ବଞ୍ଚିତ ହେଉଅଛୁ ବୋଲି ସଂଘ ପକ୍ଷରୁ ଦାବି ହୋଇଛି ।

# ପେଟ୍ରୋ କେମିକାଲର ଇଆଇଏ ରିପୋର୍ଟ ଭ୍ରମାତ୍ମକ: ସମାଜସେବୀ କ୍ଷୀତୀଶ ସିଂହ

କେନ୍ଦ୍ରାପଡ଼ା,୩୧/୦୮ (ନି.ପ୍ର): ପ୍ରସ୍ତାବିତ ପେଟ୍ରୋ କେମିକାଲ ଶିଳ୍ପ ପାରାଦ୍ୱୀପ ଠାରେ ସ୍ଥାପନା କରାଯିବ । ଏନେଇ ମହାକାଳପଡା ବାୟାବାବା କଲେଜ ଠାରେ ମଙ୍ଗଳବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ପେଟ୍ରୋ କେମିକାଲ ଶିଳ୍ପ ସ୍ଥାପନା ଦ୍ୱାରା ଏହାର ପାରିପାର୍ଶ୍ୱିକ ପ୍ରତିକ୍ରିୟା ସମ୍ବନ୍ଧରେ ଜନ ସାଧାରଣଙ୍କ ଆପତି ଅଭିଯୋଗ ଦର୍ଶାଇବା ପାଇଁ ଏହି ଅଭିଯୋଗ ଶୁଣାଣି ଶିବିରର ଆୟୋଜନ କରାଯାଇ ଥିଲା । କେନ୍ଦ୍ରାପଡା ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲା ଉଭୟର ମଧ୍ୟ ସ୍ଥଳରେ ଏହି ଶିଳ୍ପ ସ୍ଥାପନା ହେବାକୁ ଥିବାରୁ ଜଣାଶୁଣା ସମାଜ ସେବୀ କ୍ଷିତିଶ କୁମାର ସିଂହଏହି ଶିବିରରେ ଉପସ୍ଥିତ ହୋଇ ପରିବେଶ ପ୍ରଭାବର ଆକଳନ (ଇଆଇଏ) ରିପୋର୍ଟ ଭ୍ରମାତ୍ମକ ବୋଲି ଯୁକ୍ତି ଉପସ୍ଥାପନ କରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ମାନଙ୍କୁ ପ୍ରତିବାଦ ପତ୍ର ଦେଇଥିଲେ । କେନ୍ଦ୍ରାପଡା ଜିଲ୍ଲାର ବିସ୍ତୃତ ସମୁଦ୍ର କୂଳ ଅଂଚଳର ସୁରକ୍ଷା ହେନ୍ତାଳ ବନ ଦ୍ୱାରା ହେଉଥିବାରୁ ରିପୋର୍ଟରେ ସେ ସମ୍ବନ୍ଧରେ କିଛି ଉଲ୍ଲେଖ କରାଯାଇ ନାହିଁ । ସେହିଭଳି ଏହି ପେଟ୍ରୋ କେମିକାଲ ଶିଳ୍ପ ମହାନଦୀରୁ ଦୈନିକ ୬୨୦ ମିଲିୟନ ଲିଟର ମଧୁର ଜଳ ଉତୋଳନ କରି ବ୍ୟବହାର କରିବ । ଯାହାକି ମହାନଦୀର ଅବସ୍ଥାକୁ ଶୋଚନୀୟ କରିବା ସହ ଜଳଶକ୍ତି ମିଶନରେ ଚିହ୍ନଟ କରାଯାଇ ଥିବା କେନ୍ଦ୍ରାପଡାର ଭୂତଳ ଗଚ୍ଛିତ ମଧୁର ଜଳକୁ ବ୍ୟାପକ କ୍ଷତି ପହଁଚାଇବ । ଏହି ଶିଳ୍ପର ପ୍ରଭାବ ଭିତରକନିକା ଅଭୟାରଣ୍ୟ, ଗହିରମଥାରେ ରହୁଥିବା ଜଳଚର ପ୍ରାଣୀ, ଅଲିଭ ରିଡଲେ କଇଁଛଙ୍କ ଉପରେ ଓ ଅନ୍ୟାନ୍ୟ ଜଳଚର, ସ୍ଥଳଚର ପ୍ରାଣୀଙ୍କ ଉପରେ କି ପ୍ରଭାବ ପକାଇବ ସେ ସମ୍ବନ୍ଧରେ ଏହି ରିପୋର୍ଟରେ କୌଣସି ତର୍ଜମା କରାଯାଇ ନଥିବା ଏହି ଶିବିରରେ ଉପସ୍ଥାପନା କରିଥିଲେ । ଆଗାମୀ ଭବିଷ୍ୟତ ବଂଶଧର ଓ ପ୍ରାକୃତି କ ପରିବେଶର ସୁରକ୍ଷା ପାଇଁ ସଂପୂର୍ଣ୍ଣ ରିପୋର୍ଟ ଉପସ୍ଥାପନ କରିବାକୁ ଶ୍ରୀ ସିଂହ ଦାବି ଉପସ୍ଥାପନ କରିଥିଲେ ।

# ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ୍ ପ୍ରତିଯୋଗିତା ଉଦ୍‌ଘାଟିତ

ବଲାଙ୍ଗିର,୩୧/୦୮ (ନି.ପ୍ର): ଆଜି ଜିଲ୍ଲା ବ୍ୟଡମିନ୍ଟନ ସଂଘ ଆନୁକୁଲ୍ୟରେ ବଲାଙ୍ଗିର ଜିଲ୍ଲା ସ୍ତରୀୟ ବ୍ୟାଡମିନ୍ଟନ ପ୍ରତିଯେଗିତା ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ରିଜର୍ଭ ପୋଲିସ ପଡିଆ ସ୍ଥିତ ବ୍ୟାଡମିନ୍ଟନ ଇନଡୋର ହଲରେ ୨ଦିନ ବ୍ୟାପି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ବଲାଙ୍ଗିର ସହର ସମସ୍ତ ପାଟଣାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ଟିଟିଲାଗଡ ଅଂଚଳରୁ ୮୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଛନ୍ତି । ଆଜିର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଯୋଗଦେଇ କହିଛନ୍ତି ଯେ, ଏହି ଖେଳ ଓ ଖେଳାଳିମାନଙ୍କ ସହିତ ମୁଁ ଦୀର୍ଘ ବର୍ଷରୁ ଯୋଡି ହୋଇଛି । ଆଗାମୀ ଦିନରେ ଖେଳାଳିମାନଙ୍କ ପାଇଁ ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ନିର୍ମିତ ଇନଡୋର ଷ୍ଟେଡିଅମ ନିଶ୍ଚିତ ଭାବେ ଆଶିର୍ବାଦ ସଦୃସ ହେବ । ଏହି ଖେଳରେ ବଲାଙ୍ଗିର ପାଇଁ ଗୌରବ ଆଣିଥିବା ଓ ଆଣିବାକୁ ଥିବା ଖେଳାଳି ମାନେ ଯେପରି ତାଙ୍କର ଖେଳ ଜାରି ରଖିବାରେ କୌଣସି ପ୍ରତିବନ୍ଧକର ସମ୍ମୁଖିନ ନହେବେ ସେ ଦିଗରେ ସେ ନିଶ୍ଚିତ ଭାବେ ଧ୍ୟାନ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଚଂଚଲ ରାଣା ନିଜ ଆଭିଜ୍ଞତାରୁ କହିଥିଲେ ଯେ, ସେହି ଏହି ଖେଳ ଛାତ୍ରବସ୍ଥାରୁ ଖେଳୁଛନ୍ତି । ସେହି ସମସୟରେ ବିଭୀନ୍ନ ପ୍ରତିଯୋଗିତା ମାନଙ୍କରେ ବଲାଙ୍ଗିର ଖେଳାଳିମାନଙ୍କୁ ରାଜ୍ୟର ଅନ୍ୟ ଅଂଚଳର ଖେଳାଳିମାନେ ଭୟ କରୁଥିଲେ । ରାଜ୍ୟ ବ୍ୟାଡ ମିନ୍ଟନ ଜଗତରେ ବଲାଙ୍ଗିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ବହୁ ଶିଘ୍ର ପୃଥ୍ୱିରାଜ ହାଇସ୍କୁଲ ଇନଡୋର ଉପଲବ୍ଧ ହୋଇଯିବ ବୋଲି ସେ ମଧ୍ୟ କହିଥିଲେ । ଖେଳରେ ଉତ୍କର୍ଷତା ପ୍ରତିପାଦନ କରିଥିବା ରାଜ୍ୟ ସ୍ତରୀୟ ଖେଳାଳମାନଙ୍କୁ ଜିଲ୍ଲା ବ୍ୟଡମିନ୍ଟନ ସଂଘ ପ୍ରୋତ୍ସାହିତ କରିବା ଉଚିତ ବୋଲି ଅନ୍ୟତମ ସମ୍ମାନୀତ ଅତିଥି ତଥା ବଲାଙ୍ଗିର ଆରକ୍ଷୀ ଅଧିକ୍ଷକ ନିତୀନ କୁଶଲକରକହିଥିଲେ । ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଖେଳ ଓ ଖେଳାଳିମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଉଛନ୍ତି ଏବଂ ଦରକାର ହେଲେ ସେ ମଧ୍ୟ ସମସ୍ତ ସହଯୋଗ ଯୋଗଇ ଦେବେ ବୋଲି କହିଥିଲେ । ଆଜି ଅନୁଷ୍ଠିତ ହୋଇଥିବା ଖେଳମାନଙ୍କରେ ବିକ୍ରାନ୍ତ ଜାନୀ, ଆଦିତ୍ୟ ମହାପାତ୍ର, ସ୍ୱସ୍ତିକ ମଟାରି, ବୈଭବ ସାହୁ, ମାନଭଞ୍ଜନ ନାଏକ, ହିମାଂଶୁ ହାତି, ଚିନ୍ମୟ ବେହେରା ପ୍ରମୁଖ ପରବର୍ତ୍ତି ସ୍ତରକୁ ଉନ୍ନିତ ହୋଇଛନ୍ତି । ଏଠାରେ ସୁଚନା ଯୋଗ୍ୟ ଯେ, ସଦ୍ୟ ସମାପ୍ତ ହୋଇଥିବା ୯, ୧୧ ଓ ୧୩ ବର୍ଷ ବର୍ଗରେ ଜବାହାର ଲାଲା ଇନଡୋର ଷ୍ଟଡିଅମ ଠାରେ ବଲାଙ୍ଗିର ର କୁନୀ ଖେଳାଳୀ ଜି. ଗୌତମ ଏବଂ ତାଙ୍କ କୋଚ ଅଭିମନ୍ୟୁ ବଗର୍ତ୍ତଙ୍କୁ ଅତିଥି ଓ ଆୟୋଜକମାନେ ଅଭିନନ୍ଦନ ଜଣାଇବା ସହ ପ୍ରଶଂସା କରିଥିଲେ । ଏହି ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାର ଏକ ମାତ୍ର ଖେଳାଳି ଭାବେ ରାଜ୍ୟ ପୁରୁଷ ସିଙ୍ଗିଲ୍ସ ଚମ୍ପିଆନ ହୋଇଥିବା ଅରବିନ୍ଦ ସାହୁ, ଅନେକ ଥର ରାଜ୍ୟରୁ ପ୍ରତିନିଧିତ୍ୱ କରିଥିବା ବିକ୍ରାନ୍ତ ଜାନୀଙ୍କ ସମେତ ଅନେକ ନାମି ଖେଳାଳି ଏଥିରେ ଭାଗ ନେଇଛନ୍ତି । ବ୍ୟଡମିନ୍ଟନ ସଂଘ ସଂପାଦକ ସୁରୁଲାଲ ମଟାରୀ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଘନଶ୍ୟାମ ମିଶ୍ର, ଟେକନିକାଲ ଅଫିସର ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ବ୍ୟଡମିନ୍ଟନ କୋଚ ସୁରେନ୍ଦ୍ର ନେପାଳ ପ୍ରତିଯୋଗିତା ପରିଚାଳନା କରିଛନ୍ତି ।

# ସୁବର୍ଣ୍ଣପୁରରେ କ୍ରୀଡ଼ା ସପ୍ତାହ

ସୁବର୍ଣ୍ଣପୁର,୩୧/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ରେ ସମ୍ପୂର୍ଣ୍ଣ ଉତ୍ସାହ ସହିତ କ୍ରୀଡା ସପ୍ତାହ ପାଳିତ ହୋଇଯାଇଛି ଓଏହାକୁ ସ୍ମରଣୀୟ କରିବା ପାଇଁ ଶେଷ ଦିନରେ ସୁବର୍ଣ୍ଣପୁର ଜିଲ୍ଲା ବନାମ୍ ସୁନ୍ଦରଗଡ଼ ଜିଲ୍ଲାର ପୁରୁଷ ଏବଂ ମହିଳା ଦଳ ମାନଙ୍କ ମଧ୍ୟରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ବିଶିଷ୍ଟ ହକି ଖେଳାଳୀ ତଥା ଭାରତୀୟ ଦଳର ପ୍ରାକ୍ତନ କ୍ୟାପଟାନ ପଦ୍ମଶ୍ରୀ ଦିଲ୍ଲୀପ୍ ତିର୍କୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସୋନପୁର ମହାବିଦ୍ୟାଳୟର ଖେଳ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ୍ ମିଞ୍ଜ୍, ଉପଜିଲ୍ଲାପାଳ ସୋନପୁର ଡଃ ଇପ୍ସିତଓ ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ବୀରମହାରାଜପୁର ଅଶୋକ କୁମାର ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ ପ୍ରମୂଖ ଯୋଗ ଦେଇଥିଲେ । ଏହି ହକି ମ୍ୟାଚ୍ ରେ ସୁନ୍ଦରଗଡ଼ ପୁରୁଷ ଦଳ ୨/ ୧ ଗୋଲ ରେ ଏବଂ ସୁନ୍ଦରଗଡ ମହିଳା ଦଳ ୩/୦ ଗୋଲ୍ ରେ ବିଜୟୀ ହୋଇଥିଲେ କ୍ଷ ବିଜୟୀ ଦଳ ମାନଙ୍କୁ ସ୍ୱର୍ଣ୍ଣ ଏବଂ ରନର୍ସଅପ୍ ଦଳ ମାନଙ୍କୁ ରୌପ୍ୟପଦକ ଦିଆଯାଇଥିଲା କ୍ଷ ସେହିଭଳି ଗଣମାଧ୍ୟମ ପ୍ରତିନିଧି ଏବଂ ସୋନପୁର ଭେଟେରାନ୍ ମାନଙ୍କୁ ନେଇ ୧୦୦ ମିଟର ଦୌଡ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ସାମ୍ବାଦିକ ମାନଙ୍କ ମଧ୍ୟରୁ ସଞ୍ଜୟ ସାହୁ ପ୍ରଥମ, ରବୀନ୍ଦ୍ର ହୋତା ଦ୍ୱିତୀୟ ଏବଂ ମାନଭଞ୍ଜନ ପୂଜାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଭେଟେରାନ୍ ଦୌଡ଼ରେ ସଂଜୀବ ନାଏକ ପ୍ରଥମ, ଶିବଦତ ଦାଶ ଦ୍ୱିତୀୟ ଓ ଅଭିଳାଷ ପୁରୋହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହାପରେ କ୍ରୀଡା ସପ୍ତାହ ର ଉଦଯାପନୀ ସମାରୋହର ନୂତନ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା ଓ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଦିଲ୍ଲୀପ୍ ତିର୍କୀ , ସ୍ୱତନ୍ତ୍ର ଅତିଥି ଭାବରେ ମନ୍ତ୍ରୀ ଅର୍ଥ ଓ ସଂସଦୀୟ ବ୍ୟାପାର ନିରଞ୍ଜନ ପୁଜାରୀ , ସମ୍ମାନିତ ଅତିଥିଭାବରେ ଜିଲ୍ଲା ପରିଷଦ ଅଧକ୍ଷା ସୁପାର ଠେଲା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ୍ ମିଞ୍ଜ୍, ସୋନପୁର ପୌରାଧକ୍ଷା ତାମସୀ ତାମସ୍ମିତା ନାଏକ, ପ୍ରମୂଖ ଯୋଗଦେଇଥିଲେ ।

# ନୂଆଁଖାଇ ଜୁହାର୍

## ନୂଆଖାଇ ଭେଟ୍‌ଘାଟ୍

**ଅକ୍ଷୟ କୁମାର ରାଉତ**

ସଂସ୍କୃତି ଭାରତୀୟ ଜନଜୀବନକୁ ଶୃଙ୍ଖଳିତ କରିଥାଏ । ପ୍ରେମ, କରୁଣା, ସ୍ନେହ, ବାତ୍ସଲ୍ୟ, ଦୟା, ତ୍ୟାଗ, ଶ୍ରଦ୍ଧା, ଈର୍ଷା, ଦ୍ୱେଷ, ଘୃଣା ଓ ନିଷ୍ଠୁରତା ପ୍ରଭୃତି ଭାବ ସମୁହ ବ୍ୟକ୍ତି ସହିତ ସଂସ୍କୃତିର ସମ୍ବନ୍ଧ ଥାଏ । ସଂସ୍କୃତି ଯୋଗୁ ସଭ୍ୟତା କିନ୍ତୁ ଉଭୟଙ୍କ ମଧ୍ୟରେ ବ୍ୟବଧାନ ରହିଛି । ସଂସ୍କୃତି କଳା, ଆଦର୍ଶ, ବିଚାର, ଭାବ, ଭକ୍ତି ଓ ବିଶ୍ୱାସର ସଂସାର ମଂଚ । ତେଣୁ ଆମ ସଂସ୍କୃତି ସାମାଜିକ ଜୀବନର ପରିଚୟ । ଅସ୍ତବ୍ୟସ୍ତ କର୍ମମୟ ଜୀବନରେ ପର୍ବପର୍ବାଣି ଗୁଡ଼ିକ ପାଳନ କରିବାରେ ବୈଶିଷ୍ଟ୍ୟ ରହିଛି । ବହୁ ଧର୍ମ, ବହୁଜାତିଙ୍କୁ ନେଇ ସାମାଜିକ ଓ ସଂସାରିକ କ୍ଷେତ୍ରରେ ପର୍ବ ପର୍ବାଣିର ସ୍ୱତନ୍ତ୍ରତା ରହିଛି । ବିଭିନ୍ନତା ମଧ୍ୟରେ ଏକତ୍ୱର ପ୍ରତିଷ୍ଠାର ପର୍ବ ହେଉଛି ନୂଆଖାଇ । ସିଂହମାସ ଭାଦ୍ରବ ଶୁକ୍ଳପକ୍ଷ, ଗଣେଶ ଚତୁର୍ଥୀ ପରଦିନ ବା ପଂଚମୀ ତିଥିରେ ନୂଆଖାଇ ଭେଟ୍‌ଘାଟ୍ ଉତ୍ସବ ପାଳିତ ହେଉଛି ।

ନୂଆଖାଇ ଏକ ମହାନ୍ ସାମାଜିକ ପରମ୍ପରାର ପ୍ରତୀକ । ସାମାଜିକ ଜୀବନକୁ ବଳିଷ୍ଠ , ସୃଦୃଢ଼ ଓ ଶୃଙ୍ଖଳିତ କରିବା ପାଇଁ ଏହି ପର୍ବ ଉଦ୍ଦିଷ୍ଟ । ପର୍ବ ପାରସ୍ପାରିକ ମନୋମାଳିନ୍ୟ, ଈର୍ଷା, ହିଂସା, ଶତୃତା ଓ ଅସହଯୋଗ ଦୂର କରିଥାଏ । ଗାଁ ମାଟିର ମମତା, ବନ୍ଧୁ, ଆତ୍ମୀୟସ୍ୱଜନଙ୍କ ସ୍ନେହ ଓ ପରସ୍ପର ପ୍ରତି ଆପଣାର ଭାବ ବିନୀମୟ ପ୍ରଭୃତି ଗୁଣକୁ ଏହି ପର୍ବ ପ୍ରେରଣା ଦିଏ । ଓଡ଼ିଶାର ପଶ୍ଚିମାଂଚଳ ଅର୍ଥାତ ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼, ବଲାଙ୍ଗିରୀ, ନୂଆପଡ଼ା, କଳାହାଣ୍ଡି , ଦେବଗଡ଼ ଓ ଝାରସୁଗଡ଼ା ପ୍ରଭୃତି ଜିଲ୍ଲାରେ ଏକ ପ୍ରଧାନ ଗଣପର୍ବ ରୂପେ ନୂଆଖାଇ ଭେଟ୍‌ଘାଟ୍ (ବା) ନବାନ୍ନ ଭକ୍ଷଣ ଉତ୍ସବ ବହୁବର୍ଷ ଧରି ପାଳିତ ହୋଇ ଆସୁଅଛି । ଓଡ଼ିଶା ବାହାରେ ମଧ୍ୟପ୍ରଦେଶ, ଛତିଶଗଡ଼ରେ ବାସ କରୁଥିବା ଓଡ଼ିଆମାନେ ଏହି ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି । କନ୍ଧ, କୋହ୍ଲ, ଓରାମ୍ କିଶାନ, ଭୂୟା ପ୍ରଭୃତି ଆଦିବାସୀମାନେ ସେମାନଙ୍କର ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ସହିତ କୁକୁଡ଼ା, ଛେଳି ବଳି ଦେଇ ନୂଆଖାଇ ପର୍ବପାଳନ କରନ୍ତି । ଏହି ପର୍ବ ପରଠାରୁ ଆଦିବାସୀ ମାନଙ୍କର କରମା ପୂଜା ଆରମ୍ଭ ହୁଏ । ଦ୍ୱାଦଶ ଶତାବ୍ଦୀରେ ବଲାଙ୍ଗିର ପାଟଣାଗଡ଼ ଠାରେ ଚୌହାନ ରାଜବଂଶର ରମାଇଦେବ ନୂଆଖାଇ ପର୍ବର ଆରମ୍ଭ କରିବାର ଅନୁମାନ କରାଏ । ସେହିପରୀ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ରାଜା ବଳରାମ ସମ୍ବଲପୁର



ରାଜ୍ୟ ପ୍ରତିଷ୍ଠା କରି ନବାନ୍ନ ଭକ୍ଷଣ ଉତ୍ସବ ଆରମ୍ଭ କରିଥିଲେ । ଆମ ପୁରାଣ ଶାସ୍ତ୍ରରେ ଅନ୍ନର ମହିମା ଅନ୍ନବ୍ରହ୍ମ ରୂପେ ପ୍ରତିପାଦିତ ହୋଇଛି କୁହାଯାଇଛି , କର୍ମ ରୁ ଯଜ୍ଞ , ଯଜ୍ଞ ରୁ ବୃଷ୍ଟି , ବୃଷ୍ଟି ରୁ ଶସ୍ୟ ବା ଧାନ , ଧାନ ରୁ ଅନ୍ନର ସୃଷ୍ଟି ଓ ଅନ୍ନରୁ ଜୀବ ସୃଷ୍ଟି । ତେଣୁ କୁହା ଯାଇଛି ' ଅନ୍ନ ବିହୁନେ ହଂସହାନି , ଯୋଗ ସାଧିବୁ କାହା ଘେନି' । ପଶ୍ଚିମ ଓଡ଼ିଶାରେ ଭାଦ୍ରବ ମାସ ଆରମ୍ଭରେ ନୂତନ ଅମଳ ଧାନରୁ ଚାଉଳ ସଂଗ୍ରହ କରି ନବାନ୍ନ ଭୋଗ ପ୍ରସ୍ତୁତ ହୁଏ । ଗୃହକର୍ତା ଅନ୍ନ ଖିରୀ, ଖେଚୁଡ଼ି ଆରଧ୍ୟ ଦେବୀଙ୍କୁ ଅର୍ପଣ କରି ଥାଆନ୍ତି । ଯେଉଁମାନଙ୍କର ଚାଷ ଜମି ନାହିଁ, ସେମାନଙ୍କ ଘରେ ଗ୍ରାମରକ୍ଷୀ ବା ଡ଼ାଙ୍କର ନୂଆଖାଇ ପୂର୍ବରୁ ଧାନକେଣ୍ଡା ଦେଇ ଥାଆନ୍ତି । ସେହି ଧାନରୁ ଚାଉଳ ସଂଗ୍ରହ କରି ଦେବୀଙ୍କ ପାଇଁ ଭୋଗ ପ୍ରସ୍ତୁତ କରି ଥାଆନ୍ତି । ପଶ୍ଚିମ ଓଡ଼ିଶାରେ ବ୍ରାହ୍ମଣ ମାନେ ନିଜ ଗୃହରେ ଲକ୍ଷ୍ମିପୂଜା କରି ଦେବୀଙ୍କ ପାଖରେ ନବାନ୍ନ ଭୋଗ କରିଥାଆନ୍ତି । ବୟୋଜ୍ୟେଷ୍ଠ ବ୍ୟକ୍ତି ଦେବୀଙ୍କ ଠାରେ ଲାଗି ହୋଇଥିବା ପ୍ରସାଦ ସେବନ କରିବା ପରେ ପରିବାରର ଅନ୍ୟମାନଙ୍କୁ ନବାନ୍ନ ଭୋଗ ଦିଆ ଯାଇଥାଏ । ଓଡ଼ିଶାରେ ଅଧିକାଂଶ ଅଂଚଳରେ ନୂଆଖାଇ ବା ନବାନ୍ନ ଭକ୍ଷଣ ଉତ୍ସବ ଜାକ ଜକମରେ ପାଳନ କରି ଥାଆନ୍ତି ।

ଗ୍ରାମ ଓ ମଣ୍ଡଳର ଦେବା ଦେବୀ ଙ୍କୁ ସମର୍ପଣ ପରେ ସମସ୍ତେ ମିଳିମିଶି ପ୍ରସାଦ ସେବନ କରନ୍ତି । ତାପରେ ଆରମ୍ଭ ହୁଏ ନୂଆଖାଇ ଜୁହାର । କନିଷ୍ଠ ମାନେ ବୟୋଜ୍ୟେଷ୍ଠଙ୍କୁ ଜୁହାର ହୋଇ ଆଶୀର୍ବାଦ ଭିକ୍ଷା କରି ଥାଆନ୍ତି । ନୂଆଖାଇ ସରିବା ପରେ ସମସ୍ତେ ବିଲକୁ ଯାଇ ଚିହା (ଭରଦ୍ୱାଜ) ବା ଭଦଭଦଳିଆ ପକ୍ଷୀକୁ ଦର୍ଶନ କରି ଥାଆନ୍ତି । ଭଦଭଦଳିଆ ପକ୍ଷୀକୁ ଦେଖି ନିଜ ନିଜର ଧାନ କିଆରି ଦେଖି ଘରକୁ ଫେରି ଥାଆନ୍ତି । ଉପକୂଳ ଅଂଚଳରେ ରଜପର୍ବ ପରି ପଶ୍ଚିମ ଅଂଚଳରେ ନୂଆଖାଇ ପାଳନ କରାଯାଏ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଲା , ସଙ୍ଗୀତ, ନୃତ୍ୟ, ଭଜନ ସଂକୀର୍ତନଆଦି ପରିବେଷଣ ସହିତ ଖେଳ ଓ କୁସ୍ତି ପଦର୍ଶନ କରି ଥାଆନ୍ତି ।

ନୂଆ ଖାଇ କୃଷିଭିତିକ ପର୍ବ , ପଶ୍ଚିମ ଓଡ଼ିଶାର ଜନଜୀବନ, ସାମାଜିକ ପରମ୍ପରା, ସଂସ୍କୃତିର ବାର୍ତା ଓ ଧାର୍ମିକ ବିଶ୍ୱାସର ପ୍ରତୀକ ନୂଆଖାଇ ହର୍ଷ, ଉଲ୍ଲାସ, ଉନ୍ମାଦନା ନେଇ ଜନପ୍ରିୟ ହୋଇଛି । ସେଥିପାଇଁ କବି ସତ୍ୟ ନାରାୟଣ ବହିଦାରଙ୍କ ଭାଷାରେ-

ଆମିଲ୍ ମହୁର୍ ନୂଆଁ ଧାନ୍
ଖିରି ପିଠା ମଡ଼ା ଲଖ୍‌ମି ଠାନେ
ଲାଗ୍‌ବା ପୂଜା
ପିତ୍‌ମା ତିନେ ଡ଼ଁଡ଼ା
ଗାଁ ମୁଡ଼ସା ସମଲେଇ ନ
ସାଁହରା ପିଲା ଗୁମ୍‌ଲେଇ ନ ଲଗାଲାନ ନୂଆଁ
ଫୁଲ୍ ଚଂଦନ ଦିଅବୋ ପିଲେ
ନଁଗଲ୍ ପଟା ଦୁଆଁ
ଆସବୋ ପିଲେ ଖାଏମା ଆଜି ନୂଆଁ
ବଛର୍‌କେ ଥରେ ଆଏସି ପରେ
ଯିଏ ଯେନ ଥଅ
ଘରେ ପରେ ଆସ ଆସ ଭାଇ
ଆଜିର ନୂଆଖାଇ ।

+ପାରାଦ୍ୱୀପଗଡ଼,କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫

## ସମର୍ପଣ,ସ୍ୱାଭିମାନ ଓ ସମତାର୍ ପର୍ବ ନୂଆଁଖାଇ



**ବୈଷ୍ଣବ ମେହେର**

ବର୍ଷା ଶେଷ ହେବା ସହ ଧରାପୃଷ୍ଠରେ ଶରତର ପ୍ରଥମ ପାଦ ସ୍ୱର୍ଶର ଗୁଞ୍ଜରଣ ଶୁଭିବା ଆରମ୍ଭ ହୁଏ । ଠିକ୍ ଏହି ସମୟରେ ସହଳ ଅମଳକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକାଇଥାଏ । ଏହି ଅମଳକ୍ଷମ ଧାନକୁ ପ୍ରଥମେ ଇଷ୍ଟଦେବୀଙ୍କ ଠାରେ ସମର୍ପଣ ପୂର୍ବକ କୃତଜ୍ଞତା ଭାବ ପ୍ରକାଶ କରି ପରେ ବିଧି ଅନୁଯାୟୀ ନିଜେ ଖାଇବାକୁ ନବାନ୍ନ ଭକ୍ଷଣ କୁହାଯାଏ । ପୂର୍ବରୁ ନିଜର ସୁବିଧା ଅନୁସାରେ ବିଭିନ୍ନ ଅଂଚଳରେ ଭିନ୍ନଭିନ୍ନ ତିଥିରେ ନୂଆଁଖାଇ ପାଳନ କରାଯାଉଥିବା ବେଳେ ଗତ ୧୯୯୧ ମସିହାରୁ ଭାଦ୍ରବ ମାସ ଶୁକ୍ଳପକ୍ଷ ପଂଚମୀ ତିଥି ଅର୍ଥାତ ଗଣେଶ ଚତୁର୍ଥୀର ପରଦିନ ପ୍ରାୟ ଏହି ପର୍ବ ପାଳିତ ହେଉଛି । ଅତ୍ୟାଧୁନିକତାର ପ୍ରଭାବରେ ଅନେକ ପାରମ୍ପରିକ ପର୍ବପର୍ବାଣୀ ଧୀରେଧୀରେ ଫିକା ପଡ଼ି ଆସୁଥିବା ବେଳେ ଏଦିଗରେ ନୂଆଁଖାଇ ପର୍ବର ମହମହ ମହତ୍ୱ କିନ୍ତୁ ଆହୁରି ଅଧିକ ବିସ୍ତାରିତ ଏବଂ ଲୋକାଦୃତ ହେଉଥିବା ପରିଲିକ୍ଷିତ ହେଉଛି । ନୂଆଁଖାଇ ଏକ କୃଷିଭିତ୍ତିକ ପର୍ବ ହେଲେ ହେଁ ଏହି ପର୍ବ ଭିତରେ ଥିବା ମହତ ବିଶେଷତ୍ୱ ଏହାକୁ କେବଳ କୃଷକ ପରିବାର ମଧ୍ୟରେ ସୀମିତ ନରଖି ସମାଜର ସମସ୍ତ ବର୍ଗର ମଣିଷଙ୍କ ଠାରେ ଆଦୃତ କରାଇପାରିଛି । ବିଶେଷ କରି ଗଣପର୍ବ ନୂଆଁଖାଇରେ ଥିବା ସମର୍ପଣ, ସ୍ୱାଭିମାନ ଏବଂ ସମତା ଭାବ ଏହାକୁ ମହନୀୟ କରିରଖିଛି । କେବଳ ଶରୀର ଧାରଣ ପାଇଁ ଅନ୍ନର ଆବଶ୍ୟକତା ରହିଛି ତାହା ନୁହେଁ । ଅନ୍ନ ମଣିଷର ଗୁଣ, ଚରିତ୍ର ଓ ମାନସିକ ଚେତନାର ମଧ୍ୟ ପରିପ୍ରକାଶ କରିଥାଏ । ଅନ୍ନର ଅମୂଲ୍ୟ ମହତ୍ୱକୁ ହୃଦୟଙ୍ଗମ କରିଥିବା ମାଟିର ମଣିଷ କୃଷକ ତା'ର ସୁନା କ୍ଷେତର ଅର୍ଜିତ ପ୍ରଥମ ଅଭଡ଼ାକୁ ପ୍ରତିବର୍ଷ ନିଜର ଆରାଧ୍ୟ ଦେବାଦେବୀଙ୍କୁ ବିଧି ଅନୁଯାୟୀ ଅର୍ପଣ କଲା ପରେ ନିଜେ ପ୍ରସାଦ ଭାବରେ ସେବନ କରି ଭଗବାନଙ୍କ ନିକଟରେ ନିଜର କୃତଜ୍ଞତା ପ୍ରକାଶ କରିଥାଏ । ଏଭଳି ଏକ ସମର୍ପିତ ମନୋଭାବରୁ ଜନ୍ମିତ ନୂଆଁଖାଇ ପର୍ବ ଧୀରେଧୀରେ ଦିବ୍ୟ ଗଣପର୍ବରେ ପରିଣତ ହେବା ସ୍ୱାଭାବିକ । ଅନ୍ୟଠାରୁ କିଛି ପାଇ ଉପକୃତ ହେଲା ପରେ ନିଜର ଉଦାରପଣରେ ସଂପୃକ୍ତ ଦାତାଙ୍କୁ କୃତଜ୍ଞତା ଜଣାଇବାର ମହତ ଭାବ ବୋଧେ ନୂଆଁଖାଇ ପର୍ବରୁ ହିଁ ଆରମ୍ଭ ହୋଇଥିବ । ପୁନଶ୍ଚ ନୂଆଁଖାଇ ପର୍ବ ସାଧାରଣ ମଣିଷ ଭିତରେ ଆତ୍ମ ସ୍ୱାଭିମାନକୁ ଜାଗ୍ରତ କରିଛି । ଅର୍ଥନୈତିକ ଦୃଷ୍ଟିରୁ ସମାଜରେ ବିଭିନ୍ନ ସ୍ତରର ଲୋକ ବସବାସ କରୁଥିବା ବେଳେ କୃଷି ପ୍ରଧାନ ପଶ୍ଚିମ ଓଡ଼ିଶାର ପ୍ରାୟ ପରିବାର ପେଟପାଟଣା ପାଇଁ ନିଜ ଜମିରେ ଉତ୍ପାଦିତ ଶସ୍ୟ ଉପରେ ହିଁ ନିର୍ଭର କରନ୍ତି । ଅପରପକ୍ଷେ ନିଜ ଜମିରେ ଉତ୍ପାଦିତ ଶସ୍ୟ ଅଧିକାଂଶ ପରିବାରରେ ଗୋଟିଏ ବର୍ଷ ପାଇଁ ନିଅଣ୍ଟ ହୁଏ । ତେଣୁ ଅଭାବୀ ଲୋକଙ୍କ ଜମିବାଡ଼ିରେ ଯାହା ଅମଳ ହୁଏ ତାହା ସିଧାସଳଖ ସେମାନଙ୍କ ଚୁଲୀକୁ ଆସେ । କିନ୍ତୁ ନୂଆଁଖାଇ ପର୍ବର ବିଧି ଅନୁଯାୟୀ ନବାନ୍ନ ଭକ୍ଷଣ ନସରିବା ଯାଏଁ ନୂଆଁ ଶସ୍ୟର ବ୍ୟବହାର ସଂପୂର୍ଣ୍ଣ ନିଷେଧ ରହିଛି । ଶସ୍ୟ ଅର୍ଥ କେବଳ ଧାନ ନୁହେଁ ଏପରିକି ବାଡ଼ିବଗିଚାରେ ଫଳୁଥିବା କାକୁଡ଼ି, ଜହ୍ନି, କଖାରୁ, ଶିମ୍ବ, କଖାରୁପତ୍ର ଆଦିକୁ ମଧ୍ୟ ଖାଇବା କିମ୍ବା ବ୍ୟବହାର କରିବାକୁ ବାରଣ କରାଯାଇଛି । ଯୁଗଯୁଗ ଧରି ଏହି କଟକଣାକୁ ପୂର୍ଣ୍ଣ ନିଷ୍ଠାର ସହ ଲୋକେ ମାନି ଆସିଛନ୍ତି । ଭୋକଉପାସରେ ରହିବେ ପଛେ ବିଲବାଡ଼ିର ନୂଆଁ ଶସ୍ୟ ପାଚି ଝଡ଼ି ଯାଉଥିଲେ ହେଁ ନୂଆଁଖାଇ ନ ସରିବା ଯାଏଁ ସେସବୁ କେହି ନଛୁଇଁ ନିଜ ସ୍ୱାଭିମାନର ପରିଚୟ ଦିଅନ୍ତି । ଯେତେ ଅଭାବ ହେଉନା କାହିଁକି ନୂଆଁଖାଇ ପୂର୍ବରୁ ନୂଆଁଧାନର ବ୍ୟବହାର କରିବା ଭଳି ଉଦାହରଣ ଆଜି ପର୍ଯ୍ୟନ୍ତ କେଉଁଠି ଦେଖିବାକୁ ମିଳି ନାହିଁ । ଅବଶ୍ୟ ସମସ୍ତ କିସମର ଧାନ ପାଚିବା ଯାଏଁ ଅପେକ୍ଷା କଲା ଭଳି ସମ୍ବଳ ଅନେକ ଲୋକଙ୍କ ନ ଥିବାରୁ ସମସ୍ତଙ୍କ ସ୍ୱାଭିମାନ ଓ ସୁବିଧା ଦୃଷ୍ଟିରୁ ଭାଦ୍ରବ ମାସ ଶୁକ୍ଳପକ୍ଷକୁ ନବାନ୍ନ ଭକ୍ଷଣର ଉପଯୁକ୍ତ ସମୟ ଭାବରେ ଗ୍ରହଣ କରାଯାଇଆସୁଛି । ସେହିଭଳି ପରସ୍ପର ମଧ୍ୟରେ ସୁସଂପର୍କ ସ୍ଥାପନ କରି ସମାଜରେ ସମତା ରକ୍ଷା କରିବା ହେଉଛି ପବିତ୍ର ନୂଆଁଖାଇ ପର୍ବର ଅନ୍ୟତମ ବୈଶିଷ୍ଟ୍ୟ । ଜଣେ ଯେତେବଡ଼ ଧନୀ କିମ୍ବା ପଦପଦବୀ ଧାରୀ ହେଉନା କାହିଁକି ନୂଆଁଖାଇ ଦିନ କୁରେଇ କିମ୍ବା ମହୁଲ ଆଦି ପତ୍ରରେ ତିଆରି ଖଲିଦନାରେ ବଢ଼ାଯାଇଥିବା ନୂଆଁ ଅନ୍ନକୁ ଭୂମି ଉପରେ ବସି ମହାଆନନ୍ଦରେ ଖାଇବାର ପରମ୍ପରା କାହିଁ କେଉଁ କାଳରୁ ଆଜି ଯାଏଁ ରହିଆସିଛି । ଏହି ପର୍ବରେ କେବଳ ବୟସ୍କଙ୍କୁ କନିଷ୍ଠମାନେ ଯଥାମାନ୍ୟ ସମ୍ମାନ ଦେଇ ଜୁହାର ହୁଅନ୍ତି ଓ ବୟସ୍କମାନେ କନିଷ୍ଠମାନଙ୍କୁ ସ୍ନେହ ଶ୍ରଦ୍ଧା ଅଜାଡ଼ି ଦେଇ ଅସରନ୍ତି ଆନନ୍ଦ ଅନୁଭବ କରନ୍ତି ତା'ହା ନୁହେଁ, ଏଥିସହ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଧନୀ ଗରୀବ, ଶିକ୍ଷିତ ଅଶିକ୍ଷିତ, ଉଚ୍ଚନୀଚ ପ୍ରତିବର୍ଗର ଲୋକଙ୍କ ମଧ୍ୟରେ ଯେଉଁ ଅବର୍ଣ୍ଣନୀୟ ମିଳନ ଏହି ପର୍ବ ମାଧ୍ୟମରେ ଘଟେ ତାହା ମର୍ମେ ମର୍ମେ ଅନୁଭବ ନ କରିବା ଯାଏଁ କେହି ବିଶ୍ୱାସ କରି ପାରିବେ ନାହିଁ । ନୂଆଁଖାଇ ପୂର୍ବରୁ ଦୂରଦୂରାନ୍ତରେ ରହୁଥିବା ଲୋକଙ୍କ ଜନ୍ମମାଟିକୁ ଫେରି ଆସିବା ଏବଂ ନୂଆଁଖାଇ ପରେ ଅନ୍ୟୁନ ମାସାଧିକ କାଳ ସାଧାରଣରେ ଯେଉଁ ଭେଟଘାଟ ହୋଇ ଭାବର ଆଦାନପ୍ରଦାନ ହୁଏ, ତାହା ହିଁ ସମାଜରେ ସମତା ରକ୍ଷାରେ ପ୍ରମୁଖ ଭୂମୀକା ଗ୍ରହଣ କରିଆସିଛି ।

ବାସ୍ତବରେ ଦୂରକୁ ନିକଟତର ଓ ପରକୁ ଆପଣାର କରିବାର ମହାମଂତ୍ର ପ୍ରଦାନ କରି ଆସିଛି ଗଣପର୍ବ ନୂଆଁଖାଇ । ଏହି ପର୍ବ ମାଧ୍ୟମରେ ସମର୍ପଣ ଭାବ ସହ ପରସ୍ପର ମଧ୍ୟରେ ଆପଣାପଣର ଉଦ୍ରେକ ଓ ସାମାଜିକ ଏକତ୍ୱ ମଜଭୂତ ହୋଇଥାଏ । ନୂଆଁଖାଇରେ ଧାର୍ମୀକ ଭାବନାଟିଏ ଯେତିକି ପରିପୃଷ୍ଟ ହୋଇଥାଏ ତା'ଠାରୁ ବହୁ ଗୁଣରେ ଅଧିକ ସମର୍ପଣ, ସ୍ୱାଭିମାନ ଓ ସମତା ରକ୍ଷା ଭଳି ମୂଲ୍ୟବାନ ମାନବୀୟ ଗୁଣାବଳୀର ପରିପ୍ରକାଶ ଘଟେ ।

+ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ନୂଆଁଖାଇ

**ନିରଞ୍ଜନ ସାହୁ**

ପଶ୍ଚିମ ଓଡ଼ିଶା ମୁଖ୍ୟ ପରବ ଯେ
ନାଆଁ ତା'ର ନୂଆଁଖାଇ
ପରବ ପାଳିବା ଆସନ୍ତୁ ସରବେ
ଖୁସି ମନେ ଗୀତ ଗାଇ ।

ଭାଦ୍ରବ ମାସର ଶୁକଳ ପକ୍ଷର
ପଞ୍ଚମୀ ତିଥିଟି ଯେବେ
ନୂଆଁଖାଇ ପର୍ବ ପାଳନ ହୁଅଇ
ଜାଣିଥାଅ ସର୍ବେ ତେବେ ।

ଘରଦ୍ୱାର ସବୁ ଲିପାପୋଛା କରି
ନୂଆ ଲୁଗାପଟା ଆଣୁ
ନୂଆ ହାଣ୍ଡି , କୁଲା , ଧାନ ,ଚୂଡା ,ଗୁଡ଼
କଦଳୀ ଆଣିବା ଜାଣୁ ।

କ୍ଷୀର , ଦହି , ଛେନା , ଶର୍କରା , ନଡ଼ିଆ
ସଂଗ୍ରହ କରନ୍ତି ସର୍ବେ
ନୂଆଁଖାଇ ପର୍ବ ପାଳନ କରନ୍ତି
ବଡ଼ ଶରଧାରେ ଗର୍ବେ ।

ଦୂର ବିଦେଶୀ ଯେ ଘରକୁ ଫେରନ୍ତି
ପରିବାରେ ହସଖୁସି
ନୂଆ ଯେ ଖାଇବେ ନବାହ୍ନ କରିବେ
କେହି ନ ଯିବେଟି ରୁଷି ।

ନୂଆ ଚୂଡା ନେଇ ଭୋଗ କରାଯାଏ
ସମଲେଇ ମନ୍ଦିରରେ
ଦେବାଦେବୀ ଭୋଗ ଲାଗି ହେବା ପରେ
ଖିଆପିଆ ଘରେଘରେ ।

ଚୂଡାକୁ ଚକଟି କ୍ଷୀରଦହି ସାଥେ
ନଡ଼ିଆ କଦଳୀ ଦେଇ
କୁରେଇ ପତ୍ରରେ ବାଢ଼ି ଦିଏ କର୍ତ୍ତା
ଅତି ଶରଧାରେ ନେଇ ।

ନୂଆଁଖାଇ ସାରି ଲଘୁଜନମାନେ
ପ୍ରଣମନ୍ତି ଗୁରୁଜନେ
ଗୁରୁଜନମାନେ କଲ୍ୟାଣ କରନ୍ତି
ଯେତେଯେତେ ଲଘୁଜନେ ।

ନୂଆଁଖାଇ ଭେଟଘାଟ ହୋଇଥାଏ
ଗାଆଁସାହି ବୁଲି କରି
ନୂଆଁଖାଇ ଜୁହାର ଯେ କରାଯାଏ
ଗୁରୁଜନ ପାଦ ଧରି ।

କଥା ଚାଲିଥାଏ ଜୀଇଁ କରିଥିଲେ
ଦେଖା ହେବା ଆର ସନ
ତେଣୁ କରି ନୂଆଁଖାଇକୁ ପାଳିବା
ହୋଇକରି ଏକ ମନ ।

ନୂଆ ଧାନକୁଟା ନୂଆ ଚାଉଳରେ
ନବାହ୍ନ ଖାଇବା ହେବ
ଖୁସି ମନେ ନୂଆଁଖାଇ ପାଳିଥିବା
ଆନନ୍ଦ ମନରେ ଦେବ ।

ନୂଆଁଖାଇ ପାଇଁ ପଶ୍ଚିମ ଓଡିଶା
ଚଳଚଞ୍ଚଳ ଅଟଇ
ଏହି ପରବରେ କେତେ ଯେ ଆନନ୍ଦ
କେତେ ମଉଜ ଘଟଇ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ନୂଆଁଖାଇ

**ଦିନେଶ ମେହେର୍**

ମାଲୁ ଧାନର୍ ମହକ୍
ଉତ୍ତର ଦିଗେ ମହକି ଉଠିଚେ
କ୍ଷେତ୍ ଖଳା ସବୁ
ସୁନା ରଙ୍ଗେ ରଙ୍ଗେଇ ଯାଇଚେ
ଚଷା ପୋ ର୍ ମନ୍ ଉସତେ
ନାଚି ଝୁମି ଉଠୁଚେ ।

ଇଟା ପରେ ଆମର୍
ବଛର୍ ର ପହେଲା ଫସଲ୍ !
ମାଁ ମାଟି ର୍ ମହକ୍ ସଙ୍ଗେ
ଭୋଦୋ ତିହାର୍ ଆଗତୁରା ଡ଼ାକ୍ ଦେଲାନ ।

ମାଁ ସମଲେଇ ର ବଡଖା ତିହାର୍
ଆମର ନୂଆଁଖାଇ
ଧୁପ୍ ଗୁଗୁଲର୍ ମହକ୍ ସଙ୍ଗେ
କେତେ ଉସତ୍ ଭରି ଦେଲା ନ ।

ନୂଆଁ ନୂଆଁ ଭୁଦୋ ଜନ୍
ଉଦିଚେ କେଡ଼େ ସରଗେ
ନୂଆଁଖାଇ ତିହାର୍ କେ ନେଇଛେ ଆନି
ଇଟା ପରେ ଆମର ଭାଇଚାରା ର୍ ତିହାର୍ ।

ବସୁଧୈବ କୁଟୁମ୍ବକମ୍ ନାଁ କେ
ଉଜଲ୍ କରୁଥିଶି ଇ ତିହାର୍ ।
ସାନ୍ କେ ଆଦର୍ ବଡ଼ କେ ମୁଡ଼ିଆ
ରସେଇ ଦେସି ଶୁହ୍ଲ ରସେ ।

ବେଲ୍ ଉଦା ନୁ ଭୂଆସେନ୍ ଟୁକେଲ୍
ପେନ୍ ବୁହି କରି ଆନସି ସରାଗେ
ନିର୍ମଲ୍ ମନେ
ଧୁଇସି ଇଷ୍ଟଦେବୀ ର୍ ଚରନ୍ ।

ଲଗନ୍ ଫିଟା ବେଲ୍ କେ
ସବେ ହେସନ୍ ଏକ୍ ଜାଗା ନେ କୁରା,
ଠିକ୍ ଲଗନେ ଖାଏସନ୍ ସବେ
ନୂଆଁ ଫସଲର୍ ନୂଆଁ ଆରନ୍
ଯାହାକେ କହେସୁଁ ଆମେ ନୂଆଁ ।

+ପଳାସ, କଳାହାଣ୍ଡି



## ନୂଆଁଖାଇ ଜୁହାର୍

**ସୁଶାନ୍ତ ରଣା**

ଜୁହାର ଜୁହାର ସବକୁ ଜୁହାର
ନୂଆଁଖାଇ ଜୁହାର,ଜୁହାର...
ନୂଆଁଖାଇ ଜୁହାର.....।

ପଶ୍ଚିମ୍ ଓଡ଼ିଶାର ବଡ଼ ତିହାର
କୃଷି ପ୍ରଧାନ ଏ ଆମ ପରବ।

ନୂଆଁଖାଇ ନାମ ଅଟେ ତାହାର
ସଭିଁଙ୍କୁ କରେ ସେ ଅତି ନିଜର ।

ବରଷକୁ ଥରେ ଏହି ପରବ
ବଢ଼ାଇ ଦିଏ ସେ ଆମ ଗରବ ।

ସଜେଇ ହେଇଛି ସୁନ୍ଦର ଦିଶୁଛି
ଗାଆଁ ଘରଠୁ ସହର ମୋ ନୂଆଁଖାଇ
ଜୁହାର ଜୁହାର ସବକୁ ଜୁହାର.....।

କାହିଁ କେତେ ଦିନୁ ଏହି ପରବ
ଧାନ ଚାଷ ଯେଭୁଁ ହେଲା ଆରମ୍ଭ ।

ପ୍ରଥମ ଅମଳ ଶସ୍ୟର ଭୋଗ
ଇଷ୍ଟଦେବୀ ପାଶେ ଅର୍ପଣ ଆଗ ।

ଧନୀ ଗରୀବର ନାହିଁ ବିଚାର
ସଭିଁଙ୍କର ନୂଆଁଖାଇ ତିହାର ।

ଜୁହାର୍ ଭେଟ ପରମ୍ପରା ନିଆରା
ଖୋଜିଲେ ମିଳେନି ପରା ମୋ ନୂଆଁଖାଇ
ଜୁହାର ଜୁହାର ସବକୁ ଜୁହାର
ନୂଆଁଖାଇ ଜୁହାର, ଜୁହାର...
ନୂଆଁଖାଇ ଜୁହାର.....।

+ତେରେସିଂହା, ଜି. କଳାହାଣ୍ଡି
ମୋ. ୭୮୯୪୬୫୮୨୭୪

## ନୂଆଁଖାଇ

**ନୀଳମଣି ଚାନ୍ଦ**




ପ୍ରବାସେ ଯିଏ ଅଛି ଏ ଯାଏଁ
ସଅଳ ଆସୁ ଫେରି
ନ କରି ଆଉ ଡେରି
ଲାଗେ ଯେମିତି ସେଇ ପରବ
ଡାକୁଛି ହାତ ଠାରି ।

ପାଞ୍ଜିଟି ଦେଖି ଆଗରୁ ଲଗ୍ନ
ବାର ହୋଇଛି ଗଣା
ସଭିଙ୍କୁ ଏହା ଜଣା
ପାଳିବେ ନୂଆଁଖାଇ ପରବ
ସତରେ ମନଜିଣା ।

ନୂଆ ଧାନରେ ହେବରେ ଖିରି
ପିଠା ଭଳିକି ଭଳି
ଘର ଉଠିବ ଝଳି
ନୂଆ ବସ୍ତ୍ରଟି ପିନ୍ଧି ସମସ୍ତେ
ପରବ ଦେବେ ପାଳି ।

ସମଲେଶ୍ୱରୀ ମାଆଙ୍କ ପାଖେ
ସରିଲେ ପୂଜାପୂଜି
ଲାଗିଲେ ଭୋଗ ଆଜି
ଭେଟଘାଟ୍ ,ଜୁହାଁରଟିରେ
ଯିବେରେ ସବୁ ମଜ୍ଜି ।

ଆମ ପଶ୍ଚିମ ଓଡ଼ିଶା ପାଇଁ
ଗଣ ପରବ ଇଏ
କୃଷି ପରବଟିଏ
ବର୍ଷକରେ ଆସଇ ଥରେ
ମଉଜ ଭରିଦିଏ ।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.
ମୋ:୯୫୮୩୨୦୨୩୫୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅସ୍ୱାଭାବିକ ସ୍ଥିତି...

ପ୍ରତିବେଶୀ ରାଜ୍ୟ ଝାଡ଼ଖଣ୍ଡରେ ଅସ୍ୱାଭାବିକ ସ୍ଥିତି ଲାଗି ରହିଛି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଖଣି ନିଲାମି ନେଇ ଅଦାଲତର ନିର୍ଣ୍ଣୟ ଆଧାରରେ ନିର୍ବାଚନ କମିଶନ ରାଜ୍ୟପାଳଙ୍କ ନିକଟକୁ ପଠାଇଥିବା ଜଉମୁଦ୍ ଲଫାପା ଏହି ସ୍ଥିତିର କାରଣ ହୋଇଛି । ରାଜ୍ୟପାଳଙ୍କ ପାଖରେ ସେହି ଲଫାଫା ସପ୍ତାହକରୁ ଊର୍ଦ୍ଧ୍ୱ କାଳ ରହିବା ଭିତରେ ମୁଖ୍ୟମନ୍ତ୍ରୀଙ୍କ ବିଧାୟକ ପଦ ରଦ୍ଦ ପାଇଁ ବିଭିନ୍ନ ମହଲରୁ ଚାପ ରହୁଥିବା ଲକ୍ଷ୍ୟ କରାଯାଉଛି । ହେମନ୍ତ ନେତୃତ୍ୱ ପଛରେ ତାଙ୍କ ନିଜ ଦଳ ଝାଡ଼ଖଣ୍ଡ, କଂଗ୍ରେସ ଓ ସହଯୋଗୀ ମହାମେଣ୍ଟ । ମୁଖ୍ୟମନ୍ତ୍ରୀ ପଦରୁ କାହିଁକି ସୋରେନ୍ ଯାଉନାହାଁନ୍ତି ଏବଂ ନିର୍ବାଚନ କମିଶନଙ୍କ ଚିଠିର ଆଧାରରେ ପଦ ରଦ୍ଦ କରୁନାହାଁନ୍ତି, ତାହାନେଇ ବିଜେପି ସ୍ୱର ଉଠାଇଛି । ନିଜ ସମର୍ଥକ ବିଧାୟକମାନଙ୍କୁ ଧରି ହେମନ୍ତ ସୋରେନ୍ ରାଞ୍ଚି-ଖୁଣ୍ଟି ହେଉଛନ୍ତି । ରିସର୍ଟ-ରାଜନୀତି ପୁଣି ଫେରିଛି ଝାଡ଼ଖଣ୍ଡକୁ । ପୂର୍ବଦିନରେ କର୍ଣ୍ଣାଟକରେ ଓ ମହାରାଷ୍ଟ୍ରରେ କିଭଳି ରିସର୍ଟ-ରାଜନୀତି ହୋଇଛି, ତାହା ସମସ୍ତେ ଦେଖିଛନ୍ତି । ଝାଡ଼ଖଣ୍ଡରେ ତୁମୂଳ ସ୍ଥିତି ଲାଗି ରହିଥିବା ସମୟରେ ମୁଖ୍ୟମନ୍ତ୍ରୀ ହ୍ରଦରେ ନୌକାବିହାର କରିବା ସମୀକ୍ଷକ ମହଲକୁ ଆମୋଦିତ କରିଛି । ଏହି ସମସ୍ତ ଘଟଣା ପ୍ରବାହକୁ ବିଜେପି ସମେତ ଦଳମାନେ ଉତ୍ସୁକ ନଜରରେ ଦେଖୁଛନ୍ତି । ମଉକା ଦେଖି ଝାଡ଼ଖଣ୍ଡରେ ଥୋପ ପକାଇ କିଭଳି ବଡ଼ ମାଛ ମାରିହେବ, ତାହା ଦେଖୁଛନ୍ତି ସେମାନେ । ଇତିମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଦିଲ୍ଲୀ ବିଧାନସଭାରେ ଗୋଟିଏ ବକ୍ତବ୍ୟ ରଖିଛନ୍ତି । ସେ କହିଛନ୍ତି, ଦିଲ୍ଲୀରେ ସିନା ତାଙ୍କ ସରକାରକୁ ଗାଦିଚ୍ୟୁତ କରିବା ସକାଶେ ଉଦ୍ୟମ ଫସର ଫାଟିଗଲା, ଝାଡ଼ଖଣ୍ଡ ସରକାର ଭାଙ୍ଗିବାକୁ ଉଦ୍ୟମ ହୋଇପାରେ । ସେହି କ୍ରମରେ କେଜରିୱାଲ ଅହେତୁକ ଦରଦାମ ବୃଦ୍ଧି ପାଇଁ କେନ୍ଦ୍ର ସରକାର ଉପରେ ବର୍ଷିବାକୁ ଭୁଲି ନାହାଁନ୍ତି । କେବଳ ସେତିକି ନୁହେଁ, ଦିଲ୍ଲୀ ଉପରାଜ୍ୟପାଳ ବିନୟ ସାକ୍‌ସେନାଙ୍କ ନାମରେ ମୁଖ୍ୟମନ୍ତ୍ରୀ ୧୪୦୦କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଉଠାଇ କେନ୍ଦ୍ରକୁ ପରୋକ୍ଷ ଭାବେ ଦାୟୀ କରିବାକୁ ଛାଡ଼ି ନାହାଁନ୍ତି । ଝାଡ଼ଖଣ୍ଡରେ ଆରମ୍ଭ ହୋଇଥିବା ନାଟକର କିଭଳି ପରିସମାପ୍ତି ଘଟୁଛି, ତାହା ଦେଶବାସୀଙ୍କ ଭିତରେ ସୃଷ୍ଟି କରିଛି ଉତ୍କଣ୍ଠା । ନିଜ ଦଳ ଓ କଂଗ୍ରେସ ବିଧାୟକମାନଙ୍କୁ ଏକାଠି ରଖିଥିବା ଭିତରେ ସବୁ ପ୍ରକାର ଆକସ୍ମିକତା ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ପ୍ରସ୍ତୁତ ଥିବାର ଦମ୍ଭ ଦେଖାଉଛନ୍ତି । ତାଙ୍କୁ ଯଦି ବିଦାୟ ନେବାକୁ କୁହାଯାଏ, ତାଙ୍କ ସ୍ଥାନରେ ପତ୍ନୀ କଳ୍ପନା ସୋରେନ୍‌ଙ୍କୁ ଅଭିଷିକ୍ତ କରାଯିବାର ପ୍ରସ୍ତାବ ରହିଛି । ପିତା ଶିବୁ ସୋରେନ୍‌ଙ୍କୁ ଉପରେ ଭୋଟ ଲଢ଼ିବା ଉପରେ ଅଦାଲତୀ କଟକଣା ରହିଥିବାରୁ ସେ ପୁଣି ମୁଖ୍ୟମନ୍ତ୍ରୀ ହୋଇପାରିବ ନାହିଁ । ତେଣୁ ଧର୍ମପତ୍ନୀଙ୍କ ଉପରେ ହାତୀ କଳସ ଢାଳିବା ଏକପ୍ରକାର ନିଶ୍ଚିତ ମନେ ହେଉଛି । କଳ୍ପନା ହେଉଛନ୍ତି ମୟୂରଭଞ୍ଜର ଝିଅ । ତାହାରି ଭିତରେ ଶାସକ ମେଣ୍ଟକୁ ଘୋଡ଼ାବେପାର ଭୟ ଘାରିଛି । ଜେଏମ୍‌ଏମ୍ ଓ କଂଗ୍ରେସର ବିଧାୟକମାନଙ୍କ ଭିତରୁ କାହାକୁ କିଭଳି ପ୍ରଲୋଭିତ ଓ ପ୍ରଭାବିତ କରି ନିଜ ପଟକୁ ନେଇହେବ, ତାହା ଚିନ୍ତା କରାଯାଉଛି । ଖଣି ଦୁର୍ନୀତି ପାଇଁ ନିନ୍ଦିତ ମୁଖ୍ୟମନ୍ତ୍ରୀଙ୍କୁ ହଟାଯିବା ଦିଗରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ରାଜ୍ୟପାଳ ବେଶୀକାଳ ଅଟକାଇ ରଖି ନପାରନ୍ତି । ମାତ୍ର ପଛଦରଜା ଦେଇ ଯଦି ଲାଲୁଙ୍କ ପତ୍ନୀ ରାବିଡ଼ି ବିହାରରେ କ୍ଷମତା ଉପଭୋଗ କରିପାରିଲେ, ତାହା କାହିଁକି ଝାଡ଼ଖଣ୍ଡରେ ହୋଇନପାରିବ ? ୮୧ ଆସନ ବିଶିଷ୍ଟ ବିଧାନସଭାରେ ଏବେ ଝାଡ଼ଖଣ୍ଡ ନେତୃତ୍ୱାଧୀନ ମେଣ୍ଟର ୫୦ରୁ ଅଧିକ ସଦସ୍ୟ ରହିଥିବାରୁ ଆସ୍ଥା ଭୋଟରେ ସହଜ ବିଜୟ ଆଶା ରହିଛି । ଅଶାନ୍ତ ସ୍ଥିତି ଝାଡ଼ଖଣ୍ଡରେ, ସ୍ୱାଭାବିକ ପ୍ରାଶାସନିକ ପ୍ରକ୍ରିୟାକୁ ଚଳାଇବାରେ ବାଧକ ହେବା ସ୍ୱାଭାବିକ୍ । ଏହା ପଛରେ ଯେଉଁ ବାଧବାଧକତା ରହିଛି, ତାହା ବିଚାର କରାଯିବାର ଅପେକ୍ଷା ରହୁଛି । ରାଜ୍ୟପାଳ ନିର୍ବାଚନ କମିଶନଙ୍କ କଥିତ ନିର୍ଦ୍ଦେଶ ପାଳନ କରିବାରେ କଣ ଓ କିଭଳି ଭୂମିକା ସମ୍ପାଦନ କରୁଛନ୍ତି, ତାହା ଉପରେ ବହୁ କଥା ନିର୍ଭର କରୁଛି । ରାଜ୍ୟପାଳ ସମ୍ବିଧାନ ତଥା ଆଇନ ବିଶେଷଜ୍ଞଙ୍କର ପରାମର୍ଶ ନେଇ ଯାହା କିଛି ପଦକ୍ଷେପ ନେବେ । ଉପସ୍ଥିତ ସଙ୍କଟ ଦୂର କରାଯାଇ ଖଣିସମୃଦ୍ଧ ରାଜ୍ୟରେ ବିକାଶ ସ୍ୱାର୍ଥରେ ସହାୟକ ପରିବେଶ ସୃଷ୍ଟି କରିହେବ, ତାହା ସମସ୍ତଙ୍କର ଧ୍ୟେୟ ହେବା ଉଚିତ । ଆଗକୁ ୨୦୨୪ ନିର୍ବାଚନ ଥିବାରୁ ସମସ୍ତଙ୍କୁ ସଚେତନ ରହି ସୁରକ୍ଷିତ କର୍ତ୍ତବ୍ୟ ସମ୍ପାଦନରେ ବ୍ରତୀ ହେବା ସମୀକ୍ଷକ ମହଲ ଆଶା ରଖିଛନ୍ତି ।

## ଅଦାଲତ ଅପରାଧ ଏବଂ ପୀଡିତ



ଗୋପାଳ ମହାପାତ୍ର

ଦିଲ୍ଲୀର ବିଜ୍ଞାନ ଭବନଠାରେ ଗତ ଜୁଲାଇ ମାସ ୩୦ ତାରିଖ ଦିନ ରାଷ୍ଟ୍ରୀୟ ନ୍ୟାୟିକ ସେବା ପ୍ରାଧିକରଣ ପକ୍ଷରୁ ଅଖିଳ ଭାରତୀୟ ଜିଲ୍ଲା ନ୍ୟାୟିକ ସେବା ପ୍ରାଧିକରଣର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନ୍ୟାୟ ବ୍ୟବସ୍ଥାକୁ ସୁଗମ ଓ ସରଳ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ । ସେହିପରି ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ଏନ୍.ବି. ରମଣା କହିଥିଲେ ଯେ ନ୍ୟାୟ ବ୍ୟବସ୍ଥା ସୂଚାରୁ ରୂପେ ଚାଲି ପାରୁନଥିବାରୁ ଦେଶର କମ୍ ଲୋକ ବା ନାଗରିକ ନ୍ୟାୟାଳୟରେ ପହଞ୍ଚୁଛନ୍ତି । ପ୍ରଧାନମନ୍ତ୍ରୀ ଓ ଦେଶର ପୂର୍ବତନ ପ୍ରଧାନ ବିଚାରପତିଙ୍କ ଏଭଳି ମନ୍ତବ୍ୟ ପଛର ମୁଖ୍ୟ କାରଣ ହେଉଛି ନ୍ୟାୟ ବ୍ୟବସ୍ଥାରେ ନ୍ୟାୟ ମିଳିବାରେ ବିଳମ୍ବ ଏବଂ ବିଳମ୍ବ କାରଣରୁ ପକ୍ଷମାନଙ୍କୁ ନ୍ୟାୟାଳୟକୁ ଦୌଡ଼ି ଅତିଷ୍ଠ ହେବାକୁ ପଡୁଛି । ଏହି କାରଣରୁ ଦେଶର ଜନସାଧାରଣ ବ୍ୟଥିତ ଏବଂ ଦୁଃଖିତ ମଧ୍ୟ । ଦେଶର ଆଇନ୍ ମନ୍ତ୍ରୀ ଏହି ବୈଠକରେ ଉପସ୍ଥାପନ କରିଥିବା ତଥ୍ୟ ଅନୁସାରେ ଏବେ ଦେଶର ବିଭିନ୍ନ ନ୍ୟାୟାଳୟମାନଙ୍କରେ ବିଗତ ୫ ବର୍ଷରେ ଲମ୍ବିତ ହୋଇପଡ଼ିଥିବା ମାମଲାର ସଂଖ୍ୟା ୪ କୋଟିରୁ ୭ କୋଟିରେ ପହଞ୍ଚିଲାଣି । ଆମ ଦେଶରେ ନ୍ୟାୟାଳୟମାନଙ୍କରେ ବ୍ରିଟେନ୍ ଆଦି ଦେଶର ନ୍ୟାୟାଳୟମାନଙ୍କ ଅପେକ୍ଷା ଅଧିକ ମାମଲାର ଶୁଣାଣି ହେଉଛି । କେନ୍ଦ୍ର ଆଇନ୍ ମନ୍ତ୍ରୀ କିରେନ୍ ରିଜୁଙ୍କ ଅନୁସାରେ ଇଂଲଣ୍ଡରେ ଜଣେ ବିଚାରପତି ଦିନକୁ ୩/୪ଟି ମାମଲା ବିଚାର କରିଥାଆନ୍ତି । କିନ୍ତୁ ଆମ ଦେଶର ବିଚାରପତିମାନେ ଦୈନିକ ୩୦ ରୁ ୪୦ ମାମଲା ଶୁଣାଣି କରିଥାଆନ୍ତି । ଅର୍ଥାତ୍ ଆମ ଦେଶର ବିଚାରପତିମାନଙ୍କ ଉପରେ କାର୍ଯ୍ୟଭାର ମଧ୍ୟ ଅଧିକ । ଦେଶରେ ଲମ୍ବିତ ହୋଇପଡ଼ିଥିବା ମାମଲା ମଧ୍ୟରୁ ୮୭ ପ୍ରତିଶତ ମାମଲା ନିମ୍ନ ଅଦାଲତମାନଙ୍କରେ ପଡ଼ିରହିଛି । ୧୨ ପ୍ରତିଶତ ମାମଲା ରାଜ୍ୟମାନଙ୍କର ଉଚ୍ଚନ୍ୟାୟାଳୟ ମାନଙ୍କରେ ବିଚାର ପାଇଁ ଲମ୍ବିତ ହୋଇ ରହିଛି । ଲୋକ ଅଦାଲତ ମାଧ୍ୟମରେ ଅନେକ ମାମଲାର ବିଚାର କରାଯାଉଛି, ହେଲେ ମଧ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରୁନାହିଁ । ୪ କୋଟି ୩୩ ଲକ୍ଷ ମକଦ୍ଦମାର ଦୀର୍ଘଦିନ ହେବ ବିଚାର ନ ହୋଇ ପଡିରହିଛି । ଆର୍ଥିକ ଅପରାଧର ତଦନ୍ତ ପାଇଁ ଅନେକ ସମୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଡଉ କରୁଛି ଏବଂ ମାମଲା ଦାଏର କରୁଛି କିନ୍ତୁ ତଥ୍ୟ ଅନୁସାରେ ଇଡି ପକ୍ଷରୁ ଦାଏର କରାଯାଉଥିବା ମାମଲାରେ ଦଣ୍ଡ ପାଉଥିବା ଲୋକଙ୍କ ସଂଖ୍ୟା ମାତ୍ର ୦.୫ ପ୍ରତିଶତ ।

ଅଦାଲତ ବା ନ୍ୟାୟାଳୟ ସେତିକି ବେଳେ ନ୍ୟାୟ ଦେଇପାରିବ ଯେତେବେଳେ କାର୍ଯ୍ୟକାଳିକା ଅପରାଧର ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ କରିବ। ଅର୍ଥାତ୍ କାର୍ଯ୍ୟପାଳିକା ଅପରାଧର ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ କରିବ । କାର୍ଯ୍ୟପାଳିକା ଉପସ୍ଥାନ କରିଥିବା ସାକ୍ଷ୍ୟ ପ୍ରମାଣ ନ୍ୟାୟାଳୟରେ ଦାଖଲ କରିବାରେ ବିଳମ୍ବ କରିଥାନ୍ତି । ଏହି କାରଣରୁ ଅପରାଧିକୁ ଦଣ୍ଡ ଦେବା ବା ମାମଲାର ବିଚାର ମଧ୍ୟ ବିଳମ୍ବିତ ହୋଇଥାଏ । ଗଣମାଧ୍ୟମ ଅନେକ ସମୟରେ କାର୍ଯ୍ୟପାଳିକାର ଏଭଳି ବେପରୁଆ କାର୍ଯ୍ୟ ଉପରେ ଆଲୋକପାତ କରିଥାଏ, କିନ୍ତୁ ଗ୍ରାମାଞ୍ଚଳରେ ଘଟୁଥିବା ଘଟଣା ଅନେକ ସମୟରେ ଚପିଯାଇଥାଏ । ଅବ୍ୟବସ୍ଥା, ଚାପ ଏବଂ ଭୋଟ ବ୍ୟାଙ୍କ ରାଜନୀତି କାରଣରୁ ଅନେକ କ୍ଷେତ୍ରରେ କାର୍ଯ୍ୟପାଳିକାର ଅନ୍ୟତମ ଅଙ୍ଗ ପୋଲିସ୍ ମଧ୍ୟ ପ୍ରଭାବିତ ହୋଇଥାଏ । ଏପରିକି ଅନେକ କ୍ଷେତ୍ରରେ ପୀଡିତଙ୍କୁ ଟାର୍ଗେଟ କରିଥାଏ ଅଥବା ମୁକଦର୍ଶକ ହୋଇ ରହିଯାଏ । ଏଭଳି କାରଣରୁ ପୀଡିତଙ୍କୁ ନ୍ୟାୟଳୟର ଦ୍ୱାରସ୍ଥ ହେବାକୁ ପଡ଼ିଥାଏ । ଅନେକ ସମୟରେ ପୋଲିସ୍ ରାଜନେତା, ସାମର୍ଥ୍ୟବାନ ଲୋକଙ୍କ ଚାପରେ ନୀରବ ରହିଥାଏ ଏବଂ ଅପରାଧର ତଥ୍ୟ ପ୍ରମାଣ ନ୍ୟାୟାଳୟଙ୍କ ସମ୍ମୁଖରେ ଉପସ୍ଥାପନ କରିବାରେ ବିଳମ୍ବ କରିଥାଏ । ଏଥିପାଇଁ ମାମଲାର ବିଚାର ମଧ୍ୟ ବିଳମ୍ବିତ ହୋଇଥାଏ ।

ବିଚାରର ବିଳମ୍ବ କାରଣରୁ ଅପରାଧି ମାମଲା ଦାଏର କରିଥିବା ଲୋକ ଉପରେ ମାମଲା ପ୍ରତ୍ୟାହାର କରିନେବା ପାଇଁ ଚାପ ମଧ୍ୟ ପକାଇଥାଏ ଏପରିକି ସାକ୍ଷୀମାନଙ୍କୁ ପ୍ରଭାବିତ କରିଥାଏ । ଅନ୍ୟପକ୍ଷରେ ଅନେକ ସମୟରେ ଓକିଲମାନେ ମାମଲାକୁ ବିଳମ୍ବିତ କରିଦେଇଥାନ୍ତି ଓ ତାରିଖ ପରେ ତାରିଖ ନେଇଥାନ୍ତି । ନ୍ୟାୟ ବ୍ୟବସ୍ଥା ସୁଚାରୁ ରୂପେ ଚାଲିନପାରିବା କାରଣରୁ ସାମାଜିକ ବାତାବରଣ ମଧ୍ୟ ପ୍ରଭାବିତ ହୋଇଥାଏ । ଦେଶ ସ୍ୱାଧୀନ ହେବା ପରେ ଦେଶର ନାଗରିକମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ସମ୍ବିଧାନ ଏବଂ ନ୍ୟାୟ ବ୍ୟବସ୍ଥାକୁ ଉଦାରବାଦୀ କରାଯାଇଥିଲା । ଏଥିରେ ସାକ୍ଷ୍ୟ ପ୍ରମାଣ ପ୍ରସ୍ତୁତ କରିବା ପାଇଁ ଏବଂ ଅଭିଯୁକ୍ତ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇଛି । କିନ୍ତୁ ଦେଶର ଦୁର୍ଭାଗ୍ୟ ଯେ ଏସବୁ ପ୍ରାବଧାନର ବ୍ୟାପକ ଦୁରୁପଯୋଗ କରାଯାଉଛି । ଏଣୁ ପ୍ରଧାନମନ୍ତ୍ରୀ ଏବଂ ପୂର୍ବତନ ପ୍ରଧାନ ବିଚାରପତି ଯାହା କହିଛନ୍ତି ତାହା ଠିକ୍ ନିଶ୍ଚୟ ।

ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପୂରଣ ହୋଇଛି । ଏବେ ସମୟ ଆସିଛି ଯେ ଆଧାରଭୂତ ଢାଞ୍ଚା ସହ ଦେଶର ନ୍ୟାୟ ବ୍ୟବସ୍ଥାକୁ କିପରି ସୁଧୁରାଯାଇପାରିବ ସେ ବାବଦରେ ନ୍ୟାୟପାଳିକା ପଦକ୍ଷେପ ନେବା ଉଚିତ୍ । ଯାହାଫଳରେ ସାଧାରଣ ନାଗରିକଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ । ଏ ଦିଗରେ କାର୍ଯ୍ୟପାଳିକାର ଦାୟିତ୍ୱ ମଧ୍ୟ ଅଧିକ ରହିଛି । ଏମାନଙ୍କୁ ଉତ୍ତରଦାୟୀ ମଧ୍ୟ କରାଯିବା ଉଚିତ୍ । ଏମାନଙ୍କ ଉପରେ ଉତ୍ତରଦାୟୀତ୍ୱ ନ୍ୟସ୍ତ କରାଗଲେ ଏମାନେ ଅପରାଧକୁ ନିୟନ୍ତ୍ରଣ କରିବାରେ ଅଧିକ ତତ୍ପର ହେବେ । ସର୍ବୋପରି ଯେମିତି ଆଇନ୍‌ରେ ଥିବା ପ୍ରାବଧାନର ଦୁରୁପଯୋଗ ନ ହେବ ସେଥିପାଇଁ ମଧ୍ୟ ଆଇନ୍‌ରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି । ବୈଷୟିକ ଜ୍ଞାନ କୌଶଳ ବା ଟେକ୍‌ନିକ୍‌ର ଉପଯୋଗରେ ଶ୍ରମ, ସମୟ ଓ ଅର୍ଥ ମଧ୍ୟ ସଞ୍ଚୟ ହୋଇପାରିବ । ଏଥିପାଇଁ ନ୍ୟାୟ ପ୍ରଣାଳୀକୁ ଆଧୁନିକ ରୂପ ଦେବାପାଇଁ ସୂଚନା ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ମଧ୍ୟ କରାଯାଇପାରିବ ।

♥ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

## ନେତା ଭ୍ରଷ୍ଟ ହେଲେ ଜନତା ଭ୍ରଷ୍ଟ



ଅଧ୍ୟାପକ ଗୋପବନ୍ଧୁ

'ଯେମିତି ରାଜା, ସେମିତି ପ୍ରଜା' ଏକ ବହୁ ପରୀକ୍ଷିତ ପ୍ରବଚନ। ରାଜାଙ୍କୁ ପ୍ରଜାମାନେ ଅନୁସରଣ କରିବା ସ୍ୱାଭାବିକ। ରାଜାଙ୍କ ହାବଭାବ, ଚାଲିଚଳନ, କଥାବାର୍ତ୍ତା, ଆଚାର ବ୍ୟବହାର ଏପରିକି ଚିନ୍ତାଦର୍ଶନକୁ ପ୍ରଜାମାନେ ଅନୁସରଣ କରୁଥିଲେ। ଅତୀତର ରାଜତନ୍ତ୍ର ହଟି ଏବେ ଗଣତନ୍ତ୍ର ଆସିଛି। ଏବେ ବଡ ନେତାମାନେ ଯେଉଁମାନେ ଉଚ୍ଚ ସାମ୍ବିଧାନିକ ପଦପଦବୀରେ ଅଛନ୍ତି ସେମାନେ ରାଜାର ସ୍ଥାନ ନେଇଛନ୍ତି। ରାଜତନ୍ତ୍ରରେ ଜନସାଧାରଣ ଯେଉଁପରି ରାଜାଙ୍କୁ ଆଦର୍ଶ ବୋଲି ଭାବୁଥିଲେ, ଗଣତନ୍ତ୍ରରେ ଲୋକମାନେ ନେତାଙ୍କୁ ଆଦର୍ଶ ବୋଲି ଭାବନ୍ତି। ରାଜା ଭଲହେଲେ ପ୍ରଜାମାନେ ମଧ୍ୟ ଭଲ ହେଉଥିଲେ ଓ ରାଜା ଖରାପ ହେଲେ ପ୍ରଜାମାନେ ମଧ୍ୟ ଖରାପ ହେଉଥିଲେ। ଏହାର କାରଣ ହେଉଛି ଜଣେ ଖରାପ ରାଜାର ଶାସନ ବ୍ୟବସ୍ଥା ତଦନୁଯାୟୀ ଖରାପ ହେଉଥିଲା। ଶାସନ ବ୍ୟବସ୍ଥା ଖରାପ ହେଲେ ପ୍ରଜାମାନେ ମଧ୍ୟ ସେହି ଢାଞ୍ଚାରେ ନିଜକୁ ପକାଉ ଥିଲେ। ଅନ୍ୟପକ୍ଷରେ ରାଜା ଭଲହେଲେ ଶାସନ ବ୍ୟବସ୍ଥା ଭଲ ହେଉଥିଲା ଓ ପ୍ରଜାମାନେ ମଧ୍ୟ ଭଲ ହେଉଥିଲେ। ତେଣୁ କୁହାଯାଉଥିଲା ରାଜା ଗୁଣେ ପ୍ରଜା।

ଗଣତନ୍ତ୍ରରେ ଜଣେ ମିଛୁଆ ଉଚ୍ଚ ଆସନରେ ବସିଲେ ନାଗରିକମାନେ ମଧ୍ୟ ମିଛର ଆଶ୍ରୟ ନିଅନ୍ତି। ଜଣେ ଭ୍ରଷ୍ଟାଚାରୀ ଉଚ୍ଚ ଆସନରେ ବସିଲେ ଭ୍ରଷ୍ଟାଚାର ଶାସନ ବ୍ୟବସ୍ଥାର ଅନ୍ତର୍ଗତ ହୋଇଯାଏ। ପ୍ରତ୍ୟେକ ବ୍ୟବସ୍ଥାକୁ ଭ୍ରଷ୍ଟାଚାର ବ୍ୟାପିଯାଏ। ସାଧାରଣ ଜନତା ମଧ୍ୟ ଏଥିରେ ଅଭ୍ୟସ୍ତ ହୋଇଯାନ୍ତି। କ୍ରମେ ଏହା ସାମାଜିକ ବ୍ୟବସ୍ଥାର ଅଙ୍ଗ ହୋଇଯାଏ। ଅନ୍ୟ ପକ୍ଷରେ ଜଣେ ସ୍ୱଚ୍ଛୋଟ ଲୋକ ଉଚ୍ଚ ଆସନରେ ବସିଲେ ଦେଶରେ ସ୍ୱଚ୍ଛୋଟତା ବ୍ୟାପେ। ଭ୍ରଷ୍ଟାଚାରକୁ ବିରୋଧ କରୁଥିବା ଜଣେ ଲୋକ ଏପରି ଆସନରେ ବସିଲେ ଭ୍ରଷ୍ଟାଚାର ହ୍ରାସ ପାଏ। ପ୍ରଶାସନ ମଧ୍ୟ ଭ୍ରଷ୍ଟାଚାର ମୁକ୍ତ ହୁଏ। ଫଳରେ ପ୍ରତ୍ୟେକ ବ୍ୟବସ୍ଥା ମଧ୍ୟରେ ସ୍ୱଚ୍ଛୋଟତା ଦେଖାଦିଏ। ସେହି ମର୍ମରେ କୁହାଯାଇପାରେ ନେତା ସାଧୁ ହେଲେ ଜନତା ମଧ୍ୟ ସାଧୁ ହେବେ। ନେତା ଯେଉଁ ଗୁଣର ହେବେ ଜନତା ନିଜକୁ ସେହି ଢାଞ୍ଚାରେ ପକାଇବାକୁ ଚେଷ୍ଟା କରିବେ। କାରଣ ଏ କଥା ସମସ୍ତଙ୍କୁ ଜଣା ଯେ ପରିବ୍ୟାପ୍ତ ଭ୍ରଷ୍ଟ ବ୍ୟବସ୍ଥା ମଧ୍ୟରେ ସାଧୁ ଲୋକଟେ ତିଷ୍ଠିରହିବା କଷ୍ଟକର ବ୍ୟାପାର। ତାକୁ ତଳି ତଳାନ୍ତ ହେବାକୁ ପଡେ।

ପୂର୍ବେ ରାଜତନ୍ତ୍ର କାଳରେ ରାଜପୁତ୍ରମାନଙ୍କୁ ଶ୍ରେଷ୍ଠଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଥିଲା। ସାମରିକ ଶିକ୍ଷା ସହିତ, ଦର୍ଶନ, ନୈତିକତା, କଳା ଓ ସ୍ଥାପତ୍ୟ ଉପରେ ତାଙ୍କୁ ଯଥେଷ୍ଟ ଜ୍ଞାନ ପ୍ରଦାନ କରାଯାଉଥିଲା । ଉଦ୍ଦେଶ୍ୟ ଥିଲା ତାଙ୍କୁ ଜଣେ ଜଣେ ସୁଶାସକ ବନାଇବା। ତାଙ୍କ ମଧ୍ୟରେ ସତ୍ୟ, ନ୍ୟାୟ ଓ ଭାତୃତ୍ୱଭାବର ଭାବନାକୁ ଅଙ୍କୁରିତ କରିବାପାଇଁ ଭରପୁର ଚେଷ୍ଟାକରା ହେଉଥିଲା । ଜ୍ଞାନୀ ରାଜାମାନେ ସର୍ବଦା ଚେଷ୍ଟା କରୁଥିଲେ ପ୍ରଜାମାନେ କିପରି ସୁଖମୟ ଜୀବନ ଯାପନ କରିବେ । ସେମାନେ ସର୍ବଦା ଚେଷ୍ଟା କରୁଥିଲେ ସମସ୍ତଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ । ଏହା ଭିନ୍ନକଥା ଥିଲା ଯେ ରାଜାମାନେ ଯୁଦ୍ଧ କରୁଥିଲେ। ଅନେକ ସମୟରେ ସେମାନେ ଏଥିପାଇଁ ବାଧ ହେଉଥିଲେ। ମୋଟାମୋଟି ଉପରେ ଦେଖିବାକୁ ଗଲେ ରାଜତନ୍ତ୍ର କାଳରେ ସାମାଜିକ ଜୀବନ ଶୃଙ୍ଖଳିତ ଥିଲା ଓ ସାଧୁତାକୁ ସମାଜରେ ଗୁରୁତ୍ୱ ଦିଆହେଉଥିଲା।

ନିଶ୍ଚିତରୂପେ ଗଣତନ୍ତ୍ର ଶ୍ରେଷ୍ଠ ଶାସନ ବ୍ୟବସ୍ଥା। ହେଲେ ଏହା ଠିକଭାବେ ନିୟନ୍ତ୍ରିତ ନହେଲେ ଏହାର ନାକାରାତ୍ମକ ଦିଗଗୁଡିକ ପ୍ରାଧାନ୍ୟ ବିସ୍ତାର କରେ। ଏହି ଶାସନ ବ୍ୟବସ୍ଥା ଜନସାଧାରଣଙ୍କ ମତ ଅନୁସାରେ ଗଠିତ ହୁଏ। ଯେଉଁମାନେ ଲୋକପ୍ରତିନିଧି ହେବେ ସେମାନେ ସ୍ୱଚ୍ଛୋଟ, ସାଧୁ ଓ ବିଜ୍ଞ ବ୍ୟକ୍ତି ହେବା ଆବଶ୍ୟକ। ଏହି ପ୍ରକାର ଲୋକଙ୍କୁ ସାଧାରଣ ଜନତା ବାଛିବା ଜରୁରୀ। ଭ୍ରଷ୍ଟାଚାରୀ, ମୂର୍ଖ ଓ ଅସାଧୁମାନେ ନିର୍ବାଚିତ ହୋଇଆସିଲେ ଗଣତନ୍ତ୍ର ଦିଗହରା ହୋଇଯାଏ। ଜଣେ ମୂର୍ଖ କାହୁଁ ବୁଝିବ ଶିକ୍ଷାର ମୂଲ୍ୟ। ତେଣୁ ସେ ଚାହିଁବ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ହେଉ ଓ ଲୋକମାନେ ତାଙ୍କପରି ମୂର୍ଖ ରହନ୍ତୁ। ଏମାନେ ଧର୍ମ, ଜାତି ଓ ଅଞ୍ଚଳ ନାମରେ ସମାଜକୁ ଭାଗଭାଗ କରନ୍ତି। ଜାତୀୟ ଐକକୁ ନଷ୍ଟ କରନ୍ତି। ଭୋଟପାଇଁ ଏମାନେ ସବୁ କରିପାରନ୍ତି। ଜଣେ ଭ୍ରଷ୍ଟାଚାରୀ ଲୋକପ୍ରତିନିଧି ଚାହିଁବ ଅଧିକରୁ ଅଧିକ କେତେ ଅର୍ଥକୁ ଆତ୍ମସାତ୍ କରାଯାଇପାରେ। ଲୋକମାନଙ୍କୁ କେତେ ଶୋଷଣ କରାଯାଇ ପାରେ। ବେଳେବେଳେ ଦଳେ ଲାଭଖୋରୀ ପୁଞ୍ଜିପତି ବୋଲକରା ଭ୍ରଷ୍ଟାଚାରୀକୁ ଉଚ୍ଚ ଆସନରେ ବସାଇବା ପାଇଁ ବିପୁଳ ଅର୍ଥ ଖଟାନ୍ତି ଏବଂ ଜିତିଗଲା ପରେ ଇଚ୍ଛା ମୁତାବକ ଲକ୍ଷ ଲକ୍ଷ କୋଟି ଟଙ୍କା ସରକାରଙ୍କଠାରୁ ବିଭିନ୍ନ ଆଳରେ ମାରି ନିଅନ୍ତି। ରାଜନୀତି ବି ତାଙ୍କ ପାଇଁ ବେପାରରେ ପରିଣତ ହୁଏ।

ବଡନେତା ଭ୍ରଷ୍ଟାଚାରୀ ଓ ଅବିବେକୀ ହେଲେ ଛୋଟ ନେତାମାନେ ବାଦ୍ ପଡ଼ିବେ କାହିଁକି। ସେମାନେବି ସମାନ ଢାଞ୍ଚାରେ ପଡ଼ନ୍ତି। ରାଜନୈତିକ ବ୍ୟବସ୍ଥା ଯେତେବେଳେ କଳୁଷିତ ହୋଇଯାଏ, ପ୍ରାଶାସନିକ ବ୍ୟବସ୍ଥା ମଧ୍ୟ କଳୁଷିତ ହୋଇଯାଏ। ଶାସାକ ଓ ପ୍ରଶାସକ ମଧ୍ୟରେ ବୁଝାମଣା ହୋଇଯାଏ ଅର୍ଥ ଆତ୍ମସାତ୍ କରିବାର। ଫଳରେ ନାନା ଅନିୟମିତତା ଦେଖାଦିଏ । ପ୍ରିୟାପ୍ରୀତି ତୋଷଣ ବଢେ । ଗୁଣ୍ଡା, ଧର୍ଷଣକାରୀ, ମାଫିଆ, କଳାବଜାରୀ ପ୍ରଭୃତି ଲୋକମାନେ କ୍ଷମତା ବଳୟକୁ ପଶିଆସନ୍ତି। କ୍ରମେ ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗେ। ଗଣତନ୍ତ୍ରର ସମସ୍ତ ସ୍ତମ୍ଭକୁ ଭ୍ରଷ୍ଟ ଲୋକମାନେ କବଳିତ କରିନିଅନ୍ତୁ ଓ ନିଜ ଇଚ୍ଛାର ଶାସନ ଚଳାନ୍ତି । ଗଣତନ୍ତ୍ର ଧ୍ୱଂସାଭିମୁଖୀ ହୁଏ। ଚାରିଆଡ଼େ ଅରାଜକତା ଦେଖାଦିଏ। ଭ୍ରଷ୍ଟାଚାରୀମାନେ ଜାଣିଜାଣି ଅରାଜକତା ସୃଷ୍ଟି କରନ୍ତି। ଫଳରେ ତାଙ୍କୁ ଏକଚ୍ଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ସହଜ ହୁଏ।

ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉଚ୍ଚ ସୋପାନକୁ ନେଇଯିବାକୁ ହେଲେ ଜନସଚେତନତା ବଢାଇବାକୁ ହେବ। ସମସ୍ତଙ୍କୁ ସତର୍କ ରହିବାକୁ ହେବ ଯେଉଁପରି ଭ୍ରଷ୍ଟାଚାରୀ, ଅସାଧୁ ଓ ନିମ୍ନ ବିଚାରଧାରାର ଲୋକମାନେ ସାମ୍ବିଧାନିକ ପଦପଦବୀକୁ ନଯାନ୍ତି। ଅନ୍ୟଥା ଏମାନେ ସାଧାରଣ ଜନତାଙ୍କ ଆଦର୍ଶ ବନିଯିବେ ଓ ସାଧାରଣ ଜନତା ମଧ୍ୟ ଏମାନଙ୍କୁ ଆଦର୍ଶ ଭାବି ଅନୁସରଣ କରିବା ଆରମ୍ଭ କରିବେ। ରାଜାଙ୍କ ଗୁଣେ ପ୍ରଜା ହେଲାପରି ଏହି ନେତାଙ୍କ ଗୁଣେ ପ୍ରଜା ବନିଯିବେ। ଆମ ଦେଶର ରାଜନୈତିକ ବ୍ୟବସ୍ଥା ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରିଛି। ମଦ, ମାଂସ, ଟଙ୍କା ବାଣ୍ଟି ଗଣତାନ୍ତ୍ରିକ ବିଚାରଧାରାକୁ ନଷ୍ଟ କରିଦେଇଛନ୍ତି। ଜନସାଧାରଣ ମଧ୍ୟ ପ୍ରଲୋଭନର ଶିକାର ହେଉଛନ୍ତି। ଭଲମନ୍ଦ ବିଚାର କରାଯାଉ ନାହିଁ। କିଏ କେତେଦେବ ତାହା ଭୋଟ ଦେବାର ମାନଦଣ୍ଡ ହୋଇଯାଇଛି। ଫଳରେ ଅର୍ଥବଳି ଓ ବାହୁବଳିମାନେ କ୍ଷମତା ଦଖଲକରି ନେଇଛନ୍ତି। ଗଣତନ୍ତ୍ରି ଧନତନ୍ତ୍ର ଓ ବଳତନ୍ତ୍ରରେ ପରିଣତ ହୋଇଛି ।

ଦେଶବାସୀଙ୍କୁ ପୁଣି ବୌଦ୍ଧିକ ଆନ୍ଦୋଳନକୁ ଓହ୍ଲାଇବାକୁ ପଡିବ। ଆଦର୍ଶ ଉପରେ ପ୍ରତିଷ୍ଠିତ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ କରିବାକୁ ପଡିବ। ସଚ୍ଚୋଟ, ଆଦର୍ଶବାଦୀ, ବିଜ୍ଞ ଓ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ଶାସକର ଆସନରେ ବସାଇବାକୁ ହେବ। ଯେଉଁମାନେକି ସାଧାରଣ ଜନତାଙ୍କ ପାଇଁ ପ୍ରେରଣାର ଉତ୍ସ ହେବେ ତଥା ଅନୁକରଣୀୟ ବ୍ୟକ୍ତିତ୍ୱ ମଧ୍ୟ ହେବେ। 'ରାଜା ଗୁଣେ ପ୍ରଜା' ଉକ୍ତିର ଯଥାର୍ଥତାରେ ପ୍ରତିପାଦନ ହେବ।

♥ଅବସରପ୍ରାପ୍ତ, ଦର୍ଶନ ବିଭାଗ, ବାରିପଦା, ମୟୁରଭଞ୍ଜ
ମୋ: ୭୦୦୮୯୭୬୧୮୦

## କବିତା କୋଣାର୍କ

### ବୁଝିବ ମୀମାଂସା ପଥେ

ଶରତ ଚନ୍ଦ୍ର ଜାଲି

ଦୁଃଖ ତ ଦେଇଛ ଅପାର ଠାକୁରେ
ସୁଖତ ଦେଇନ ଟିକେ
ସେଥିପାଇଁ ମତେ ସଂସାର ଭିତରେ
ନିନ୍ଦା କରିଲେଣି ଲୋକେ ।

ଦିବସ ଶର୍ବରୀ ସରିଯାଉଅଛି
ଯାତନାର କଷାଘାତେ
ଯହିଁଯାଏ ତହିଁ ଆଶା ମଉଳୁଛି
ଫେରିଛୁ ମୁଁ ଶୂନ୍ୟହାତେ ।

ଜୀବନ ଦୁଆରେ ଲୁହର ଝରଣା
ବହିଯାଏ ଅବିରତେ
ଭାଗ୍ୟ ଶୋଇଅଛି ଘନ ଅନ୍ଧକାରେ
କେମିତି ଗଢିଛ ମତେ ।

ତୃଷ୍ଣା ବ୍ୟାକୁଳିତ ହୃଦୟ ପଥରେ
ଭୋକର ଜୁଆର ଉଠେ
ସକାଳରୁ ସଂଜ ସଂଜରୁ ସକାଳ
ମିଳୁନାହିଁ ଅନ୍ନ ମୁଠେ ।

ମିଳୁଛି କେବଳ ମରୁ ମରୀଚିକା
କଣ୍ଟାର କୁହୁକ ଏତେ
ହାଡ, ମାଂସ, ଚର୍ମ ଦେହଧାରୀ ହୋଇ
ସହି ମୁଁ ପାରିବି କେତେ ?

କେଉଁ ମହାପାପ କରିଛି ଏପ୍ରାଣ
ମରିମରି ବଞ୍ଚେ ଏଠେ
ଭାବିଛ କି ଦେବ ନରକ ଯନ୍ତ୍ରଣା
ମରିଗଲା ପରେ ସେଠେ ।

ଦୁଃଖିଟିଏ କଲ ଦୁଃଖ କରୁନାହିଁ
ଭାସିଯାଏ କାଳ ସ୍ରୋତେ
ନିବେଦନ କଲେ ନିଦ ଭାଙ୍ଗୁନାହିଁ
କହିବି କେମିତି ତୋତେ ।

ତଥାପି ଭରସା ରଖିଛି ଅନ୍ତରେ
ଦୁଃଖଭରା ଏ ଜଗତେ
ଦୁଃଖିପାଇଁ ନିଶ୍ଚେ କରିବ ବିଚାର
ବୁଝିବ ମୀମାଂସା ପଥେ ।

♥ଶିକ୍ଷକ
ପଥରା, ଖଲ୍ଲିକୋଟ, ଗଂଜାମ
ମୋ-୮୨୪୯୫୩୪୨୭୪

### ପୀୟୁଷାୟନ !

ଯୁଧିଷ୍ଠିର କୁଅଁର

ମୋ ବାହାରେ କଣ ବା ଦେଖୁଛ ?
ଏତ ଦେହ ଶିଳାର କୃତ୍ରିମ କୋଣାର୍କ।
କସ୍ତୁରୀ ଖଚିତ ପ୍ରଳୟ ପ୍ରାଚୀର।
ଅପରୂପ ବିକୃତ ବର୍ଣ୍ଣାଳି,
ଇନ୍ଦ୍ରିୟ ଇନ୍ଦ୍ରଧନୁର ମାୟା ଜାଲ।
ଏଇ ମାୟା ଇଲାକାର
ଭିତରକୁ ଝାଙ୍କିଦେଖ-
ନୀରବ, ନିଶ୍ଚଳ, ନିର୍ଭୟ
ନିବୃତ ନିଳୟରେ
ମୁଁ ଦ୍ୱର ଅଣଚାଶ ପ୍ରାଣ ପବନ।
ତା'ର ବୟସ ବା କାହିଁ..
ଚିର ଯୁବା
କାମନା ବାସନାର କୁହୁକ କୁହୁତାନ।
ହର୍ଷ ଉନ୍ମାଦନାର ଉନ୍ମିଳିନ ବନ୍ୟା ।
ତାର-
ନା ସମ୍ପର୍କର ସତେଜତା ଅଛି,
ନା ସମ୍ପର୍କର ମୂଲ୍ୟ.. ।

ଆଉ ଟିକେ ନିରେଖି ଦେଖ
ଏ ଦେହ ଦେଉଳକୁ।
ତା'ର ହାତ ପାପୁଲିରେ
ପ୍ରଶଂସାର ପୁଳାପୁଳା ପାଉଁଶ।
ରକ୍ତଭିଜା ମୋହଗ୍ରସ୍ତ ମାଟିର ମହକ ।
ଶୋଷିତ ଶ୍ରାବଣର ଅଶ୍ରୁ ଭିଜା ରାତ୍ରୀ।
କୀର୍ତ୍ତି କବରୀରେ ଗୁନ୍ଥା
ବାସି ଫୁଲର ବାସ୍ନା ।
ସେ ଏକ ପାଗଳ ଭ୍ରମର।
ଆଶା ଆକାଂକ୍ଷାର ଆଗ୍ନେୟଗିରି।
ଅତୃପ୍ତ, ଅଶାନ୍ତ, ବିକ୍ଷିପ୍ତ
ବିନାଶକାରୀ ବର୍ଣ୍ଣମାଳା।
ନା ..ଆଖିରେ ପଢିହୁଏ..
ନା..ଅନୁଭବରେ ବାରିହୁଏ..।
ଲାଭ କ୍ଷତିର ଶେଷ ନିର୍ଯ୍ୟାସ ଯାହାର
ବିନାଶର ତରଳ ଉତ୍ତପ୍ତ ଲାଭ ।
ସେହି ଅଗ୍ନି ସ୍ଫୁଲିଙ୍ଗରେ ଶତଧା ବିଦିର୍ଣ୍ଣ
ମୋର ଚିର ଇପ୍ସିତ ଶାନ୍ତିର ଶୌଧ ।
ଦୟାର ନଦୀରେ ଉତ୍ତୁରି ଉଠୁଛି
ଧର୍ମ ଆଖିରୁ ଝରୁଥିବା
ଅବଶୋଷର ଲୁହର ବନ୍ୟା ।
ତାର କାଳ ଭଉଁରୀରେ
ନିକ୍ଷେସିତ ମୋର
ମାନବବାଦର କାଗଜ ନୌକା ।
ହେ ସତ୍ୟ ସନାତନି ଶକ୍ତି !
ଏ ପ୍ରଳୟର ପ୍ରଳମ୍ବାସୁରକୁ
ବିନାଶ କର..ବିଧ୍ୱଂସ କର ..
ବିସ୍ମୃତ ଗର୍ଭରେ ବିଲିନ କରି
ଆହୁତ କର..
ମୋର ଚୈତନ୍ୟମୟୀ
ଆହ୍ଲାଦିନୀ ଶକ୍ତିକୁ।
ଏ ଦେହ ମୋହ ଶ୍ମଶାନ ଘାଟରେ
ନିନାଦିତ ହେଉ
ଜାଗୃତିର ଆବାହନୀ ମନ୍ତ୍ର।
ଝଙ୍କୃତ ହେଉ
କାଳଜୟୀ ମହାମୃତ୍ୟୁଞ୍ଜୟୀ
ଚିନ୍ତା ଓ ଚେତନା।
ପ୍ରଣବର ପୀୟୁଷ ଭାବନା ।

♥ଡଗରପଡା,ବାଲେଶ୍ୱର
ମୋ: ୯୦୪୦୬୩୨୧୯୪

### ଦୁଃଖ ବିନାଶକ ଗଣେଶ ଠାକୁର

ସୁବ୍ରତ ମଲିକ

ଆଷାଢ଼ ସରିଲା ଶ୍ରାବଣ ସରିଲା
ଆସିଲା ଭାଦ୍ରବ ମାସ,
ଶରତ ଋତୁର ଆଗମନ ହେଲା
ସରିଯାଇଥିଲା ଚାଷ ।

ଦୁଃଖ ବିନାଶକ ଗଣେଶ ଠାକୁର
ଦେଖି ଏହି ଶୁଭ ବେଳା,
ମରତ ଧାମରେ ହେଲେ ଅବନୀତ
ଟିକିଏ ନ କରି ହେଳା ।

ମୂଷିକ ବାହନ ପିଠିରେ ବସିଣ
ଜଗତେ ଆସିଲେ ବୁଲି,
ଦେଖିଲେ ସବୁଠି ତାଙ୍କ ପାଇଁ ପୂଜା
ଭକ୍ତ କରେ ମନ ଖୋଲି ।

ଗାଆଁଠୁ ସହର ବିଦ୍ୟାଳୟ ଘର
ସବୁଆଡେ ସାଜ ସଜା,
ଶଙ୍ଖ ହୁଳହୁଳି ମନ୍ତ୍ର ଶୁଭୁଥିଲା
ବାଜୁଥିଲା ତୂରୀ ବାଜା ।

ପୂଜା ସରିଗଲା, ଭୋଗ ବଣ୍ଟା ହେଲା
ହେଲା ବିସର୍ଜନ କାଳ,
ଗୀତ ତାଳେ ତାଳେ, ନାଚିଲେ ସରବେ
ଭସାଣିକୁ କରି ଆଳ ।

ବିଦାୟ ବେଳରେ ହରଗୌରୀ ସୁତ
ସଭିଙ୍କୁ କଲ୍ୟାଣ କଲେ,
କହିଲେ ଏମିତି ମିଳିମିଶି ଥିଲେ
ବିପଦ ନ ପଡେ ଭଲେ ।

♥କୋରୁଆ, ଅସୁରାଳି, ଭଦ୍ରକ
ମୋ: ୭୦୦୮୩୧୫୯୧୬

### ଲୋଡା ନାହିଁ ଏ ସଂସାର

ଅନନ୍ତ କୁମାର

ଗଞ୍ଜଣା କଷଣ ସହି ପାରୁ ନାହିଁ
ଏ ମଣିଷ ଜନମ ପାଇ,
ଚିନ୍ତା କରି କରି ଗଲାଣି
ଶରୀର ରୋଗାକ୍ରାନ୍ତ ହେଇ,

ରବିର କିରଣ ପଡିଲେ ଧରାରେ
ସାଜେ ମୁଁ ମାନସିକ ରୋଗୀ
ରାତିର ଅନ୍ଧାରେ ଶୂନ୍ୟ କୋଠରୀରେ
ଅନୁତାପ କରେ ଭାଗ୍ୟକୁ ନିନ୍ଦି,

ଉପରକୁ ସିନା ଚହଟ ଚିକ୍କଣ ଶରୀର
ଓଠରେ ଚେନ୍ନାଏ ହସ
ଭିତରଟା ପୁରା ଜଳି ଜଳି
ହେଲାଣି ଅଙ୍ଗାର ପାଉଁଶ,

ଉପରକୁ ହସୁଛି ମିଛ ଅଭିନେତା ସାଜି
ସମାଜ ଆଗରେ ନିଇତି,
ଭିତରଟା ଖାଲି ଗୁମୁରି ଗୁମୁରି କାନ୍ଦେ
ଲୁହରେ ଭିଜେ ମୋ ଆଖି,


ଲୋକ ଦେଖାଣିଆ କହନ୍ତି ସଭିଏଁ
ସବୁ ଦିନେ ବଦଳିଯିବ,
କେହି ହେଲେ ଦିନେ ଭିତିରି କଥା
ପଚାରନ୍ତି ନାହିଁ ଦୁଃଖ,

ସହି ପାରୁ ନାହିଁ ଆଉ ନରକ ଯନ୍ତ୍ରଣା
ଏ ସଂସାର ଭିତରେ
ଚିଡା ଲାଗିଲାଣି ଏ ମଣିଷ ଜୀବନ
ଏ ମୋହ, ମାୟା ଜାଲାରେ

ଜୀଇଁ ପାରୁନି କି ମରି ପାରୁନି
ଘର ସଂସାରକୁ ଚାହିଁ,
କଲବଲ ହେଇ ଜଳି ମରୁଛି
ଯନ୍ତ୍ରଣା ଯୁଇରେ ଶୋଇ,


ଜୀବନ ପ୍ରଦୀପ ଲିଭେଇ ଦିଅ ପ୍ରଭୁ
ଚିର ନିଦ୍ରାରେ ଯିବି ଶୋଇ,
ଏ ଗଞ୍ଜଣା କଷଣ ସଂସାରକୁ
ଆଉ କେବେ ଫେରନ୍ତି ନାହିଁ ।

♥ତିହିଡି, ଭଦ୍ରକ
ମୋ: ୮୩୩୯୯୩୯୯୨୯






# ବୋଉ ଆଉ ନାଲି ପାଟ



## ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ୍

ପଡ଼ୋଶୀ ଘର ମୀନା ମାଉସୀଙ୍କ ନାଲି ରଙ୍ଗର ପାଟ ଲୁଗା ଦେଖି ବୋଉର ଆଖିରେ ଲୁହ ଜକେଇ ଆସେ। ଏଇ ନାଲି ରଙ୍ଗଟା ଯେ ତା'ର କେତେ ପ୍ରିୟ ! ବୋଉ ବାହା ହେଇ ଆସିଲା ବେଳେ ତା ବାପଘରୁ କାଳେ ଠିକ୍ ସେଇମିତି ନାଲି ରଙ୍ଗର ପାଟଟେ ଆଣିଥିଲା। କେତେ ସରାଗରେ ଟ୍ରଙ୍କରେ ସାଇତି ଥିଲା, ଯାନିଯାତ ହେଲେ ପିନ୍ଧିବ ବୋଲି ଶାଢ଼ୀଟିକୁ। କିନ୍ତୁ ଅନେଶତ ମସିହା ଧୋଇଦେଲା ଯେ ସବୁ କିଛି, ନଷ୍ଟ ହେଇଗଲା ସାଇତା ନାଲି ପାଟଟି ।

ଦୁଆର ବନ୍ଧ ପାଖରେ ମୁହଁ ଶୁଖେଇ ବସେ ବୋଉ, ବାପା ଘରକୁ ଫେରିବା ପର୍ଯ୍ୟନ୍ତ। ବୋଉର ଶୁଖିଲା ମୁହଁଟାକୁ ଦେଖି ସବୁ ବୁଝି ପାରନ୍ତି ବାପା, ଚିରା ପକେଟ୍‌ରୁ ଶୂନ୍ୟହାତ ନେଇ ଫେରିଲା ବେଳେ ଛେପ ଢୋକନ୍ତି ସେ, ଶୂନ୍ୟକୁ ଚାହିଁ ନିଜର ଅଭାବୀ ଜୀବନ କଥା ଭାବନ୍ତି। କିଛି ସମୟ ଏମିତି ନୀରବରେ ଚାଲେ, ବୋଉ ପୁଣି ସ୍ୱାଭାବିକ ହୁଏ।

କାହିଁ କେଉଁ କାଳରୁ ବାହା ହେଇ ଆସିଲାଣି ବୋଉ, ସୁଖ ବୋଲି ବୁଝିନି କିଛି ଅଥଚ ମାନି ନେଇଛି ସବୁ କିଛି। ଶାଶୁ ଶଶୁରଙ୍କଠୁଁ ଆରମ୍ଭ କରି ଦିଅର ନଣନ୍ଦ ଯାଏଁ ସମସ୍ତଙ୍କ ଦାୟିତ୍ୱ ଗ୍ରହଣ କରିଛି ଆଉ ଯଥାଯଥ ଭାବରେ ନିର୍ବାହ ବି କରିଛି। କେବେ କୌଣସି କଥାରେ ଜିଦ୍‌ଟେ ନଥାଏ ଅଥଚ ବର୍ଷ ବର୍ଷ ଦରପେଟ ହେଇ ସଞ୍ଚିଥିବା ଧନକୁ ମାନସିକ ଭାବେ ଦିଅଁ ଦେହରେ ଲଗେଇ ସେ ଅହୋଭାଗ୍ୟ ମଣୁଥଏ । ତା ଦୁଆର ମୁହଁରୁ କୋଉ ଭୋକିଲା ପେଟ କେବେ ଫେରି ଯାଇଥିବାର କେହି ଦେଖି ନାହାଁନ୍ତି। ଅଥଚ ସଉକ ବୋଲି ଶବ୍ଦଟେ ନଥାଏ ତା ଭାଷାକୋଷରେ କେବେବି। ଅଭାବୀ ସଂସାରଟା ଠିକ୍ ଏଇମିତି। ଅଭାବୀ ଲୋକର ଜୀବନ ସରିଯାଏ ହେଲେ ଅଭାବ ସରେନା। ଦୀର୍ଘ ବାଇଶ ବର୍ଷର ସଂସାର ଭିତରେ କେତେ ଥର ଦରପେଟ ହେଇ ଶୋଇଥିବ, କେତେ ମେଳା ମଉଛବ ଯାଇଥିବ ହେଲେ ବୋଉ ମନ ବୁଝେଇଥିବ ପୁଣି ଆସନ୍ତା ମେଳା ମଉଛବକୁ। ମେଳାରେ ବିଭିନ୍ନ ନାଲି ରଙ୍ଗର ପାଟ ସବୁ ନିରିଖେଇ ଦେଖୁଥିବ। ସେ ନାଲି ରଙ୍ଗର ପାଟ ପ୍ରତି ତାର କାହିଁ କେଜାଣି ଅହେତୁକ ଲୋଭ। ମେଳା ଜାଗାରେ ମେଳା ଚାଲିଥିବ କିନ୍ତୁ ତା ମନ ଥିବ ସେଇଠି। କିଣିବା ପାଇଁ ହାତରେ ଧରିବ ହେଲେ ଠିକ୍ ଦାମ୍ ଶୁଣିଦେବା ମାତ୍ରେ ଛେପ ଢୋକିବ, ରଙ୍ଗ ପସନ୍ଦ ହଉନି କହି ବାଟ କାଟିନେବ। ଘରକୁ ଫେରି ମନ କଥା ମନରେ ମାରୁଥିବ ପୁଣି ରହି ଯାଇଥିବା ଚିରା ଫଟା ଲୁଗା ସବୁ ଏକାଠି କରିବ। ଆଖିରେ ଦିଶୁନଥିବ ତଥାପି ଛୁଞ୍ଚିରେ ସୂତା ଭର୍ତ୍ତି କରି ସିଲାଉଥିବ ବାପାଙ୍କ ଜାମା, ଆମ ଜାମା ଆଉ ଶେଷରେ ତା'ର ଦୁଇଁ ଯାଇଥିବା ଶାଢ଼ୀ ଆଉ ବ୍ଲାଉଜ ମାନଙ୍କୁ। ତା ଚିରା ପଣତ ଫାଙ୍କରେ ସେ ଦେଖି ପାରେ ଜହ୍ନକୁ, ଖୁବ୍ ଖୁସି ହୁଏ ସେ। ଗୁଣୁଗୁଣୁ ହେଇ ଗାଏ କୋଉ ମାନ୍ଧାତା ଅମଳର ଗୀତ। ହଜିଯାଏ କିଛି ସମୟ ସେଇଠି।



ବାପା ଯେବେ ଯେବେ ସାହସ ଓ ଟଙ୍କା ଜୁଟାଇ ବୋଉକୁ ଲୁଗା କିଣିବାକୁ କହନ୍ତି ବୋଉ ହସେ ଆଉ କହେ, 'ମୋ ଟ୍ରଙ୍କ ସାରା ଗଦା ଗଦା ଲୁଗା ଆଉ ଲୁଗା ପୁଣି କଣ କରିବି ? ତା ଛଡ଼ା ଅମ୍ଭ ଆମର ବଡ଼ ହେଇଗଲେ କେତେ ରକମର ଶାଢ଼ୀ ଆଣି ଗଦେଇ ଦବ ଯେ ଜାଗା ନଥିବ ସାଇତିବାକୁ !'

ଏତକ ଏକା ନିଃଶ୍ୱାସରେ କହି ସାରି ଝରି ପଡୁଥିବା ଲୁହ ସବୁକୁ ସାତ ସିଆଁ ଲୁଗା କାନିରେ ପୋଛି ପକାଏ ବୋଉ, ଦୀର୍ଘ ଶ୍ୱାସ ଛାଡ଼ି ଥକ୍କା ମାରି ବସି ପଡ଼ନ୍ତି ବାପା।

ଏବେ ଯେବେ ଯେବେ ବର୍ଷା ହୁଏ, ମୋ ରୁମ୍‌ର ଝରକା ଖୋଲି ଦେଖେ ହଷ୍ଟେଲ ପାଖ ଗାର୍ଡେନର ଘାସ ଗାଲିଚା ଉପରେ ନାଲି ରଙ୍ଗର ପାଟ ପିନ୍ଧି ସଜେଇ ହେଇଥିବା ସାଧବ ବୋହୂ ପୋକଙ୍କୁ। ଭାରି ସୁନ୍ଦର୍ ଦିଶନ୍ତି ସେମାନେ। ମନେ ପଡ଼େ ବୋଉ ଆଉ ତା'ର ପ୍ରିୟ ନାଲି ରଙ୍ଗର ପାଟ ଶାଢ଼ୀ କଥା। ବୋଉ ପିନ୍ଧୁଥିବା ଦେହ ଲୁଚା ନଅ ହାତ ଶାଢ଼ୀର ପ୍ରତ୍ୟେକ ତନ୍ତୁରେ ବୁଣି ହେଇଥିବା ତା'ର ସଂଘର୍ଷର କାହାଣୀକୁ ଏକ ବିଡ଼ମ୍ବିତ ଉପନ୍ୟାସ କୁହା ଯାଇପାରେ କେବଳ।


ଆଜିକାଲି ବୋଉର ଦେହ ଆଉ ଭଲ ରହୁନି। ଅବସର ପରେ ବାପା ବି କେମିତି ଏକ ଅନ୍ୟମନସ୍କତାରେ ପ୍ରାୟ ସମୟରେ। ଏଇ ସବୁ ଦୁଃଖ ମଧ୍ୟରେ କେବଳ ଏକ ଆଶ୍ୱସ୍ତିର ଖବର ହେଉଛି ମୁଁ ଭୁବନେଶ୍ୱରରେ ଚାକିରିଟେ ପାଇ ପାରିଛି। ମହରଗ ଯୁଗରେ ଚାକିରି ମିଳିବା ଯେ କେତେ କଷ୍ଟ ତାହା କେବଳ ଅନୁଭବୀ ହିଁ ଜାଣେ। ବାପା ଫୋନ୍ କରନ୍ତି, ବୋଉର ବର୍ଷ ବର୍ଷ ଧରି ଲାଗି ରହିଥିବା ରୋଗଟା ହଠାତ୍ କେମିତି ଭଲ ହେଇଯାଇଛି ମୋ ଚାକିରୀ ପାଇବା ଖବର ଶୁଣି ବୋଲି ବାପା କହନ୍ତି। ଛାତି ତଳେ ଅନେକ ଯାତନାକୁ ଜମାଟ ବାନ୍ଧି, ମୋ ସଫଳତାରେ ଦୁହେଁ ବହୁତ ଖୁସି ତଥା ଗର୍ବିତ ବୋଲି କହନ୍ତି।

ଚାହୁଁ ଚାହୁଁ ମାସଟେ ବିତିଗଲା । ଦରମା ଗଣ୍ଡାକ ଆଜି ହାତ ମୁଠାକୁ ଆସିଛି। ରବିବାରିଆ ଦେଖି ଦଉଡ଼ି ଯାଇଛି ମାର୍କେଟ ବିଲ୍ଡିଂର ବୟନିକା ବସ୍ତ୍ର ଦୋକାନକୁ। ଭଳିକି ଭଳି ଶାଢ଼ୀ ସବୁ ଦେଖିଲା ପରେ ଖୋଜି ପାଇଛି ବୋଉର ବହୁ ପ୍ରତୀକ୍ଷିତ ତଥା ପ୍ରିୟ ନାଲି ରଙ୍ଗର ପାଟ ଶାଢ଼ୀକୁ। ବୋଉକୁ ଚମକେଇ ଦେବା ଉଦ୍ଦେଶ୍ୟରେ ବାପା ବୋଉଙ୍କୁ ନ ଜଣାଇ ଅଫିସ୍‌ରୁ ଏମର୍ଜେନ୍ସୀ ଛୁଟି ନେଇ ବାହାରିଗଲି ଗାଁ ଅଭିମୁଖେ।

ଅଗଣାରେ ସୋରିଷ ବୁଣି ହେଉନଥିବା ଭଳି ଲୋକଙ୍କ ଭିଡ଼। କିଏ ଅଦିନରେ ଝଡ଼ିଗଲା ବୋଲି କହି ବାହୁନୁ ଥିଲା ତ କିଏ ଭଗବାନଙ୍କ ଇଚ୍ଛା ବୋଲି କହି ଦେଉଥିଲା ସାନ୍ତ୍ୱନାମୂଳକ ବାଣୀ । କାହିଁକି କେଜାଣି ଅଜଣା ଆତଙ୍କରେ ପାଦ ଦୁଇଟି ଆଗକୁ ବଢ଼ିବାରୁ ବିରତ ହେଉଥାଏ ବାରମ୍ବାର। ତଥାପି ସାହସ ଯୁଟାଇ ଭିଡ଼ ଭାଙ୍ଗି ଆଗକୁ ଯାଉଥାଏ ମୁଁ, ହେଲେ ଯିବା ପରେ ଯାହା ଦେଖିଲି ସେଥିରେ ମୁଁ ନିର୍ବାକ ହେଇ ଛିଡ଼ା ହୋଇ ରହିଲି କେବଳ। ବୋଉ ମୋର ପରମ ଶାନ୍ତିରେ ଶୋଇଯାଇଛି କାହିଁ କେତେବେଳୁ। ପାଖରେ କୋକେଇ ବନ୍ଧା ଚାଲିଛି। ଦୁଆର ମୁହଁରେ ଖୁଣ୍ଟଟା ପରି ଛିଡ଼ା ହେଇ ବୋଉକୁ ଅପଲକ ନୟନରେ ଚାହିଁ ରହିଥିଲେ ବାପା। ନା କିଛି କହୁଥିଲେ ନା ଆଖିରୁ ଲୁହ ଗଡ଼ାଉଥିଲେ ସେ। ମୋ ଆଖିରୁ କିନ୍ତୁ ଲୁହ ମାନିଲାନି। ବୁଝି ପାରୁନଥାଏ କଣ ସବୁ ଚାଲିଛି ମୋ ଚତୁଃପାର୍ଶ୍ୱରେ। ଯେମିତି ଗୋଟେ ଉଲ୍କାପିଣ୍ଡ ପୃଥିବୀ ପୃଷ୍ଠରେ କଚାଡ଼ ହେଇ ପଡ଼ିଛି, ଆଉ ସବୁ ଆଡ଼େ ଖେଳି ଯାଇଛି ଆର୍ତ୍ତ କୋଳାହଳ।

ମୋ ସହରଟା ଏବେ ପୂରା ଅନ୍ଧାର। ବହୁତ କିଛି ଭାବି ଚାଲିଥିଲି ଆଉ ଅନୁଭବୀ ଚାଲିଥିଲି ପ୍ରକାଶ୍ୟରେ ଆଉ କିଛି ଅପ୍ରକାଶ୍ୟରେ। ଠିକ୍ କୋକେଇ ଉଠିଲା ବେଳେ ମୁଁ ପ୍ରକୃତିସ୍ଥ ହେଲି ଆଖିରୁ ଲୁହ ପୋଛିଲା ବେଳେ ମନେ ପଡ଼ିଲା ବୋଉ ପାଇଁ ସରାଗରେ କିଣି ଆଣିଥିବା ନାଲି ରଙ୍ଗର ପାଟ ଶାଢ଼ୀ କଥା। ବ୍ୟାଗ୍‌ରୁ କାଢ଼ି ସଯତ୍ନେ ପିନ୍ଧାଇ ଦେଲି ତା'ର ସ୍ୱପ୍ନର ପାଟ ଶାଢ଼ୀଟିକୁ ଆଉ ତାକୁ ଶେଷ ଥର ପାଇଁ ପ୍ରଣାମ କଲି। ସିନ୍ଦୂର, ଶଙ୍ଖାରେ ଶୋଭିତ ବୋଉ ମୋର ନାଲି ପାଟ ଶାଢ଼ୀଟିକୁ ପିନ୍ଧିଲା ପରେ ଜୀବନ୍ତ ପ୍ରତିମା ପରି ଦିଶିଲା ସିନା ହେଲେ ଦେହରେ ଜୀବନ ନଥିଲା ଆଉ। ମୋ ପାଇଁ ଦୁର୍ଭାଗ୍ୟ ଥିଲା ଏସବୁ ଭୋଗିବା। ବଞ୍ଚିଥିବା ବେଳେ ସାମାନ୍ୟ ଶାଢ଼ୀଟିଏ ପାଇଁ କେତେ ବାର ଚାହିଁ ଚାହିଁ ତା ଆଖିରୁ ଜଳକା ଶୁଖିଥିବ, ବାପାଙ୍କୁ ଅଳି କଲାବେଳେ କେତେଥର ତାଙ୍କ ପରିସ୍ଥିତି ଦେଖି ଶଙ୍କି ଯାଇଥିବ ସେକଥା କେବଳ ଭଗବାନ ଜାଣନ୍ତି, ହେଲେ ଥରୁଟେ ତାକୁ ଭୋଗିବା ପାଇଁ ଭାଗ୍ୟଟେ ନଥିଲା ତା'ର । ହାୟ ଜୀବନ ! ନାଲି ରଙ୍ଗର ପାଟ ଶାଢ଼ୀରେ ବୋଉ ମୋର ଦୂରରୁ ଠିକ୍ ଲାଲ୍ ଟୁକୁ ଟୁକୁ ସାଧବ ବୋହୂ ପରି ଦିଶୁଥିଲା। ଦୂରରୁ ରାମ ନାମ ଶୁଭିବା ସହ ଏକ ଯୁଗର ଅବସାନ ଘଟିଲା।

+ ସହଦେବଖୁଣ୍ଟା , ବାଲେଶ୍ୱର
ପିନ୍ - ୭୫୬୦୦୧
ମୋ: ୭୭୮୮୯୭୭୨୭୬



# ଆଧ୍ୟାତ୍ମ ଜୀବନକୁ ସଜାଡିଥାଏ

## ସମ୍ପର୍କର ରଙ୍ଗ

## ଶ୍ୱେତା ରାଉତ

ସମାୟାନୁସାରେ ଆମମାନଙ୍କର ରଚି ଖୁବ୍ ବ୍ୟଗ୍ରତାରେ ବଦଳିବାରେ ଲାଗୁଛି। ଖରାପ ପ୍ରତି ଆକର୍ଷଣ ବଢୁଛି ଏବଂ ଭଲ ପ୍ରତି ଆକର୍ଷଣ କମୁଛି। ସମସ୍ତେ କହୁଛନ୍ତି ଦୁନିଆ ଖରାପ ହୋଇଗଲାଣି, ଘୋର କଳିଯୁଗ ହେଲାଣି, ହେଲେ କଳିଯୁଗର ବିଷାକ୍ତ ବିଚାରକୁ କେହି ନିଜ ମନରୁ କାଢି ପାରୁନାହାନ୍ତି। ଟିଭିରେ କିମ୍ବା ମୋବାଇଲରେ ଉତ୍ତେଜକ ଦୃଶ୍ୟ ଦେଖି ଆଖି ତରାଟି ଘଣ୍ଟା ଘଣ୍ଟା ଦେଖିବାକୁ ଭଲ ଲାଗୁଛି, କିନ୍ତୁ ଭଜନ, କୀର୍ତ୍ତନ, ପ୍ରବଚନ ଦେଖିବାବେଳେ ବାରମ୍ବାର ହାଇ ଆସୁଛି, ସତେ ଯେମିତି ବଡ ବିରକ୍ତିକର ଲାଗେ ଆଧ୍ୟାତ୍ମିକ ଭାଷଣ ବା ପ୍ରବଚନ। କେତେଜଣଙ୍କୁ ତ ପ୍ରବଚନ ଶୁଣିବାବେଳେ ନିଦ ଚାଲି ଆସେ, କେତେ ବୋରିଂ ଲାଗେ ସତେ। ଆଜିକାଲି ଭଜନରେ ବି ସେ ମାଧୁର୍ଯ୍ୟଭରା ନମ୍ରଭାବର ସ୍ୱର, ସଙ୍ଗୀତର ଝଂକାର ବା ଲାଳିତ୍ୟ ନାହିଁ, ବରଂ ଡିଜେ ବାଜିବା ଭଳି ଧୂମଧାମରେ ଭଜନ ପରିବେଷଣ ହେଉଛି ।ସଙ୍ଗୀତ ସବୁବେଳେ ହୃଦୟକୁ ଛୁଇଁଥାଏ। ସଙ୍ଗୀତ ସାମବେଦରୁ ଗୃହୀତ ଆଧ୍ୟାତ୍ମର ଏକ ଅଂଶ। ସେଥିପାଇଁ ତ ସଙ୍ଗୀତ ମାଧ୍ୟମରେ ଆମେ ଇଶ୍ୱରଙ୍କ ଜଣାଣ କରିଥାନ୍ତି। ସଙ୍ଗୀତରେ ଯଦି ଲାଳିତ୍ୟ, ନମ୍ରତା, ମାଧୁର୍ଯ୍ୟ ଓ ଶାନ୍ତଭାବ ନ ରୁହେ ତାହା ଆମୋଦଦାୟକ ନହୋଇ ବିଚଳନ ସୃଷ୍ଟି କରିବ ଧମନୀରେ। ତେଣୁ ନିଜକୁ ସ୍ଥିର, ଶାନ୍ତ,କମନୀୟ ରଖିବାକୁ ହେଲେ ଆଧ୍ୟାତ୍ମବାଦୀ ହେବା ଖୁବ୍ ଜରୁରୀ।

ଜଣେ ଯେପର୍ଯ୍ୟନ୍ତ କାଚରେ ନିର୍ମିତ ଏକ ସୁନ୍ଦର ଉପହାରକୁ ଖୁବ୍ ଯତ୍ନରେ ସଜାଡି ରଖୁଥାଏ, ତା ପାଇଁ ସେଇ କାଚ ହିଁ ସର୍ବୋତ୍ତମ ବସ୍ତୁ ହୋଇଥାଏ। ସେହି ସ୍ଥାନରେ ଯେତେବେଳେ ହୀରାର ନିର୍ମିତ ଉପହାର ରଖିଦିଆଯାଏ, ସେ ଆପଣାଛାଏଁ କାଚକୁ ଛାଡି ହୀରା ପ୍ରତି ଆସକ୍ତ ହୋଇଥାଏ। ଆଧ୍ୟାତ୍ମ ଠିକ୍ ସେଭଳି ଗୋଟେ ହୀରା, ଯିଏ ଜୀବନକୁ ସର୍ବଦା ଚମକପ୍ରଦ କରି ରଖିଥାଏ। ଯେପର୍ଯ୍ୟନ୍ତ ମଣିଷ ଆଧ୍ୟାତ୍ମର ସ୍ୱାଦ ନପାଇଛି, ସେ ତାର ମହନୀୟତା ବୁଝିପାରିବ ନାହିଁ ଏବଂ ଆଧ୍ୟାତ୍ମ ତାକୁ ବୋଝ ଭଳି ମନେହେବ।

 କେହି ଏମିତି ବି ଭାବିପାରନ୍ତି ଯେ, ଆଧ୍ୟାତ୍ମିକ ବ୍ୟକ୍ତିଙ୍କୁ ଅନେକ କିଛି ଛାଡିବାକୁ ପଡେ ଯଥା-ମିଥ୍ୟା କହିବା, ଚୋରି ଡକାୟତି, ହତ୍ୟା-ଲୁଣ୍ଠନ, କାମନା-ବାସନା, ଆମିଷ ଭକ୍ଷଣ, ହିଂସା-ଦ୍ୱେଷ ଇତ୍ୟାଦି ଇତ୍ୟାଦି ଏବଂ ମଣିଷ ଯେତେବେଳେ ଏସବୁରେ ଅଭ୍ୟସ୍ତ ହୋଇଗଲାଣି, ଏସବୁ ତା ପାଇଁ ସହଜ ଓ ଆମୋଦଦାୟକ ବୋଲି ଭାବିନେଇଛି। ସେତେବେଳେ ଆମେ ଏସବୁ କୁଅଭ୍ୟାସ ଛାଡିବାକୁ କହିଲେ ସେ ବିରକ୍ତ ହେବା ଏବଂ ବୋଝ ମନେକରି ରାଗିବା ସ୍ୱାଭାବିକ। କାରଣ ସେ ଜାଣିଛି ଯେ ଆଧ୍ୟାତ୍ମ ଏକ ପ୍ରାକୃତିକ ଓ ଯୁକ୍ତାତ୍ମକ ଉର୍ଜା ଯାହା ଏଭଳି ଅସଂସ୍କାରକୁ ସ୍ୱୀକୃତି ଦିଏନାହିଁ। କିନ୍ତୁ କ୍ଷଣିକ ଆନନ୍ଦ ବା ଉତ୍ସାହ, ବିଳାସର ସୁଖ, ଜିଭର ସ୍ୱାଦ ଜୀବନର ପରମ ଆନନ୍ଦ ନୁହେଁ, ଏହା ମଣିଷକୁ ସଦା ସର୍ବଦା ସଂସାରରେ ଭ୍ରମିତ କରିଥାଏ। ତେଣୁ ଏସବୁକୁ ଛାଡିବାକୁ ପଡିବ ଭାବି ଭୟଭୀତ ହୋଇ ଆଧ୍ୟାତ୍ମଠୁ ଦୂରେଇ ନରହି



ବରଂ କେବଳ ଗୋଟିଏ କାମ କଲେ ବ୍ୟକ୍ତିକୁ କିଛି ଛାଡିବାକୁ ପଡିନଥାଏ, ତାହା ହେଲା ବିଚାରର ଶୁଦ୍ଧତା, ମନର ନିୟନ୍ତ୍ରଣ, ବିବେକର ସଠିକ ପରିଚାଳନା।

ଗୋଳିଆ ପାଣି ଭରିଥିବା ଗୋଟେ ଗ୍ଲାସରେ ବାରମ୍ବାର ସଫା ପାଣି ଭରି ଚାଲିଲେ, ତାହା ଆପେ ଆପେ ଶୁଦ୍ଧ ହୋଇ ହୋଇ ଯାଏ ଓ ଗୋଳିପାଣି ବାହାରି ଯାଇଥାଏ, ସେମିତି ଅନେକ ଅଳିଆ ଭରିଥିବା ଆମ ମସ୍ତିଷ୍କରେ ଯଦି ବୁନ୍ଦେ ବୁନ୍ଦେ ଶୁଦ୍ଧ ବିଚାର ଭରିଚାଲିବା ତାହା କ୍ରମଶଃ ସ୍ୱଚ୍ଛ ହୋଇଚାଲିବ। ମଣିଷ ଯେତେ ବିଳାସରେ ଥାଉନା କାହିଁକି ମାଟିରେ ହିଁ ତାର ଜନ୍ମ, ମାଟିରେ ହିଁ ତାର ଶେଷ ହୋଇଥାଏ ।ମୁଠେ ପାଉଁଷ ଯାହାର ପରିସମାପ୍ତି କରିଥାଏ, ସେଇ ଶରୀରର ସୁଖ ସୌହାର୍ଦ୍ଦ୍ୟ ପାଇଁ ସାମୟିକ ଆନନ୍ଦ ମୋହରେ ନିଜ ଚିତ୍ତସତ୍ତାକୁ ଚିହ୍ନି ନପାରି, ମାନବୀୟ ମହତ୍ତ୍ୱକୁ ବୁଝିବାକୁ ଚେଷ୍ଟା ନକରି ଇଶ୍ୱରଙ୍କ ଦାନ ଏ ଦୁର୍ଲ୍ଲଭ ଜୀବନର ସୁବିନିଯୋଗ ନକରି ଆମେ ଅସୁର ପ୍ରବୃତ୍ତି ପ୍ରତି ଆସକ୍ତ ହେବା, ମାୟା ମୋହ ପାଇଁ ପରସ୍ପରର ଶତ୍ରୁ ସାଜି ହତ୍ୟାକାରୀ ପାଲଟିଯିବା, ନିଜର ମହତ୍ତ୍ୱାକାଂକ୍ଷା ପାଇଁ ଅନ୍ୟର ସର୍ବନାଶ ଚିନ୍ତା କରିବା ଆଦୌ ଇଶ୍ୱରୀୟ ଗୁଣ ନୁହେଁ। ଏହା ପରମାତ୍ମାଙ୍କ ପ୍ରତି କଠୋର ଅସମ୍ମାନ। ତେଣୁ ଆଧ୍ୟାତ୍ମର ଅନୁଚର ହେଲେ ହିଁ ଆମେ ଆମର ପ୍ରକୃତ ଜୀବନର ରହସ୍ୟ ବୁଝିପାରିବା। ତଦନୁସାରେ ନିଜ ଜୀବନକୁ ସଜାଡି ପାରିବା।

+ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍, ଲକ୍ଷ୍ମୀସାଗର,
ଭୁବନେଶ୍ୱର
ମୋ:୯୪୩୯୭୨୬୦୬୦

# ପରିଚୟ

## ସୁମିତା ବେହେରା

କୁହ ତ
କେତେଥର ପୋଛିବାକୁ ହୁଏ
କାରୁକାମକରା ଆବରଣ
ମଉଳା ଲୁହର ଫୁଲ
ନିରାଭରଣ ଅନ୍ଧକାର ଭରା
ଶୂନ୍ୟତାର କ୍ଲାନ୍ତ ଉଚ୍ଚାରଣ ।
ମୋ ଭିତରେ କେହି କହୁଥାଏ
ମୁଁ ବଞ୍ଚିଛି ନା ମରି ସାରିଛି
ଆଦିଗନ୍ତ ଆଚ୍ଛାଦିତ ବତାସର ଇସାରାରେ
ସମୟକୁ ଅତିକ୍ରମି
ଦୁଃଖଠାରୁ ଦୂରତା ମାପୁଛି ।
ମୁଁ ବଦଳେ ନା ମୋ ଚାରିପାଖ
ମୁହୁର୍ମୁହୁ ନୂଆ ହେଉଥାଏ
ମନଗଢା ପୃଥିବୀରେ ମୋର
କୋଳାହଳ ନିଜେ ହୁଏ,
ଟୁକୁଡା ଟୁକୁଡା ଛାଇ
ନିରୁଦ୍ଦିଷ୍ଟ ହେବାପାଇଁ
କେତେକାଳୁ ଅପେକ୍ଷାରେ ଥାଏ ।
ଆଉ ଯାହା ଘଟେ
କେହି କେବେ ଭାବେ ନାହିଁ
କଣ ହୋଇଥିବ,
ବିଚରା ମୋ ଅନ୍ଧାର ର ଭୁଲତା ଉପରେ
ସଚରାଚର ବିସ୍ତାରୀ ଥିବା ସ୍ୱପ୍ନରେ
ନିଷ୍ଫଳ ସମ୍ଭାବନା ତକ
ଖଞ୍ଜି ଯାଇଥିବ ।
ତମର ବା ଯାଏ ଆସେ କେତେ
ହସ ପରି ହସ ନ ଦିଶିଲେ,
ନିହାତି ମାମୁଲି ଇର୍ଷାରେ
କହିଦେଇ ପାର
ମୁଁ କେବେଠୁ ମିଶି ସାରିଛି
ନିର୍ଗୁଣ ଏ ଯୁଦ୍ଧଭୂମିରେ ।

+ବାରିପଦା

# ମୁଁ ମଶାଣି

## ପୁଷ୍ପାଞ୍ଜଳି ମିଶ୍ର



ମୁଁ ମଶାଣି କହୁଛି
ନୁହେଁ ମୁଁ କାହାରି
ଜାଣେନା କାହା ଠିକଣା
କିଏ ପର ଆଉ କିଏ ନିଜର
କଳା ଗୋରା ଆଉ
ମୋଟା ପତଳା
କରେନି କାହାର ରୂପ ବର୍ଣ୍ଣନା
ଧନୀ ଗରିବର
ହିସାବ ରଖେନି
ରଖେ ଖାଲି ଯାହା ଶବ ଠିକଣା
ଧନ ମାନ ଯଶ
କାହାର କେତିକି
ରଖିନି ହିସାବ ତାର
ମଳି ମୁଣ୍ଡିଆ କି କୁବେର ପତି
ବୁଝିନି ଦିନେ ହେଲେ
ଗର୍ବ ଅହଙ୍କାର ମାନ ଅଭିମାନ
କିଛି ଲୋଡା ନାହିଁ ମୋର
ରଖେ ଖାଲି ଯାହା
ଶବର ଠିକଣା
ମୁଖାଗ୍ନିର ସେ ଭୟଙ୍କର ଦୃଶ୍ୟ
ସେ ବିକଳ କ୍ରନ୍ଦନ ସ୍ୱର
ରୋଗୀ ଭୋଗୀ ଆଉ
ଭକତ ପାପୀ ରଖିନି ତାର ହିସାବ
ମରଣ କେମିତି କାହିଁକି ହେଲା
ପଚାରି ବୁଝେନା ଥରେ
ଯାହା ଖାଲି ଦେଖେ
ଚାରିକାନ୍ଧରେ
ଶବର କୋକେଇ ଆସେ
ଅଯଥା କଥା କାହିଁକି
ଭାବି କି ବସିବି
ହାତରେ ଖେଞ୍ଚଣା ବାଡି ଧରି
ପ୍ରକୃତି ତ ମୋର ବଦଳିବ ନାହିଁ
ଭାବି କି ଲାଭ
ଖାଲି ତ ପଡିଛି ମଶାଣୀ ଭୂଇଁ ମୁଁ
ଧରିବି ନିଆଁ ରେ ଶବ
ଦାମୀ ନାମୀ ଗାଡି
କିଏ ଧରି କେତେ ଆସନ୍ତି
ସବାରୀ ଆଉ ପାଲିଙ୍କି
ମୋ ଦୁଆରକୁ ଆସିଲା ବେଳକୁ
ଛ ଅ ଖଣ୍ଡ କାଠ ଲୋଡା
ରୂପ ଯଉବନ ହିସାବ ରଖିନି
ଆବାଳ ବୃଦ୍ଧ ବନିତା
କାହାର କେତେ ଜମି ଜମା ଆଉ
କୋଠା ଘର ବାରି କେତେ
ଖାଲି ଯାହା ଅଛି ଜଗି ମୁଁ ବସିଛି
ଶେଷ ପ୍ରାଣ ବିନ୍ଦୁ ମଶାଣୀ ଭୂଇଁ ରେ
କରିଦେବି ଖାଲି ମୁଠେ ପାଉଁଶ
କେବଳ ମୁଠେ ପାଉଁଶ
ମୁଁ ମଶାଣୀ କହୁଛି।

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧

# ଜୀବନ ସଂଗ୍ରାମଞ୍ଚ

## ଦେବଯାନୀ ରାୟ

ସୁନେଲି ଖରା, ଲାଲ୍ ସ୍ୱପ୍ନର କୃଷ୍ଣଚୂଡ଼ା
ଶୀତ ସଞ୍ଜ ର ମର୍ମରେ
ମୋ ଖୋଲା କବରୀର ସେ ସୁଗନ୍ଧ
ବିଚିତ୍ର ତମ ବିଶ୍ୱାସରେ ଚିତ୍ରାୟିତ
ଚନ୍ଦ୍ରମା, ତୁମ ଅନ୍ୟମନସ୍କତା
ଏତେ ସବୁ କମନୀୟ ଶବ୍ଦ ଭିତରେ
ତୁମ ପସନ୍ଦର ଦେହଟିଏ ପିନ୍ଧି
କାଉଁରୀ କାମନାର ରଙ୍ଗ ବୋଲି
ହେବାକୁ ହୁଏ
ସୁସୁପ୍ତିର ଏତେ ଟିକେ ଛୁଆଁର ବିକଳ
ପ୍ରଲୋଭନରେ ।
ମୋ ନିଦ ଭିତରର ପ୍ରତିଟି ସ୍ୱପ୍ନରେ
ଅବା ଜାଗରଣରେ
ଏକ୍ଷଣା ପ୍ରୀତିର ଶରୀର ଓ ଆତ୍ମା ପାଇଁ
ସବୁଜ ସଙ୍କେତକୁ ତାଳୁରୁତଳିପା ପରଖୁ ପରଖୁ
ମୁଁ ପାଲଟି ଯାଏ ଗୋଟେ କୋଳାହଳ
ନିଗୂଢ଼ ନୀରବତା ଭିତରେ ।
ତମ ଆଉ ମୋ ଭିତର ସମ୍ପର୍କର
ଅସ୍ତିତ୍ୱକୁ ଖୋଜୁ ଖୋଜୁ
ମୁଁ କିନ୍ତୁ ବାରମ୍ବାର ହୁଏ ପରାସ୍ତ
ଯେମିତି...., ସମୁଦ୍ରକୁ ବିଶ୍ୱାସ କରି
ନଷ୍ଟ ହୁଏ ନଈ
ଶ୍ୟାମଳିକାକୁ ବିଶ୍ୱାସ କରି
ପକ୍ଷୀର ଗୀତ
ନିଆଁକୁ ବିଶ୍ୱାସ କରି
ସାରାଟା ବନସ୍ଥ
ସେମିତି..., ତୁମକୁ ନେଇ ବେଶୀ ବେଶୀ
ବଞ୍ଚିବାର ମୋହରେ
ଆଜି ମୁଁ ନିରସ୍ତ୍ର ।
ଅବଶ୍ୟ, ମୋ ଏକାକୀତ୍ୱ, ଏକଲାପଣ ସହ
କ୍ରମାଗତ ରାତ୍ରି ଉଜାଗର
ଖୋଲା ଖୋଲା ଆଖିରେ କୋରଡେ ସପନ
ଚଉଦିଗେ ଗହନ ଭିତରୁ ଖୋଜୁଥାଏ
ଚିହ୍ନା ମୁହଁଟିଏ
ଖାସ୍ କରି ତୁମର
ଯେମିତି ତାରାଭର୍ତ୍ତି ଆକାଶରୁ ଜୋଛନାର
ଶୀତଳ କିରଣ
ଛୁଇଁ ଯିବ ମୋ କପାଳ ଓ ସାରାଟା ଶରୀର
କିନ୍ତୁ, ନା...
ଶୂନ୍ୟତା ରେ ଜଡସଡ ସାରା ଦେହ ମୋର।
ତଥାପି...., କାହିଁକି କେଜାଣି ଛାତି ତଳେ
ରୋପିବାକୁ ଇଚ୍ଛାହୁଏ
ମଞ୍ଜିଟିଏ ବିଶ୍ୱାସର
ଶୂନ୍ୟସ୍ଥାନ ପୂରଣ କରିବାକୁ
ତମ ଓ ମୋ ଭିତରର
ସାଇତିବାକୁ ପ୍ରେମ, ପୁଲକ, ଅଝଟ ଲୁହ
ଆଉ..., ଅଦୃଶ୍ୟ ଅଗ୍ନି ପରୀକ୍ଷା
ନିଜ ତପସ୍ୟାର.....।

+ଜଟଣୀ,ଖୋର୍ଦ୍ଧା
ମୋ: ୯୪୩୭୪୧୩୩୧୪

# ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇବାକୁ କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର,୩୧/୦୮ (ନି.ପ୍ର): ଚଳିତ ଖରିଫଚାଷରେ ୩୫ ଲକ୍ଷ ହେକ୍ଟର ଧାନଚାଷରୁ ଲଘୁଚାପ ଜନିତ ଅତିଶୟ ବର୍ଷା ଓ ବନ୍ୟାଦ୍ୱାରା ପାଖାପାଖି ୧୫ ଲକ୍ଷ ହେକ୍ଟର ଚାଷଜମିର ଧାନ ତଳି ସମ୍ପୂର୍ଣ୍ଣ ଧୋଇ ଯିବା ସହ ୫ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଅଣଧାନ ଓ ପନିପରିବା ପ୍ରଭୃତି ବ୍ୟାପକ ଭାବେ ନଷ୍ଟ ହୋଇଛି। ସରକାର ଯଦି ବର୍ତ୍ତମାନର ପ୍ରଚଳିତ କୃଷି ଇନପୁଟ୍ ସହାୟତା ଚିରାଚରିତ ଢଙ୍ଗରେ ଚାଷୀଙ୍କୁ ଯୋଗାଇ ଦିଅନ୍ତି, ତେବେ ଚାଷୀର କ୍ଷତି ଭରଣା ହେଉନାହିଁ। ଏବେ ଚାଷୀଙ୍କୁ ସରକାର ପ୍ରତିଶ୍ରୁତି ଦେବା ଓ ସହାୟତା ଘୋଷଣା କରିବା କେବଳ ପ୍ରଚାର ଓ ପ୍ରସାର ସର୍ବସ୍ୱ ନ ହୋଇ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରାଯିବା ଏକାନ୍ତ ଜରୁରୀ ବୋଲି ମଙ୍ଗଳବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି।

ଚାଷୀକୁଳର ଏଭଳି ସଙ୍ଗିନ ପରିସ୍ଥିତିରେ ସରକାର କାଳ ବିଳମ୍ବ ନ କରି ଯୁଦ୍ଧକାଳୀନ ଭିତ୍ତିରେ ଫସଲ କ୍ଷୟ କ୍ଷତିର ସଠିକ ଆକଳନ ଓ ଚାଷଜମିରୁ ଜଳ ନିଷ୍କାସନ, ବନ୍ୟାକ୍ଷତିଗ୍ରସ୍ତ ଚାଷୀଙ୍କୁ ଅତି ସଅଳ କିସମ ଧାନ ଓ ଡାଲିଜାତୀୟ ବିହନ, ଚିନାବାଦାମ ମଞ୍ଜି ଓ ଧାନ ତଳି ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇବା, ପ୍ରାକ୍ ରବିଚାଷ ପାଇଁ ଯଥେଷ୍ଟ ପୂର୍ବରୁ ବିହନ ଓ ପନିପରିବା ମଞ୍ଜି ଯୋଗାଇବା, ୯୦ ପ୍ରତିଶତ ରିହାତିରେ ବନ୍ୟାକ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସାର, କୀଟନାଶକ ଔଷଧ ଯୋଗାଣ, ସମସ୍ତ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ରବି ଚାଷ ପାଇଁ ବିନା ସୁଧରେ କୃଷି ଋଣ ପ୍ରଦାନ, ପ୍ରଚଳିତ ରିଲିଫ୍ କୋଡ଼ର ସଂଶୋଧନ, ଧାନ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୩୦ ହଜାର ଟଙ୍କା ଓ ପନିପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା, ୧୫ ଦିନ ପର୍ଯ୍ୟନ୍ତ ଗୋ-ଖାଦ୍ୟ ଯୋଗାଣ, ଭାଗଚାଷୀମାନଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ ଏବଂ ବଳିଆ ଯୋଜନାରେ ଋଣ ସହାୟତାର ବ୍ୟବସ୍ଥାକୁ ତ୍ୱରାନ୍ୱିତ, ମନରେଗାରେ କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ୨୦୦ ଦିନ ପର୍ଯ୍ୟନ୍ତ ଶ୍ରମ ବ୍ୟବସ୍ଥା, ପ୍ରତି ଚାଷୀଙ୍କୁ ୯୦ ପ୍ରତିଶତ ସରକାରୀ ସହାୟତାରେ ଏକକ ଲିଫ୍ଟ ପଏଣ୍ଟ ବ୍ୟବସ୍ଥା, ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ଛାତ୍ର/ଛାତ୍ରୀଙ୍କଠାରୁ ସ୍କୁଲ ଫି ଛାଡ଼, କେନ୍ଦ୍ର ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆ ଯାଉଥିବା ଜଳସେଚିତ ଅଞ୍ଚଳ ପାଇଁ ୧୩,୫୦୦ଟଙ୍କା, ଅଣ ଜଳସେଚିତ ପାଇଁ ୬,୮୦୦ ଟଙ୍କା ପ୍ରଚଳିତ କୃଷି ଇନପୁଟ୍ ସହାୟତା ରାଶିର ଦୁଇଗୁଣା ବୃଦ୍ଧି, ଯେଉଁ ଅଞ୍ଚଳରେ ଚାଷୀ ଫସଲ ବୀମାଭୁକ୍ତ କରିଛନ୍ତି ଏବଂ ଚାଷର ଏକମାସ ମଧ୍ୟରେ ସେମାନଙ୍କର ଫସଲ (ତଳି) ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି ସେହି କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କମ୍ପାନୀ ପ୍ରଧାନମନ୍ତ୍ରୀ ଫସଲବୀମା ସର୍ତ୍ତାବଳୀ ଅନୁଯାୟୀ ଅଗ୍ରୀମ ବୀମା କ୍ଷତିପୂରଣ ସହାୟତା ରାଶି ଯୋଗାଇ ଦେବାକୁ ଆଜି ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସ ପକ୍ଷରୁ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରାଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡିଆ ବିଭାଗ ଇନଚାର୍ଜ ବିଭୁତି ମିଶ୍ର, ଚାଷୀନେତା ଧ୍ରୁବ ଚରଣ ପରିଡ଼ା, ଭଗବାନ ଜେନା ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ରାଜଧାନୀରେ ବଢିଚାଲିଛି ଅପରାଧ

ଭୁବନେଶ୍ୱର,୩୧/୦୮ (ନି.ପ୍ର): ରାଜ୍ୟରେ ଆଇନ ତା ନିଜ ବାଟରେ ଯାଉ ନାହିଁ ବରଂ ଆଇନ ଆଗରେ ବାଟ ଓଗାଳି ଛିଡା ହୋଇ ରହିଛନ୍ତି ଖୋଦ୍ ରାଜ୍ୟ ସରକାର। ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ହତ୍ୟା, ଦୁଷ୍କର୍ମ, ଚୋରି, ଲୁଣ୍ଠନ, ଠକେଇ, ଡକାୟତି ଓ ମୋଟରଯାନ ଦୁର୍ଘଟଣା ବଢୁଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି ଡିଣ୍ଡିମ ପିଟୁଥିବା ଶାସକ ବିଜେଡିର ବାସ୍ତବ ଚିତ୍ର ସଂପୂର୍ଣ୍ଣ ଭିନ୍ନ ବୋଲି ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ କହିଛନ୍ତି। ରାଜଧାନୀରେ ଗୁଣ୍ଡାଗର୍ଦ୍ଦି ପ୍ରତ୍ୟେକ ଦିନ ଘଟୁଥିଲେ ମଧ୍ୟ ପୁଲିସ ଚୁପ୍ ରହି ତାମସା ଦେଖୁଛି କିନ୍ତୁ କୌଣସି ପଦକ୍ଷେପ ନେଉନାହିଁ, କାହା ଇଙ୍ଗିତରେ ପୁଲିସ କାର୍ଯ୍ୟକରୁଛି ବୋଲି ଶ୍ରୀ ମଲ୍ଲିକ ପ୍ରଶ୍ନ କରିଛନ୍ତି।

ପୁଲିସର କାର୍ଯ୍ୟ ସାଧାରଣ ଜନତାଙ୍କୁ ସୁରକ୍ଷା ଦେବା। ଏଥିପାଇଁ ରାଜ୍ୟ ସରକାର ଦୈତନଗରୀ ପାଇଁ କମିସନ ପୁଲିସର ବ୍ୟବସ୍ଥା କରିଥିବା ଡିଣ୍ଡିମ ପିଟୁଛନ୍ତି କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଦୈତନଗରୀରେ ହତ୍ୟା, ଦୁଷ୍କର୍ମ, ଚୋରି, ଲୁଣ୍ଠନ, ଠକେଇ, ଡକାୟତି ଓ ମୋଟରଯାନ ଦୁର୍ଘଟଣା ମାତ୍ରାଧିକ ଘଟୁଛି କିନ୍ତୁ ଏନେଇ ସାଧାରଣ ଜନତା ମାମଲା ଦେଲେ ମଧ୍ୟ କମିସନରେଟ ପୁଲିସ ଚାର୍ଜସିଟ୍ ଦାଖଲ କରୁନାହିଁ। ସରକାରଙ୍କ ଇଙ୍ଗିତରେ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହି କମିଶନରେଟ ପୁଲିସ ନିଜ କାର୍ଯ୍ୟକୁ ଭୁଲିଯାଇଛି। ଫଳରେ ଦୈତନଗରୀର ଜନସାଧାରଣ ଅସୁବିଧା ଭୋଗୁଛନ୍ତି। ରାଜଧାନୀ ଭୁବନେଶ୍ୱର ଓ କଟକ ସହରର ପୁଲିସଙ୍କ ଠାରୁ ଜିଲ୍ଲା ପୁଲିସ ଅଧିକ ମାତ୍ରାରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଚାକଚକ୍ୟ ରାଜଧାନୀର ପୁଲିସମାନେ ବିଜୁ ଜନତା ଦଳର ପୋଷା ଗୁଣ୍ଡା ସାଜି ନେତା ମନ୍ତ୍ରୀଙ୍କ ଆଗପଛ ଗୋଡାଉଛନ୍ତି ବୋଲି ବିଜେପି କହିଛି। ଦୈତନଗରୀ ପୁଲିସ ସିନ୍ଧିଚୋରିକୁ ବାଦ୍ ଦେଲେ ଅନ୍ୟ ସବୁ କ୍ଷେତ୍ରରେ ଜିଲ୍ଲାପୁଲିସ ନିଜର ସକ୍ଷମ ପ୍ରମାଣିତ କରିଛି। ସେହିପରି ୨୦୨୧ରେ ରାଜ୍ୟରେ ୧୩୯୪ ହତ୍ୟାକାଣ୍ଡ ଘଟିଥିଲା। ସେଥିରୁ ୬୫୮ଟି ମାମଲା ବା ୪୭%ରେ ଚାର୍ଜସିଟି ଦାଖଲ କରିବା ସ୍ଥଳେ କମିଶନରେଟ୍ ପୁଲିସ ୭୩ଟି ହତ୍ୟାକାଣ୍ଡରୁ ୨୨ଟିର ଚାର୍ଜସିଟି ଦାଖଲ କରିଥିଲା ଯାହାର ପରିମାଣ ୩୦%। ସେହିପରି ରାଜ୍ୟରେ ୪୬% ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଥିବାବେଳେ କମିଶନରେଟ୍ ପୁଲିସର ୪୩% ମାମଲା ଦାଖଲ ହୋଇଛି। ରାଜ୍ୟରେ ଚୋରି ମାମଲାରେ ୪୧%, ଦଙ୍ଗାରେ ୬୧%, ଠକେଇରେ ୨୭% ଏବଂ ମୋଟରଯାନ ଦୁର୍ଘଟଣାରେ ୬୪% ମାମଲାରେ ଚାର୍ଜସିଟି ଦାଖଲ ହୋଇଥିବାବେଳେ କମିଶନରେଟ୍ ପୁଲିସୀରେ ଚୋରିରେ ୩୩%, ଦଙ୍ଗାରେ ୩୩%, ଠକେଇରେ ୨୧% ଓ ଦୁର୍ଘଟଣାରେ ୫୭%ମାମଲା ଚାର୍ଜସିଟି ଦାଖଲ କରାଯାଇଛି। ଦୁଷ୍କର୍ମ ମାମଲାରେ ମଧ୍ୟ କମିଶନରେଟ୍ ପୁଲିସ ଫେଲ ମାରିଛି। ପ୍ରତ୍ୟେକ ଥାନାରେ ସ୍ୱତନ୍ତ୍ରଭାବେ ମହିଳା ଡେସ୍କ ଥିବା ସତ୍ୱେ ରାଜ୍ୟରେ ଆହୁରି ୩୦% ଦୁଷ୍କର୍ମ ମାମଲା ଚାର୍ଜସିଟ୍ ଦାଖଲ କରାଯାଇନଥିବା ବେଳେ କମିସନରେଟ୍ ପୁଲିସ ୪୫%ଦୁଷ୍କର୍ମ ମାମଲାରେ ଚାର୍ଜସିଟ ଦାଖଲ କାହିଁକି କରିନାହାନ୍ତି ବୋଲି ଶ୍ରୀ ମଲ୍ଲିକ ପ୍ରଶ୍ନ କରିଛନ୍ତି। କମିସନରେଟ୍ ପୁଲିସ କେବଳ ସିନ୍ଧିଚୋରି ଚାର୍ଜସିଟି ଦାଖଲରେ ରାଜ୍ୟହାରଠାରୁ ୭%ଆଗରେ ରହିଛି। ଦୈତନଗରୀ ଭୁବନେଶ୍ୱର ଓ କଟକକୁ ନେଇ ଗଠିତ କମିସନରେଟ ପୁଲିସ ମୁଖ୍ୟାଳୟ ରାଜଧାନୀରେ ରହିଛି। ଏଠାରେ ଦକ୍ଷ ପୁଲିସ କର୍ମଚାରୀ ନିଯୁକ୍ତି ଦିଆଯାଇଛି। ୨୦୨୧ରିପୋର୍ଟରୁ ସ୍ପଷ୍ଟ ଜଣାପଡୁଛି, କମିଶନରେଟ୍ ପୁଲିସଠାରୁ ଜିଲ୍ଲା ପୁଲିସ ଅଧିକ ସୁଦୃଢ଼ ଓ ଶକ୍ତିଶାଳୀ ଓ ଦକ୍ଷତାଶୀଳ। ଦୈତନଗରୀ ପାଇଁ ସ୍ପେସାଲ ସ୍କ୍ୱାର୍ଡ, ପିଓପିଡି ଟିମ, କ୍ରାଇମସେଲ ଭଳି ବିବିଧ ତଦନ୍ତକାରୀ ବଛାବଛା ଟିମ୍ ରହିଛି। କିନ୍ତୁ କାହିଁକି ଜିଲ୍ଲାପୁଲିସଙ୍କଠାରୁ କମିଶନରେଟ୍ ପୁଲିସ ପଛରେ ରହଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

## ଏଡେଡ୍ ଡିଗ୍ରୀ କଲେଜରେ ଯୋଗଦେଲେ ୨୭୪ ଅଧାପକ

ଭୁବନେଶ୍ୱର,୩୧/୦୮ (ନି.ପ୍ର): ରାଜ୍ୟର ବେସରକାରୀ ଏଡେଡ୍ ଡିଗ୍ରୀ କଲେଜରେ ୨୭୪ ଅଧ୍ୟାପକ ଯୋଗଦେଇଛନ୍ତି। ଏହି ଅଧ୍ୟାପକଙ୍କ ମଧ୍ୟରୁ ଇଂରାଜୀରେ ୧୫୬, ରାଜନୀତି ବିଜ୍ଞାନରେ ୧୧୭ ଏବଂ ଗଣିତରେ ଜଣେ ଅଧ୍ୟାପକ ଯୋଗଦେଇଛନ୍ତି । ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନବନିଯୁକ୍ତ ଅଧ୍ୟାପକଙ୍କୁ ନିଯୁକ୍ତପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ କଲେଜ ଶିକ୍ଷାର ଉନ୍ନତି ପାଇଁ ଆମ ଉଚ୍ଚ ଶିକ୍ଷା ଇକୋ ସିଷ୍ଟମକୁ ବୃଦ୍ଧି କରିବାକୁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୂତନ ଅଧ୍ୟାପକମାନଙ୍କୁ ଛାତ୍ରଛାତ୍ରୀଙ୍କ ଜ୍ଞାନକୁ ସିଲାବସରେ ସୀମିତ ନରଖିବାକୁ ସେ ପରାମର୍ଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଉଚ୍ଚଶିକ୍ଷାରେ ଓଡିଶା ବର୍ତ୍ତମାନ ଏକ ଅଗ୍ରଣୀ ରାଜ୍ୟ । କ୍ରମାଗତ ଭାବେ ଉଚ୍ଚଶିକ୍ଷାର ଏକ କେନ୍ଦ୍ର ପାଲଟିଛି । ବୈଷୟିକ ଜ୍ଞାନଶୈଳୀ ଏବଂ ବୃତିଗତ ଅନୁଷ୍ଠାନ ଗୁଡିକ ରାଜ୍ୟରେ ସେମାନଙ୍କ କେନ୍ଦ୍ର ଖୋଲୁଛନ୍ତି ତଥାପି ଯୁବକମାନେସମାଜକୁ ଗଢିବାରେ ଏବଂ ସମାଜର ପରିବର୍ତ୍ତନରେ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ କୌଶଳ ଶିଖିବା ପାଇଁ ପାରମ୍ପରିକ ଡିଗ୍ରୀ ଶିକ୍ଷା ଜରୁରୀ ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ କହିଥିଲେ ଆମେ ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରର ସୁଯୋଗ ସୃଷ୍ଟି କରିବାକୁ ଚେଷ୍ଟା କରିଛୁ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ୫ଟି ସଚିବ ଭିକେ ପାଣ୍ଡିଆନ ଉପସ୍ଥିତ ରହିଥିଲେ ।

# ଆଦର୍ଶ ବିଦ୍ୟାଳୟର ଦ୍ୱାଦଶ, ଦଶମ ତଥା ଜେଇ ମେନ ପରୀକ୍ଷାର କୃତୀ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ଭୁବନେଶ୍ୱର,୩୧/୦୮ (ନି.ପ୍ର): ଓଡିଶା ଆଦର୍ଶ ବିଦ୍ୟାଳୟର ଦ୍ୱାଦଶ, ଦଶମ ତଥା ଜେଇଇ ମେନ ପରୀକ୍ଷାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନର କନ୍‌ଭେନ୍‌ସନ ସେଂଟରଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିଥିଲେ।

ଆଜି ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରଛାତ୍ରୀ ମାନେ ହେଲେ ମୟୁରଭଂଜ ଜିଲ୍ଲାର ଝରଗାଁ ଆଦର୍ଶ ବିଦ୍ୟାଳୟର ଆଦର୍ଶ ସାହୁ, କୋରାପୁଟ ଜିଲ୍ଲାର କୋଟପାଡ ଆଦର୍ଶ ବିଦ୍ୟାଳୟର ଓମ୍ ଆରୟାନ ବିଶ୍ୱାଳ, ଗଞ୍ଜାମ ଜିଲ୍ଲାର ପିତାପଲ୍ଲୀ ଆଦର୍ଶ ବିଦ୍ୟାଳୟର ଉତ୍କଳ ପଟ୍ଟନାୟକ, କଳାହାଣ୍ଡି ଜିଲ୍ଲାର ମଶାଣିମୁଣ୍ଡା ଆଦର୍ଶ ବିଦ୍ୟାଳୟର ଦିବେନ୍ଦୁ ସାହାନାଇ, କେନ୍ଦୁଜର ଜିଲ୍ଲାର ସାଳପଡା ଆଦର୍ଶ ବିଦ୍ୟାଳୟର ହେମନ୍ତ ବେହେରା, ଗଞ୍ଜାମ ଜିଲ୍ଲାର ସୋରଡା ଆଦର୍ଶ ବିଦ୍ୟାଳୟର ଶୁଭମ ପ୍ରସାହ ଗୌଡ, ଗଞ୍ଜାମ ଜିଲ୍ଲାର ଶାସନମା ଗାଁ ଆଦର୍ଶ ବିଦ୍ୟାଳୟର ସୁମନ କୁମାରୀ ମହାରଣା, ମୟୁରଭଂଜ ଜିଲ୍ଲାର ଝରଗାଁ ଆଦର୍ଶ ବିଦ୍ୟାଳୟର ସରିତା ମାର୍ଡି, ମୟୁରଭଂଜ ଜିଲ୍ଲାର ରାଣିଭୋଳ ଆଦର୍ଶ ବିଦ୍ୟାଳୟର ମାନସ ମହୋଦଧି ପୁର୍ତି, କୋରାପୁଟ ଜିଲ୍ଲାର ମାଛରା ଆଦର୍ଶ ବିଦ୍ୟାଳୟର ସ୍ୱସ୍ତିକ ଆଦିତ୍ୟ ରଞ୍ଜନ। ଏମାନେ ସମସ୍ତେ ଜେଇଇ ମେନ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ।

ସେହିପରି ସିବିଏସଇ ଦ୍ୱାଦଶ ପରୀକ୍ଷାରେ ଉଲ୍ଲେଖନୀୟ କୃତୀତ୍ୱ ହାସଲ କରିଥିବା ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀମାନେ ହେଲେ - କେନ୍ଦୁଝର ଜିଲ୍ଲାର ସାଳପଡା ଆଦର୍ଶ ବିଦ୍ୟାଳୟର ଇଶାନୀ ବିଶୋଇ, ଗଞ୍ଜାମ ଜିଲ୍ଲାର ସିଦ୍ଧେଶ୍ୱର ଆଦର୍ଶ ବିଦ୍ୟାଳୟର ଏସ୍ ଅନୁଭବ ଦୋରା, ଗଞ୍ଜାମ ଜିଲ୍ଲାର କରାପଲ୍ଲୀ ଆଦର୍ଶ ବିଦ୍ୟାଳୟର ଏମ୍ ମୋହିତ ରେଡ୍ଡୀ, କୋରାପୁଟ ଜିଲ୍ଲାର କୋଟପାଡ ଆଦର୍ଶ ବିଦ୍ୟାଳୟର ଓମ୍ ଆରୟାନ ବିଶ୍ୱାଳ, ଗଞ୍ଜାମ ଜିଲ୍ଲାର ସିଦ୍ଧେଶ୍ୱର ଆଦର୍ଶ ବିଦ୍ୟାଳୟର ସିପଦ ଯଜ୍ଞ ପ୍ରସାଦ ଆଚାରୀ। ସେହିପରି ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପିଲାମାନେ ହେଲେ - କଳାହାଣ୍ଡି ଜିଲ୍ଲାର ମୁଷିଗୁଡା ଆଦର୍ଶ ବିଦ୍ୟାଳୟର ସୁଧନ୍ୟା ପତି, ମୟୁରଭଂଜ ଜିଲ୍ଲାର ଗରୁଡବସା ଆଦର୍ଶ ବିଦ୍ୟାଳୟର ବୈବଶ୍ୱେତା ଆଚାର୍ଯ୍ୟ।

ମୁଖ୍ୟମନ୍ତ୍ରୀ ଆଦର୍ଶ ବିଦ୍ୟାଳୟରେ ସେମାନଙ୍କ ଅନୁଭୂତି ସଂପର୍କରେ ପିଲାମାନଙ୍କୁ ପଚାରି ବୁଝିଥିଲେ ଏବଂ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ପିଲାମାନଙ୍କ ସହ ମତ ବିନିୟମ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଆଦର୍ଶ ବିଦ୍ୟାଳୟରେ କିପରି ଆହୁରି ପ୍ରଭାବଶାଳୀ ଶିକ୍ଷାଦାନ କରାଯାଇପାରିବ ସେ ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କ ମତାମତ ଲୋଡିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ଆଦର୍ଶ ବିଦ୍ୟାଳୟ ସଂଗଠନର ଅଧକ୍ଷ ଉପେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉଦ୍ ବୋଧନ ଦେଇଥିଲେ। ବିଭାଗୀୟ ସଚିବ ଶ୍ରୀମତୀ ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା, ବରିଷ୍ଠ ଅଧିକାରୀ ଏବଂ ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଉପସ୍ଥିତ ଥିଲେ ।

# ବିଏମ୍‌ସି ଅଫିସ୍ ସମ୍ମୁଖରେ କିନ୍ନରମାନଙ୍କ ଧାରଣା

ଭୁବନେଶ୍ୱର,୩୧/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ତରଫରୁ ଦିଆଯାଇଥିବା ଗାଡ଼ି ପାର୍କି ମହାଘୋଟାଲାର କ୍ରାଇମବ୍ରାଞ୍ଚ ଓ ଇଡ଼ି ତଦନ୍ତ ଦାବିରେ ଅଲ ଓଡ଼ିଶା କିନ୍ନର ଓ ତୃତୀୟଲିଙ୍ଗୀ ମହାସଂଘ ତରଫରୁ ହଜାର ହଜାର କିନ୍ନର ବିଏମ୍‌ସି ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମେୟର ସୁଲୋଚନା ଦାସ ଓ ବିଏମ୍‌ସି କମିଶନରଙ୍କ ଜରିଆରେ ପାଞ୍ଚଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯଦି ରାଜ୍ୟ ସରକାର ୭ ଦିନ ମଧ୍ୟରେ ଆମ୍ଭର ଦାବି ନ ଶୁଣନ୍ତି, ତେବେ କିନ୍ନରମାନେ ବାଧ ହୋଇ ନବୀନ ନିବାସ ଘେରାଉ କରିବେ ବୋଲି ସଭାପତି ସୁଇଟି ସାହୁ ଚେତାବନୀ ଦେଇଛନ୍ତି। ରାଜଧାନୀ ଭୁବନେଶ୍ୱରରେ କିନ୍ନରମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଟିଁଜି ସ୍ୱୀକୃତି ଓ ପରିଚୟ ନାମକ ଏସ୍‌ଏଚ୍‌ଜିକୁ ଭୁବନେଶ୍ୱରର ଏଜି ଛକରୁ ରାଜମହଲ ଛକ ଓ ରାଜମହଲ ଛକରୁ ମାଷ୍ଟର କ୍ୟାଂଟିନ, ରାମ ମନ୍ଦିର ଛକରୁ ମାଷ୍ଟର କ୍ୟାଣ୍ଟିନ ଓ ମାଷ୍ଟର କ୍ୟାଣ୍ଟିନରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ଗାଡ଼ି ପାର୍କିଂ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଯେଉଁ ତିନୋଟି କିନ୍ନର ଏସ୍‌ଏଚ୍‌ଜି ମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା, ସେମାନେ ଗାଡ଼ି ପାର୍କି ଷ୍ଟାଣ୍ଡରୁ ଅର୍ଥ ଆଦାୟ ପାଇଁ କିଛି ଅସାଧୁ ଯୁବକ ଏବଂ ଯୁବତୀଙ୍କୁ ନିୟୋଜିତ କରି ବିଏମ୍‌ସି ଚହ୍ନଟ କରିଥିବା ଷ୍ଟାଣ୍ଡରେ ଦୁଇଚକିଆ ଓ ଚାରିଚକିଆ ଯାନରୁ ବେଆଇନ୍ ଭାବେ ଅର୍ଥ ଆଦାୟ କରୁଛନ୍ତି। ସେମାନେ ଦାବି କରିଛନ୍ତି ଯେ ମେଘନା ସାହୁ, ନିଲମ କିନ୍ନର ଓ ଟିଁଜି ସ୍ୱୀକୃତି ଏସ୍‌ଏଚ୍‌ଜି ବିଏମ୍‌ସି, ପରିଚୟ ଏସ୍‌ଏଚ୍‌ଜି ଠାରୁ ଦୁଇଚକିଆ ଯାନ ପାର୍କି ପାଇଁ ନେଇଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କ୍ରାଇମବ୍ରାଂଚ / ଇଡ଼ି ତଦନ୍ତ କରାଯାଉ, ବିଏମ୍‌ସିର ଦୁଇଚକିଆ ଯାନ ପାର୍କିରେ ଚାକିରୀ କରିଥିବା ବ୍ୟକ୍ତି ଓ ମହିଳାମାନଙ୍କ ଦରମା ଅର୍ଥ ହଡ଼ପ କାରୀଙ୍କୁ ଗିରଫ କରାଯାଉ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍ ଫଶାଇ ଧମକ ଦେଉଥିବା ମେଘନା କିନ୍ନରଙ୍କୁ ଗିରଫ କରାଯାଉ। ଆଜିର ଏହି କାର୍ଯ୍ୟକ୍ରମରେ ମହାସଂଘର ସଭାପତି ସୁଇଟି ସାହୁ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ମେନକା ପରିଡ଼ା ପରିଚାଳନା କରିଥିଲେ।

# ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୭୫ କରୋନା ପଜିଟିଭ ଚିହ୍ନଟ: ୪୫ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୩୧/୦୮ (ନି.ପ୍ର): ଆଜି ବି ରାଜ୍ୟରେ ୩ ଶହ ତଳେ ରହିଛି ଦୈନିକ କରୋନା ସଂକ୍ରମଣ। ଗତକାଲି ୨୩୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୭୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୬୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୧୩ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୪୫ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୫ଟି ଜିଲ୍ଲାରୁ ୨୭୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୬୪ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୨, ବରଗଡ଼ରୁ ୧୦, ଭଦ୍ରକରୁ ୩, ବଲାଙ୍ଗୀରରୁ ୯ ଜଣ, ବେ?ଦ୍ଧରୁ ୨, କଟକରୁ ୨୯ ଜଣ, ଦେବଗଡ଼ରୁ ୨ ଜଣ, ଗଞ୍ଜାମରୁ ୩, ଜଗତସିଂହପୁରରୁ ୪, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୨, କଳାହାଣ୍ଡି ଜିଲ୍ଲାରୁ ୭ ଜଣ, କେନ୍ଦ୍ରାପଡ଼ାରୁ ୧, କେନ୍ଦୁଝରରୁ୫, ଖୋର୍ଦ୍ଧା ଜିଲ୍ଲାରୁ ୬୪, କୋରାପୁଟରୁ ୧,ମୟୂରଭଞ୍ଜରୁ ୭ ଜଣ, ନବରଙ୍ଗପୁରରୁ ୧୩ ଜଣ, ନୟାଗଡ଼ ଜିଲ୍ଲାରୁ ୫ ଜଣ, ନୂଆପଡ଼ାରୁ ୭, ପୁରୀରୁ ୮ ଜଣ, ରାୟଗଡ଼ାରୁ ୩, ସମ୍ବଲପୁରରୁ ୧୦ ଜଣ, ସୋନପୁରରୁ ୩, ସୁନ୍ଦରଗଡ଼ରୁ ୪୨ ଜଣ ଓ ଷ୍ଟେଟପୁଲରୁ ୧୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୨୭, ୬୫୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩,୧୬, ୪୭୪ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୯୫୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ପାର୍ବଣ ପ୍ରଦୂଷଣ ରୋକିବା ପାଇଁ ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିର ଓ ଚିତ୍ରାଙ୍କନ ପ୍ରତିଯୋଗିତା

ଭୁବନେଶ୍ୱର,୩୧/୦୮ (ନି.ପ୍ର): ପାର୍ବଣ ଋତୁରେ ତିଆରି କରାଯାଉଥିବା ମୂର୍ତିମାନଙ୍କରେ ପ୍ରାକୃତିକ, ହର୍ବାଲ ରଙ୍ଗ ବ୍ୟବହାର କରିବା, ନଦୀ ପୋଖରୀରେ ମୂର୍ତି ଗୁଡ଼ିକ ବିସର୍ଜନ ନକରି ପୂଜା ମଣ୍ଡପ ନିକଟରେ କିମ୍ବା ଅସ୍ଥାୟୀ ଭସାଣୀ ପୁଷ୍କରିଣୀରେ ବିସର୍ଜନ କରିବା, ସ୍ୱଳ୍ପ ଶବ୍ଦଯୁକ୍ତ ଡ଼ାକବାଜି ଯନ୍ତ୍ର ବ୍ୟବହାର କରିବା, ବିଶେଷକରି ବାଣ ନ ଫୁଟାଇବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ସମ୍ମୁଖରେ ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିର ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ଜଣ ଚିତ୍ରଶିଳ୍ପୀ ଯୋଗଦାନ କରିଥିବା ବେଳେ ରାଜ୍ୟର ୨୦ଟି ଜିଲ୍ଲାରୁ ୨୦୦ ଛାତ୍ରଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପରେ ସେମାନଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ସମ୍ବର୍ଦ୍ଧନା ସଭା ଅବସରରେ ପ୍ରେରଣାର ଅଧକ୍ଷ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ନିଜ ବକ୍ତବ୍ୟରେ କହିଲେ, ଆମେ ନିଜେ ପାର୍ବଣ ସମୟରେ ହେଉଥିବା ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସମ୍ପର୍କରେ ସଚେତନ ନହେଲେ ତାର ପରିଣତ ଆମ୍ଭେମାନେ ଭୋଗିବା ସହିତ ସାମାଜିକବର୍ଗ ତଥା ଜୀବଜନ୍ତୁ ଓ ପଶୁପକ୍ଷୀମାନେ ଭୋଗିବେ। ତେଣୁ ଚିତ୍ର ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ଆଜିର ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଏହାପରେ ପ୍ରେରଣାର ସ୍ୱେଚ୍ଛାସେବୀମାନେ ଚାରିଭାଗରେ ବିଭକ୍ତ ହୋଇ ଭୁବନେଶ୍ୱରର ୪୦ଟି ପୂଜା ମଣ୍ଡପ ବୁଲି ପରିବେଶ ପ୍ରଦୂଷଣ ନକରିବା ପାଇଁ ଯେଉଁ ପନ୍ଥା ଅବଲମ୍ବନ କରିବା ଉଚିତ ସେ ସମ୍ପର୍କରେ ପ୍ରଚାରପତ୍ର ବାଂଟିବା ସହ ପୂଜାର କର୍ମକର୍ତାମାନଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ବି.କେ. ଆର୍ଟ କଲେଜର ପୂର୍ବତନ ଅଧକ୍ଷ ବଳଦେବ ମହାରଥୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ, ଯୁବ ଶିକ୍ଷାବିତ୍ ସାହେବ ପତି, ପ୍ରେରଣାର ସଂଯୋଜକ ମନୋରଞ୍ଜନ ବାରିକ, ବର୍ଷା ଫାଉଣ୍ଡେସନର ସଭାପତି ବର୍ଷା ପୃଷ୍ଟି, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଉପାଧ୍ୟାୟ ପ୍ରମୁଖ ଯୋଗଦାନ କରି ପ୍ରଦୂଷଣ କିପରି ଆମ ସମାଜକୁ ରାକ୍ଷସ ଭଳି କବଳିତ କରିଛି। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ଭୁବନେଶ୍ୱର ଭେଙ୍କଟେଶ୍ୱର ସ୍କୁଲର ପ୍ରଶାନ୍ତ କୁମାର ଦାସ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# କୁକୁଡ଼ା ଅଣ୍ଡା ଚାଷୀଙ୍କ ଚେତାବନୀ: ଅଣ୍ଡା ଦର ନବଢ଼ିଲେ ପୁଣି ହେବ ଆନ୍ଦୋଳନ

ଭୁବନେଶ୍ୱର ,୩୧/୦୮ (ନି.ପ୍ର): ରାଜ୍ୟରେ ଅଣ୍ଡା ପିଛା ଉତ୍ପାଦନ ଖର୍ଚ୍ଚ ୪ ଟଙ୍କା ୭୫ ପଇସା ହୋଇଥିବା ବେଳେ ନାସନାଲ୍ ଏଗ୍ କୋର୍ଡିନେସନ୍ କମିଟି (ଏନ୍‌ଇସିସି) ଅଣ୍ଡା ପିଛା ମାତ୍ର ୩ ଟଙ୍କା ୬୦ ପଇସା ଦର ଧାର୍ଯ୍ୟ କରିଛି। ଫଳରେ ଚାଷୀଟିଏ ଅଣ୍ଡା ପିଛା ୧ ଟଙ୍କାରୁ ଅଧିକ କ୍ଷତି ସହୁଛି। ଏନ୍‌ଇସିସିର ମନମାନି ଯୋଗୁଁ ଗତ ୬ ମାସରେ ରାଜ୍ୟର ୨୦୦ରୁ ଅଧିକ ଫାର୍ମ ପ୍ରାୟ ୧୦୦ କୋଟି ଟଙ୍କାର କ୍ଷତି ସହିଲେଣି। ବ୍ୟାଙ୍କରୁ ଋଣ କରି କୁକୁଡ଼ା ଚାଷୀମାନେ ବେପାର ଆରମ୍ଭ କରିଥିବା ବେଳେ କ୍ରମାଗତ କ୍ଷତିଯୋଗୁଁ ଅନେକ ଚାଷୀ ନିଜ ଫାର୍ମ ବିକ୍ରି କରିବାକୁ ବସିଲେଣି। ମାତ୍ର ଏନ୍‌ଇସିସି ଅଣ୍ଡା ଚାଷୀଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନାହିଁ। ତେଣୁ ଏ କ୍ଷେତ୍ରରେ ଏନ୍‌ଇସିସି ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ଅଣ୍ଡା ଚାଷୀମାନେ ଚେତାବନୀ ଦେଇଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଅଣ୍ଡାର ଉତ୍ପାଦନ ଖର୍ଚ୍ଚକୁ ବିଚାରକୁ ନେଇ ଦର ନିର୍ଦ୍ଧାରଣ, ମଧ୍ୟାହ୍ନ ଭୋଜନ ଯୋଜନାରେ ଓଡ଼ିଶାରୁ ଉତ୍ପାଦିତ ଅଣ୍ଡାକୁ ସାମିଲ କରିବା ଏବଂ ଏନଏସି, ପୌରାଞ୍ଚଳ ଓ ମହାନଗର ନିଗମରେ ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲିବାକୁ ଅନୁମତି ଦେବା ଲାଗି ଅଲ୍ ଓଡ଼ିଶା ଲେୟର ଫାର୍ମର୍ସ ସଂଘ ଦାବି କରିଛି। ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ସଂସ୍ଥାର ସାଧାରଣ ପରିଷଦ ବୈଠକରେ କୁକୁଡ଼ା ଚାଷୀଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିବା ବେଳେ ଏଥିରେ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି। ପୂର୍ବରୁ ଅଣ୍ଡା ଚାଷୀମାନେ ନିଜ ହକ୍ ହାସଲ ପାଇଁ ଚକା ଜାମ୍ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଅନୁରୋଧ ପରେ ଅଣ୍ଡା ଚାଷୀମାନେ ଆନ୍ଦୋଳନରୁ ବିରତ ରହିଥିଲେ। ମାତ୍ର ଏଥର ଯଦି ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରାନଯାଏ ତାହେଲେ ପୁଣି ଥରେ ବିଭିନ୍ନ ରାଜ୍ୟ ଅଣ୍ଡା ଚାଷୀ ଓ କୁକୁଡ଼ା ଚାଷୀ ସଂଘ ମିଳିତ ଭାବରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅଲ୍ ଓଡ଼ିଶା ଲେୟର ଫାର୍ମର୍ସ ସଂଘର ରାଜ୍ୟ ଅଧକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏହି ବୈଠକରେ ଯୋଗ ଦେଇ କୁକୁଡ଼ା ଚାଷୀଙ୍କ ବିଭିନ୍ନ ଦାବିକୁ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି ଯେ କୁକୁଡ଼ା ଖାଦ୍ୟ ସହ ଉତ୍ପାଦନ ଖର୍ଚ୍ଚ ଦିନକୁ ଦିନ ବଢ଼ିଚାଲିଛି। ସେହି ଅନୁପାତରେ ଅଣ୍ଡା ଦର ବୃଦ୍ଧି ପାଉନାହିଁ। ଏହି ଦାବି ନେଇ ସଂଘ ରାଜରାସ୍ତାକୁ ଓହ୍ଲାଇଥିଲା, ଏବେ ଏନ୍‌ଇସିସି ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ନ କଲେ ଅଣ୍ଡାଚାଷୀ ପୁଣି ରାସ୍ତାକୁ ଓହ୍ଲାଇବେ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ଅଣ୍ଡା ଦର ନିର୍ଦ୍ଧାରଣ ନେଇ ରାଜ୍ୟ ସରକାରଙ୍କ ହାତରେ କ୍ଷମତା ନାହିଁ। ତେବେ ରାଜ୍ୟ ସରକାର ଏ ଦିଗରେ କେଉଁପ୍ରକାର ସହଯୋଗ କରିପାରିବେ ସେ ସମ୍ପର୍କରେ ସେ ଆଲୋଚନା କରିବେ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ଏହା ସହିତ କୁକୁଡ଼ା ଖାଦ୍ୟରେ ଜିଏସ୍‌ଟି ବୃଦ୍ଧି ଅଣ୍ଡା ଚାଷୀମାନଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ହୋଇଛି।

# ମହିଳାଙ୍କ ବିରୋଧରେ ଅପରାଧ ମାମଲା: ଓଡ଼ିଶାରେ ଦଣ୍ଡ ବିଧାନ ହାର ୮.୩%

ଭୁବନେଶ୍ୱର,୩୧/୦୮ (ନି.ପ୍ର): ମହିଳାଙ୍କ ବିରୋଧରେ ଅପରାଧ ମାମଲା ଓ ଏନେଇ ଦଣ୍ଡ ବିଧାନ ହାର ସଂପର୍କରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏନସିଆରବି ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ଦଣ୍ଡ ବିଧାନ ହାର ମାତ୍ର ୮.୩%। ଏନସିଆରବି ରିପୋର୍ଟ-୨୦୨୧ ଅନୁଯାୟୀ ମିଜୋରାମରେ ଦଣ୍ଡ ବିଧାନ ହାର ସର୍ବାଧିକ ୮୧.୮% ଥିବା ବେଳେ ଲାକ୍ଷାଦୀପ ଓ ପୁଡୁଚେରୀରେ ଏହା ଶୂନ ରହିଛି। ଏଣେ ଆନ୍ଧ୍ର ପ୍ରଦେଶରେ ଦଣ୍ଡ ବିଧାନ ହାର ୫.୬, ଅରୁଣାଚଳ ପ୍ରଦେଶରେ ୩୨.୩, ଆସାମରେ ୩.୯, ବିହାର: ୫୩.୧ ଛତିଶଗଡ଼ରେ ୩୦.୯, ଗୋଆରେ ୫.୩, ଗୁଜୁରାଟରେ ୫, ହରିଆଣାରେ ୧୭.୭, ହିମାଚଳ ପ୍ରଦେଶରେ ୨୧.୨, ଝାରଖଣ୍ଡରେ ୪୭.୭, କର୍ଣ୍ଣାଟକରେ ୮.୨, କେରଳରେ ୧୪.୫,ମଧ୍ୟ ପ୍ରଦେଶରେ ୩୩.୫, ମହାରାଷ୍ଟ୍ରରେ ୧୩.୭, ମଣିପୁରରେ ୨୯.୬, ମେଘାଳୟରେ ୬୦, ନାଗାଲାଣ୍ଡରେ ୬୩.୬, ପଞ୍ଜାବରେ୨୦.୮, ରାଜସ୍ଥାନରେ ୪୫.୨, ସିକିମରେ ୩୭.୫, ତାମିଲନାଡୁରେ ୧୭.୯, ତେଲେଙ୍ଗାନାରେ ୧୧.୨, ତ୍ରିପୁରାରେ ୧୯.୩, ଉତ୍ତର ପ୍ରଦେଶରେ ୫୯.୧, ଉତ୍ତରାଖଣ୍ଡରେ ୪୭.୨, ପଶ୍ଚିମବଙ୍ଗରେ ୨.୫ ପ୍ରତିଶତ ରହିଛି। ଏହାଛଡ଼ା ମହିଳାଙ୍କ ବିରୋଧରେ ଅପରାଧ ମାମଲାରେ ଆଣ୍ଡାମାନ-ନିକୋବରରେ ୧୧.୭, ଚଣ୍ଡୀଗଡ଼ରେ ୨୩, ଡାମନଡିଉରେ ୩.୮, ଲଦାଖରେ ୫୦, ଦିଲ୍ଲୀରେ ୩୮.୪ ଓ ଜମ୍ମୁ-କଶ୍ମୀର ଆଦି କେନ୍ଦ୍ରଶାସିତ ଅଞ୍ଚଳରେ ଦଣ୍ଡ ବିଧାନ ହାର ୯.୧ ପ୍ରତିଶତ ରହିଛି। ତେବେ ସର୍ବଭାରତୀୟ ହାର ୨୬.୫% ରହିଥିବା ଜଣାଯାଇଛି।

## ଗିରିବାଳା ହୁଇଙ୍କ ଏକାଦଶାହ ସ୍ମୃତି ସଭା



ଜଳେଶ୍ୱର, ୩୧/୮(ନି.ପ୍ର): ବିଶିଷ୍ଟ ସାମ୍ୟବାଦୀ ନେତା ଶିଶିର ହୁଇଙ୍କ ମା ଗିରିବାଳା ହୁଇଙ୍କ ଏକାଦଶାହ ସ୍ମୃତି ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଡ. ରମାକାନ୍ତ ଭଂଜ ସଭାପତିତ୍ୱ କରିଥିଲେ । ସାମ୍ୟବାଦୀ ନେତା ସନ୍ତୋଷ ଦାସ, ପୂର୍ବତନ ବିଧାୟକ ଦେବୀ ଚାନ୍ଦ, ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, କବି କାଳିପଦ ପଣ୍ଡା ଓ ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି ଇନ୍ଦୁ ମାଧବ ମହାନ୍ତି ଯୋଗ ଦେଇ ଗିରିବାଳା ଜଣେ ଦରଦୀ, ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣା ଓ ସ୍ନେହୀ ମହିଳାଭାବେ ବେଶ ପରିଚିତ ଥିଲେ ବୋଲି କହିଥିଲେ ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର,୩୧/୦୮ (ନି.ପ୍ର): ଗଣେଶ ଚତୁର୍ଥୀ ଅବସରରେ ସହଦେବଖୁଣ୍ଟା ରତିକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ କ୍ରୀଡ଼ା ଶିକ୍ଷୟିତ୍ରୀ ମିନତୀ ଧଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ଧଳଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମହାନ୍ତି ଓ ଶିକ୍ଷୟିତ୍ରୀ କବିତା ଦାଶ, ପରିଚାଳନା ସମିତି ସଦସ୍ୟା ସନ୍ଧ୍ୟା ମହାନ୍ତି ଏହି ଉତ୍ସବରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସରୋଜକାନ୍ତ ମଲିକ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ଧଳଙ୍କ ଛାତ୍ର ବତ୍ସଳ ନୀତି ଓ କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିବ ବୋଲି କହିଥିଲେ । ଶିକ୍ଷକ ପ୍ରଦୀପ କୁମାର ବାରିକ, ବନଲକ୍ଷ୍ମୀ ମହାନ୍ତି, ସଞ୍ଜୁକ୍ତା ଦାସ, ଯୋଗମାୟା ଦାଶ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ କାଶୀ ଶାସମଲ, ରତ୍ନମଣି ଆଚାର୍ଯ୍ୟ, ହରପ୍ରିୟା ଦୀକ୍ଷିତ ଓ ସତ୍ୟକାନ୍ତ ମଲ୍ଲିକ ପ୍ରମୁଖ କର୍ମଚାରୀମାନେ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧିତ ଅବସରରେ ଶ୍ରୀମତୀ ଭାବବିହ୍ୱଳ ହେଇ ପଡ଼ିବା ସହିତ ଏହି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି କର୍ମକର୍ତ୍ତା ଓ ଛାତ୍ରଛାତ୍ରୀଙ୍କ କଥା ତାଙ୍କର ସବୁଦିନ ମନେ ରହିବ ବୋଲି କହିଥିଲେ ।

# ସେବାଶ୍ରମରେ ଥମୁନି ଶିଶୁ ମୃତ୍ୟୁ : ଦୁଇ ଦିନରେ ଗଲାଣି ୨ ଶିଶୁଙ୍କ ଜୀବନ

ମାଲକାନଗିରି, ୩୧/୦୮ (ନି.ପ୍ର): ମାଲକାନଗିରି ପଡ଼ିଆ ବ୍ଲକ କାଲଦାପଲ୍ଲୀ ପଚାଂୟତ କୋଲାଗଣ୍ଡା ସେବାଶ୍ରମରେ ଦୁଇ ଦିନରେ ୨ ଛାତ୍ରଙ୍କ ମୃତ୍ୟୁ ସହ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା । ଗୋଡ଼ ହାତ ଫୁଲିଯିବା ସହିତ ଜ୍ୱରରେ ପୀଡିତ ହୋଇ ପ୍ରାଣ ହରାଉଛନ୍ତି ଛାତ୍ର । ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣ ଛାତ୍ରଛାତ୍ରୀ ଚିକିତ୍ସିତ ହେଉଥିବା ବେଳେ ୩ ଜଣଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ମାଲକାନଗିରି ଡାକ୍ତରଖାନାରେ ଆଉ ଜଣଙ୍କର ମୃତ୍ୟୁ ହୋଇଛି । ମୃତ ଛାତ୍ରଙ୍କ ଲକ୍ଷଣ ସହ ଆକ୍ରାନ୍ତ ଛାତ୍ରଙ୍କ ପାଖରେ ମଧ ସେହି ସମାନ ଲକ୍ଷଣ ଦେଖିବାକୁ ମିଳିଛି । ଏବେ ଯେଉଁ କିଛି ଆକ୍ରାନ୍ତ ଛାତ୍ର ରହିଛନ୍ତି ସେମାନେ ସୁସ୍ଥ ଥିବା ଜଣାପଡ଼ିଛି । ସେପଟେ ସପ୍ତାହକ ତଳେ ପାଣ୍ଡ୍ରିପାଣି ସେବାଶ୍ରମରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା । ତା ସହିତ ନନ୍ଦିନୀଗୁଡା ସେବାଶ୍ରମରୁ ମଧ ଜଣେ ଛାତ୍ରର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

# ନୀଳଗିରି ଏନ.ଏ.ସି. ରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ନୀଳଗିରି,୩୧/୦୮ (ନି.ପ୍ର): ନୀଳଗିରି ଏନ.ଏ.ସି. କାର୍ଯ୍ୟାଳୟ ପରିସରରେ ସ୍ୱାୟତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବୁଧବାର ସକାଳେ ୮ଟା ସମୟରେ କାର୍ଯ୍ୟାଳୟ ପରିସରରେ ଅଧକ୍ଷା ଅମ୍ବିକା ଦାସ ପତାକା ଉତୋଳନ କରି ନୀଳଗିରି ଏନ.ଏ.ସି.କୁ ସରସ ସୁନ୍ଦର କରିବା ପାଇଁ ସହରବାସୀଙ୍କ ସହଯୋଗ କାମନା କରିଥିଲେ । ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, ସମସ୍ତ କର୍ମଚ଼ରୀ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ



ଏନ.ଏ.ସି.ର ଥିବା ବିଭିନ୍ନ ସ୍କୁଲ ପିଲାମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ଅଧକ୍ଷା ଅମ୍ବିକା ଦାସ ସମାଜସେବୀ ଶରତ ଦାସ ନିର୍ବାହୀ ଅଧିକାରୀ ଅକ୍ଷୟ ବଡୁ ୫ନଂ. ୱାର୍ଡ କାଉନସିଲର ଆଦ୍ୟାଶା ଦାସ, ୧୧ନଂ. ୱାର୍ଡ କାଉନସିଲର ସୁଲୋଚନା ଖଟୁଆ, ନୀଳଗିରି ମେଡିକାଲରେ ରୋଗୀଙ୍କୁ ଫଳ ବଂଟନ କରିବା ସହ ନୀଳଗିରି କାରାଗାରେ ଥିବା କଏଦୀଙ୍କୁ ଫଳ ଓ ମିଷ୍ଟାନ୍ନ ବଂଟନ କରିଥିଲେ ।

## ପଂଚଲିଙ୍ଗେଶ୍ୱର ଉଚ୍ଚ ବିଦ୍ୟାଳୟର ୫ଟି'ର ରୂପାନ୍ତରିକାରଣର ଭିତ୍ତିପ୍ରସ୍ତର ସ୍ଥାପନ

ନୀଳଗିରି,୩୧/୦୮ (ନି.ପ୍ର): ଔପଦା ବ୍ଲକର ଶ୍ୟାମସୁନ୍ଦରପୁର ପଂଚାୟତର ଥିବା ପଂଚଲିଙ୍ଗେଶ୍ୱର ଉଚ୍ଚ ବିଦ୍ୟାଳୟକୁ ୫ଟି ଯୋଜନାରେ ସଂଯୋଗ କରାଯାଇଥିବା ବେଳେ ଏହାର ରୂପାନ୍ତରିକରଣରର ଶୁଭ ଭିତିପ୍ରସ୍ତର ଶିଳାନ୍ୟାସ କରାଯାଇଛି । ଭିତିପ୍ରସ୍ତରକୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ବର୍ଷିୟାନ ସିପିଆଇ ନେତା କୈଳାସ ପଣ୍ଡା ଶିଳାନ୍ୟାସ କରିଥିଲେ । ଏହି ଅବସରରେ ଶ୍ୟାମସୁନ୍ଦରପୁର ସରପଂଚ ପୁରସ୍ତମ ସେଠୀ, ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ଆଲୁମିନି ସଭାପତି ମନୋରଂଜନ ଦାଶ, ପ୍ରଧାନଶିକ୍ଷୟିତ୍ରୀ ଋଚୁଲତା ଚୌଧୁରୀ ୫ଟି କମିଟିର ସଦସ୍ୟ କୈଳାସ ପଣ୍ଡା, ଗୌରହରି ବେହେରା, ସୋମନାଥ ନାୟକ, ରଘୁନାଥ ଜେନା, ସମେତ ସମସ୍ତ ଶିକ୍ଷକ / ଶିକ୍ଷୟିତ୍ରୀ ଅଭିଭାବକ ବୃନ୍ଦ ଉପସ୍ଥିତ ଥିଲେ ।

## ନୀଳଗିରି ସହରରୁ ହଟିବ ମାଛ, ମାଂସ ଓ ପରିବା ଦୋକାନ

ନୀଳଗିରି,୩୧/୦୮ (ନି.ପ୍ର): ନୀଳଗିରି ଏନ.ଏ.ସି. ରେ ଗୁଣ୍ଡିଚ଼ା ମନ୍ଦିର ପାଖରେ ଚ଼ଲୁଥିବା ଡେଲି ମାର୍କେଟ ଲକ୍ଷ୍ମୀ ସାଗର ନିକଟରେ ଥିବା ମାଛ, ମାଂସ, ଦୋକାନକୁ ବଜାର ମଧରେ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ନୀଳଗିରି ଏନ.ଏ.ସି. ପକ୍ଷରୁ ୬୩ ଲକ୍ଷ ଟଙ୍କା ବ୍ୟୟରେ ରାଡାର ରାସ୍ତା ନିକଟରେ ଏକ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଥିବା ଆଜି ଉକ୍ତ ଭେଣ୍ଡିଂ ଜୋନକୁ ମୁଖ୍ୟ ଅତିଥି ଭାବେ ନୀଳଗିରି ଏନ.ଏ.ସି.ର ଅଧକ୍ଷା ଅମ୍ବିକା ଦାସ ଶୁଭଉଦ୍‌ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ତହସିଲଦାର ଅଶେଷ କୁମାର ନାୟକ, ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, ଉପସ୍ଥିତ ଥିଲେ । ଉକ୍ତ ଭେଣ୍ଡିଂ ଜୋନରେ ସମସ୍ତ ପରିବା ଦୋକାନୀ, ମାଛ, ମାଂସ ଦୋକାନୀ ଏଠାରେ ନିଜର ବେପାର କରିବା ସହିତ ବଜାର ମଧରେଆଉ ଜନଗହଳି ହେବ ନାହିଁ ।

# ବସ୍ତା ଅଞ୍ଚଳରେ ଧୁମଧାମରେ ଗଣେଶ ପୂଜା ଅନୁଷ୍ଠିତ

ବସ୍ତା, ୩୧/୦୮ (ନି.ପ୍ର): ବସ୍ତା ଅଞ୍ଚଳରବିଭିନ୍ନ ଶିକ୍ଷ୍ୟାଅନୁଷ୍ଠାନ ସମେତ ସରକାରୀ ଅଫିସ କ୍ଲବରେ ଧୁମଧାମ ଗଣେଶ ପୂଜାଶାନ୍ତି ଶୃଙ୍ଖଳାର ସହିତ ପାଳିତ ହୋଇଯାଇଅଛି । ସେହିପରି ବସ୍ତାର ଅଗ୍ରଣି ଶିକ୍ଷ୍ୟାଅନୁଷ୍ଠାନ ବିବେକାନନ୍ଦ ଶିକ୍ଷ୍ୟାକେନ୍ଦ୍ର ରେ ସହକାରୀ ଶିକ୍ଷକ ଶ୍ରୀପତି ଚରଣପାତ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବିବେକାନନ୍ଦ ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାତା ସମାଜସେବୀ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା ବସ୍ତାବ୍ଲକ ଉପାଧକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ସରପଞ୍ଚ ଗୌରାଙ୍ଗ ବେହେରା, ବିରାଜ ସିଂଦେଓ ସାମ୍ବାଦିକ ବିଜୟକୁମାର ଭୂୟାଁ, ସୁଶାନ୍ତ ପ୍ରଧାନ ସାମ୍ବାଦିକ ରାମଚନ୍ଦ୍ର ଦେବ, ଯୋଗ ଦେଇଥିଲେ । ଶିକ୍ଷାକେନ୍ଦ୍ରର ଗୁରୁଜୀ କୁମାର ରଂଜିତ ପାଢୀ, ପ୍ରଶାନ୍ତ ଗିରି, ଶରତ ପାତ୍ର, ରଞ୍ଜନ କୁମାରସାହୁ, ଗୁରୁମା ପୁଷ୍ପଲତା ପଟନାୟକ,



ଶୁସାନ୍ତିଲତା ବେହେରା, ଚିନମୟୀ ଦେବ, କବିତାମହାକୁଡ, ସୁଚିସ୍ମିତାସାହୁ, ପ୍ରମିତାବେହେରା, ଯୋଗ ଦେଇଥିବାବେଳେ, ସଭାପତି ମାନଗୋବିନ୍ଦ ମାହାନ୍ତି, ପୂର୍ବତନ ପ୍ରଧାନ ଆଚାଯ୍ୟ ଜୟକୃଷ୍ଣ ଗିରି, ପ୍ରଦିପ ପରିଡା, ରବିନାରାୟଣ ସାହୁ, ପ୍ରମୁଖ ଉପସ୍ଥିତରହି ପୁଷ୍ପାଞ୍ଜଳି ଦେଇଥିଲେ । ବସ୍ତାରେ ପ୍ରଥମ ଥର ଛାତ୍ରଛାତ୍ରୀ ଗଜପତିଙ୍କ ଆଗରେ ମନ୍ତ୍ର ଉଚ୍ଚାରଣ କରିଥିଲେ । ସେହିପରିମଥାନୀ ପଞ୍ଚାୟତ ଫୁଲମଣୀବିଦ୍ୟାପିଠ, ଧାନହଣ୍ଡା ମାଣିକ ମାୟାଧର ହାଇସ୍କୁଲ ଧାନହଣ୍ଡା, ସାନଖୁଡି ଲକ୍ଷ୍ମୀ ବାସନ୍ତି ଆବାସୀକ ମୂକ ବଧିର ସ୍ୱତନ୍ତ୍ର ବିଦ୍ୟାଳୟ, ମାଗୁଣିଚରଣ ବାଳାଶ୍ରମ ରେ ଗଣେଶପୁଜା ଅନୁଷ୍ଠିତ ହେବା ସହିତ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ।

# ଡେଙ୍ଗୁରେ ୧ ଆକ୍ରାନ୍ତ : ରାଜପୁର ପଂଚାୟତ କାର୍ଯ୍ୟାଳୟରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ



ଜଳେଶ୍ୱର, ୩୧/୮(ନି.ପ୍ର): ରାଜପୁର ପଂଚାୟତରେ ଜନୈକ ମହିଳା ଡେଙ୍ଗୁରେ ଆକ୍ରାନ୍ତ ହୋଇ ବାଲେଶ୍ୱର ସଦର ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏହା ଜଣାଯିବାପରେ ରାଜପୁର ପଂଚାୟତ କାର୍ଯ୍ୟାଳୟରେ ସରପଂଚ ମମତାରାଣୀ ପରିଡାଙ୍କ ସଭାପତିତ୍ୱରେ ଗାଁ କଲ୍ୟାଣ ସମିତି, ୱାର୍ଡ ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ଓ ସାମାଜିକ ସଂଗଠନ କର୍ମୀଙ୍କୁ ନେଇ ଏକ ପଂଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଦିଲ୍ଲୀପ ପରିଡା ଓ ସ୍ୱେଚ୍ଛାସେବୀ ସଂଗଠନର ସଂପାଦକ ତ୍ରିଲୋଚନ ଗିରି ଡେଙ୍ଗୁର ଭୟାବହତା ସଂପର୍କରେ କହିଥିଲେ । ପରିଚ୍ଛନ୍ନତା, ସଫେଇ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଲୋଚନାରେ ସ୍ୱାସ୍ଥ୍ୟକର୍ମୀ ବିଜୟ ପଣ୍ଡା, କନକାଲତା ଦେ, ଛବିରାଣୀ ପରିଡା, ଉତ୍ତମ ପାତ୍ର, କୁସୁ ମହାଳିକ, ନବିନ ମାରାଣ୍ଡି, ସୋମ ପାତ୍ର, ସେକ୍ ଇସ୍‌ରାଇଲ୍, ସେକ୍ ଏନାମୁଲ, ସଂଧ୍ୟାରାଣୀ ଜେନା, ଶାନ୍ତିଲତା ଖଟୁଆ, ଛବି ପାତ୍ର, ସଂଯୁକ୍ତା ପ୍ରଧାନ, ନେସାରିନ୍ ବିବି, ଲକ୍ଷ୍ମୀପ୍ରିୟ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ମାମିମଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କୁଆଖାଇ ନଦୀରେ ବୁଡିଗଲେ....

ଜଣଙ୍କୁ ସ୍ଥାନୀୟ ଯୁବକ ଉଦ୍ଧାର କରିଥିବା ବେଳେ ୨ ଜଣ ବୁଡି ଯାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଖୋଜାଖୋଜି ଆରମ୍ଭ କରିଥିଲା । ପାଣି ଗୋଳିଆ ଥିବାରୁ ସର୍ଚ୍ଚ ଅପରେସନ୍ ରେ ବାଧା ସୃଷ୍ଟି ହୋଇଥିଲା । ତେବେ ଅପରାହ୍ନରେ ଆଶୁତୋଷ ପାଲଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏବେ ବି ରୀତି ରଂଜନ ମାଝୀ ନିଖୋଜ ଅଛନ୍ତି । ଏହି ଅଘଟଣରୁ ତିନି ଜଣ ରକ୍ଷା ପାଇଯାଇଛନ୍ତି । ବର୍ତମାନ ସେମାନଙ୍କୁ ପଚରାଉଚରା କରୁଛି ପୋଲିସ୍ । ସମସ୍ତ ପିଲା ପଟିଆ ଅଂଚଳର ହୋଇଥିବା ବେଳେ ସେମାନଙ୍କ ବୟସରୁ ୧୩ ରୁ ୧୪ ବର୍ଷ । ଅନ୍ୟପକ୍ଷରେ ଅଗ୍ନିଶମ ବାହିନୀ ସର୍ଚ୍ଚ ଅପରେସନ୍ ଜାରି ରଖିଛି ।

### ପାକିସ୍ତାନରେ ବନ୍ୟା : ୧୧ ଶହରୁ ....

ସେହିପରି ପ୍ରାଣ ହରାଇଲେଣି ୧୧୩୬ ଜଣ । ଦେଶରେ ବନ୍ୟା ପରିସ୍ଥିତି ସଙ୍ଗୀନ ହେଉଥିବା ବେଳେ ଲୋକେ ସାହାର୍ଯ୍ୟ ଅପେକ୍ଷାରେ ବସିଛନ୍ତି । ଏହାରି ଭିତରେ ପାକିସ୍ତାନ ପ୍ରତି ସମବେଦନା ଜଣାଇଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଟୁଇଟ୍ କରି ବନ୍ୟା ବିପନ୍ନଙ୍କୁ ସେ ସମାବେଦନା ଜଣାଇବା ସହ ଖୁବ୍‌ଶୀଘ୍ର ସ୍ଥିତିରେ ସୁଧାର ଆସିବା ନେଇ ଆଶ୍ୱସନା ଦେଇଛନ୍ତି । ମୁଦ୍ରାସ୍ଫୀତି ବୃଦ୍ଧି ପାଇବା ପରେ ପାକିସ୍ତାନ କାଙ୍ଗାଳ ସ୍ଥିତିକୁ ଚାଲି ଆସିଛି । ପାକିସ୍ତାନୀବାସୀ ଦୁଇ ଓଳି ଖାଦ୍ୟ ପାଇଁ ଛଟପଟ ହେଉଥିବାବେଳେ ଏବେ ଅଭାବ ଭିତରେ ମୁଣ୍ଡ ଟେକିଛି ବନ୍ୟା ସମସ୍ୟା । କହିବାକୁ ଗଲେ ପାକିସ୍ତାନବାସୀଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ ସମସ୍ୟା ମାଡି ଆସିଛି ।

### ସେପ୍ଟେମ୍ବରରେ ଓଡିଶା ଆସିବେ....

ଅନୁଷ୍ଠିତ ହେବ । ଏହି ଶିବିର ଅଗଷ୍ଟ ମାସରେ ପୁରୀରେ ନିର୍ଧାରିତ ଥିଲା । ହେଲେ ବନ୍ୟା କାରଣରୁ ଏହାକୁ ସ୍ଥଗିତ କରି ଦିଆ ଯାଇଥିଲା । ସେହିପରି ବିଜେପିର ରାଜ୍ୟ ପ୍ରଭାରୀ ସୁନୀଲ ବଂଶଲ ଆଗାମୀ ୫ ତାରିଖ ଦିନ ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ୨ ଦିନିଆ ଗସ୍ତ କାର୍ଯ୍ୟକ୍ରମ ଦଳୀୟ ରଣନୀତି ନେଇ ଆଲୋଚନା କରିବେ ଶୀର୍ଷ ନେତୃତ୍ୱ ଏବଂ ପଦାଧିକାରୀଙ୍କ ସହ ଆଲୋଚନା କରିବେ ।

### ସୋନାଲୀ ଫୋଗଟ ମୃତ୍ୟୁ....

ତଥା ହରିଆଣାର ବିଜେପି ନେତ୍ରୀ ସୋନାଲୀ ଫୋଗଟଙ୍କ ମୃତଦେହ ଗୋଆର ଏକ ରିସର୍ଟରୁ ଉଦ୍ଧାର ହୋଇଥିଲା । ପ୍ରଥମେ ଏହାକୁ ସ୍ୱଭାବିକ ମୃତ୍ୟୁ ବୋଲି କୁହାଯାଉଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟ କିନ୍ତୁ ଅନ୍ୟଦିଗ ପ୍ରତି ସୁରାକ ଦେଇଥିଲା । ଏହାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଏଥିରେ ସୋନାଲିଙ୍କ ବ୍ୟକ୍ତିଗତ ସହାୟକଙ୍କ ସମେତ ରିସୋର୍ଟ ମାଲିକ ଓ ଅନ୍ୟ କିଛି ସହଯୋଗୀଙ୍କୁ ଗିରଫ କରାଯାଇଛି । କୁହାଯାଉଛିକି ରିସୋର୍ଟରେ ଚାଲିଥିବା ପାର୍ଟିରେ ତାଙ୍କୁ ଡ୍ରଗ୍ସ ଦେଇ ହତ୍ୟା କରାଯାଇଛି ।

# ଚା' ଦୋକାନୀଙ୍କୁ ପିଟି ପିଟି ମାରିଦେଲେ ୨ ସାଙ୍ଗ

ଭୁବନେଶ୍ୱର,୩୧/୦୮ (ନି.ପ୍ର): ମଙ୍ଗଳବାର ବିଳମ୍ବିତ ରାତିରେ ଡିସିପି ଅଫିସ୍ ସମ୍ମୁଖରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ । ଯୁବକଙ୍କୁ ପିଟିପିଟି ନିର୍ମମ ହତ୍ୟା କରିଛନ୍ତି ୨ ସାଙ୍ଗ । ମୃତକ ଜଣଙ୍କ ହେଲେ ସୌମ୍ୟ ରଞ୍ଜନ କୁଣ୍ଡୁ । ସେ ବାଣୀବିହାର ଛକରେ ଏକ ଚା ଦୋକାନ କରିଥିଲେ । ମୃତ ଯୁବକଙ୍କ ଘର ପଥରବନ୍ଧ ବସ୍ତିରେ ବୋଲି ଜଣାପଡିଛି । ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ କାବୁ ଦାସ ଓ ପାଉଣୀ ଦାସ । ଡିସିପି ପ୍ରତୀକ ସିଂହଙ୍କ ସୂଚନା ଅନୁସାରେ, ବାଣୀବିହାର ଛକରେ ସୌମ୍ୟ ରଞ୍ଜନ କୁଣ୍ଡୁ ଏକ ଚା ଦୋକାନ କରିଥିଲେ । ଦୋକାନ କରିବା ନେଇ ଦୁଇ ଜଣ କାବୁ ଦାସ, ଓ ପାଉଣୀ ଦାସଙ୍କ ସହ ତାଙ୍କର ଝଗଡା ହୋଇଥିଲା । ଗତକାଲି ରାତି ପ୍ରାୟ ୨ଟା ସମୟରେ ସୌମ୍ୟ ପାଣି ପାଇଁ ଯାଉଥିଲେ । ଏହି ସମୟରେ କାବୁ ଓ ପାଉଣୀ ମଦ ପିଇ ଆସି ସୌମ୍ୟଙ୍କ ସହ ବଚସା କରିଥିଲେ । ଏହି ଝଗଡ଼ା ଉଗ୍ର ରୂପ ଧାରଣ କରିଥିଲା । କାବୁ ଓ ପାଉଣୀ ଧାରୁଆ ଅସ୍ତ୍ରରେ ଏବଂ ବାଉଁଶସୌମ୍ୟଙ୍କୁ ଆକ୍ରମଣ କରିଥିଲେ । ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ସହିଦ ନଗର ପୁଲିସ ସୌମ୍ୟଙ୍କୁ ଉଦ୍ଧାର କରି ଭୁବନେଶ୍ୱର ଏମ୍ସରେ ଭର୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ସ୍ୱର୍ଗତ ଶ୍ରୀପାଦ ପଙ୍କଜ ରାଉତଙ୍କ ସ୍ମୃତ ସଭା ଅନୁଷ୍ଠିତ



ବାଲେଶ୍ୱର, ୩୧/୦୮ (ନି.ପ୍ର): ସନ୍ଧା ୫ଘଟିକା ସମୟରେ ମାଳିପାଳ ସ୍ଥିତ ଫତିଆବାଦ୍ ଭବନରେ ସ୍ୱର୍ଗତ ଶ୍ରୀପାଦ ପଙ୍କଜ ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଫତିଆବାଦ ବିକାଶ ପରିଷଦ ଆବାହନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତିତ୍ୱ କରିଥିଲେ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀଯୁକ୍ତ ଆଲୋକ ଗିରି । ମୁଖ୍ୟ ଅତିଥି ଅବସର ପ୍ରାପ୍ତ ଅଧକ୍ଷ ତଥା ସାହିତ୍ୟିକ ବିପିନ ବିହାରି ବିଶ୍ୱାଳ, ମୁଖ୍ୟବକ୍ତା ଶିକ୍ଷକ ସଂଘର ପୂର୍ବତନ ସଂପାଦକ ଜ୍ୟୋତିଷ କର, ଅନ୍ୟତମ ବ୍ୟକ୍ତା ଯୋଗେଶ ଚନ୍ଦ୍ର ରାଉଳ,କାହ୍ନୁଚରଣ ପୃଷ୍ଟି ଅନ୍ୟତମ ଅତିଥି ଭାବେ ସୋର କୋଷାଗାର ଅଧିକାରୀ ସନ୍ଦୀପ ପାଇରା ତଥା ମୁକ୍ତିକାନ୍ତ ଚନ୍ଦ ଯୋଗ ଦେଇଥିଲେ । ତାଙ୍କର ବଡପୁଅ ରାଜୀବ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ । ନିମାଇଁ ସେନାପତି,କାଳିପଦ ମହାନ୍ତି, ରଞ୍ଜନ କୁମାର ଘୋଷ, ମହେଶ୍ୱର ଘୋଷ, ଗୌରବ ରାଉତ, ରାହୁଲ ଗିରି,ବୀର କିଶୋର ରାଉତ, ଜୟନ୍ତ ଘୋଷ, ଅଜିତ ଗିରି, କରୁଣାକର ମହାନ୍ତି, ରଘୁନାଥ ଦିଣ୍ଡା ପ୍ରଭୃତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ସ୍ମୃତିଚାରଣ କରିଥିଲେ । ଏହିସଭାରେ ୫୦୦ ରୁ ଅଧିକ ବ୍ୟକ୍ତି ଯୋଗ ଦେଇଥିଲେ । ସଭା ପରିଚାଳନା କରିଥିଲେ ସଂପାଦକ କରୁଣାକର ମହାନ୍ତି ଓ ସଂଜୀବ, ଦିଲ୍ଲିପ , ପ୍ରଭୁପାଦ ତଥା ଅଶୋକ ।

# ଜଳେଶ୍ୱର ପୌର ପାଳିକାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଜଳେଶ୍ୱର, ୩୧/୮(ନି.ପ୍ର): କୌଣସି ନିର୍ଦ୍ଦିଷ୍ଟ ଅଂଚଳର ବିଭିନ୍ନ ସମସ୍ୟାର ସମାଧାନ ଲାଗି ସ୍ୱାୟତ୍ତଶାସନର ଆବଶ୍ୟକତା ହୋଇଥାଏ । ଫଳରେ ସେ ଅଂଚଳର ଲୋକଙ୍କ ବହୁବିଧ ବିକାଶ ହୋଇପାରିଥାଏ ବୋଲି ଆଜି ଜଳେଶ୍ୱର ଠାରେ ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବକ୍ତମାନେ ମତବ୍ୟକ୍ତ କରିଛନ୍ତି । ୧୯୧୯ ମସିହାରେ ବ୍ରିଟିଶ୍-ଇଣ୍ଡିଆ ଶାସନ ବେଳେ ଲର୍ଡ ରିପନ୍ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରଚଳନ କରିଥିଲେ । ଏବେ ରାଜ୍ୟରେ ୧୧୩ଟି ପୌର ସଂସ୍ଥା ସ୍ୱାୟତ୍ତ ଶାସନ କରି ଆସୁଛନ୍ତି । ଏ ବ୍ୟବସ୍ଥା ଏବେ ଗ୍ରାମାଂଚଳରେ ମଧ୍ୟ ପ୍ରତିଫଳନ ହେଲାଣି । ସହରର ସାଂସ୍କୃତି, ସାମାଜିକ ଓ ଆର୍ଥିକ ବ୍ୟବସ୍ଥା ରାଜ୍ୟର ୫୧ହଜାର ଗ୍ରାମ ପ୍ରତିଫଳିତ ହେବାରେ ଆଗେଇ ଚାଲିଛି ବୋଲି ଆଜି ପର୍ଯ୍ୟଟନ ମନ୍ତ୍ରୀ ଜଳେଶ୍ୱରଠାରେ ମତବ୍ୟକ୍ତ



କରିଛନ୍ତି । ଜଳେଶ୍ୱର ପୌରପାଳିକାରେ ସବୁ ସମ୍ପ୍ରଦାୟର ଲୋକ ବାସ କରୁଥିବା ବେଳେ ଭାଇଚାରା ଅତୁଟ ରହିଛି । ଗ୍ରାମାଂଚଳରେ ଭାରତର ଆତ୍ମା ଥିବା ମହାତ୍ମାଗାନ୍ଧି କହିଥିବାରୁ ଏବେ ସହରୀ ବ୍ୟବସ୍ଥା ଗ୍ରାମାଂଚଳରେ ପ୍ରତିଫଳିତ ହେବାକୁ ଯାଉଥିବା ଶ୍ରୀ ପାତ୍ର କହିଛନ୍ତି । ଜଳେଶ୍ୱରର ଭଲିବଲ ଖେଳ ଓ ରାଇବଣିଆରେ ଫୁଟବଲ ଖେଳର ସୁନାମ ଥିବାରୁ ମୁଖ୍ୟମନ୍ତ୍ରୀ ୨ଟି ସ୍ଥାନରେ ଷ୍ଟାଡିୟମ ନିର୍ମାଣ କରିବାରେ ଅର୍ଥ ମଂଜୁର କରିଛନ୍ତି । ଜଳେଶ୍ୱରର ଲୋକ ସଂଖ୍ୟ ଦ୍ରୁତ ବୃଦ୍ଧି ପାଉଥିବାରୁ ପୌରପାଳିକାର ଚକବିଷ୍ଣୁଠାରେ ଅନ୍ୟଏକ ଡାକ୍ତରଖାନା ନିର୍ମାଣ ହେବାକୁ ଯାଉଥିବା ସୂଚନା ଦେଇଥିଲେ । ମୁଖ୍ୟବକ୍ତାଭାବେ ଆଇନ୍‌ଜିବୀ ଚିନ୍ମୟ ଦାସ ଯୋଗ ଦେଇ ୧୬୮୭ ମସିହାରେ ମାଡ୍ରାସଠାରେ ସ୍ୱାୟତ୍ତ ଶାସନର ପରିକଳ୍ପନା କରାଯାଇଥିବା ବେଳେ ୧୯୧୯ରେ ଲର୍ଡ ରିପନ୍ ଭାରତରେ ଏହା ପ୍ରଚଳନ କରିଥିଲେ । ସହରାଞ୍ଚଳ ଲୋକଙ୍କୁ ଅଧିକ ସୁବିଧା ସୁଯୋଗ ସହିତ କେତେକ ସମସ୍ୟାର ସମାଧାନ ପାଇଁ ଏପରି ଆଇନ୍ ପ୍ରଚଳନ ହୋଇଥିବା ସେ କହିଥିଲେ । ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିବା ବେଳେ ପୌରପାଳ ପ୍ରତୀପ କୁମାର ପ୍ରଧାନ ଅଧ୍ୟକ୍ଷତା କରି ଉପାନ୍ତ ସହର ଜଳେଶ୍ୱରର ସର୍ବାଙ୍ଗୀନ ବିକାଶ ସହିତ ଆଦର୍ଶ ସହରରେ ପରିଣତ କରିବା ସହିତ ସହରର ମାଷ୍ଟର ପ୍ଲାନ ଓ ନୂଆକାର୍ଯ୍ୟାଳୟର ଡିପିଆର୍ ପ୍ରସ୍ତୁତ ହୋଇଥିବା ସେ କହିଥିଲେ । ପୌର ଅଧିକାରୀ ଅଜୟ କୁମାର ମହାପାତ୍ର ୧୯୬୪ ମସିହାରେ ଜଳେଶ୍ୱରକୁ ବିଜ୍ଞାପିତ ପରିଷଦ, ୨୦୧୪ ମସିହାରେ ପୌରପାଳିକା ଘୋଷଣା କରାଯାଇଛି । ଏବେ ପ୍ରାୟ ୩୦ହଜାର ଜନସଂଖ୍ୟା ଥିବା ବେଳେ ୧୭୮ କି.ମି. ରାସ୍ତା, ୧୭.୨୫ ବର୍ଗ କି.ମି. ପରିଧିରେ ୧୭ଟି ୱାର୍ଡ ଓ ୭ଟି ବସ୍ତି ରହିଛି । ପୂର୍ବରୁ ୫୪ଜଣ କର୍ମଚାରୀ ଥିବା ବେଳେ ୨୪ଜଣରେ କାର୍ଯ୍ୟ ପରିଚାଳନା କରାଯାଉଥିବା କଷ୍ଟସାଧ୍ୟ ହେଉଥିବା କହିଥିଲେ । ବିଭିନ୍ନ ପ୍ରତିଯୋଗୀତତାରେ କୃତି ଛାତ୍ରଛାତ୍ରୀ, ମ୍ୟାଟ୍ରିକ୍‌ରେ ସର୍ବାଧିକ ନମ୍ବର ରଖିଥିବା ସ୍ୱରୂପା ଜେନା ଓ ଏଲିନି ଗିରି, ଫକିରମୋହନ ବିଶ୍ୱବିଦ୍ୟାଳୟରେ ଅର୍ଥନିତୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଶିଦ୍ଧେଶ୍ୱରୀ ଦାସ ଓ ପ୍ରତୀମା ଦାସ ଶ୍ରେଷ୍ଠ ଫାର୍ମାଶିଷ୍ଟ ଶଶିକାନ୍ତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଳା ଧନ୍ୟବାଦ ଅର୍ପଣ କରିଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ଆୟୋଜିତ ପ୍ଲାଣ୍ଟ ସ୍ତରୀୟ ଗୁଣବତ୍ତା

ରାଉରକେଲା,୩୧/୦୮ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଏଚଆରଡ଼ି ସେଣ୍ଟର ଠାରେ ଅଗଷ୍ଟ ୩୦ ତାରିଖରେ ପ୍ଲାଣ୍ଟ ସ୍ତରୀୟ ଗୁଣବତ୍ତା ମଣ୍ଡଳୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆରଏସପି ଗୁଣବତ୍ତା ବିଭାଗର ସିଜିଏମ୍ ଶ୍ରୀ ଆତିଶ ଚନ୍ଦ୍ର ସରକାର ଏଥିରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀ ସରକାର ପ୍ରତ୍ୟେକ ଦଳକୁ ଅଭିନନ୍ଦନ ଜଣାଇବା ସହ ଅଧ୍ୟାୟ ସ୍ତରରେ ପରବର୍ତ୍ତୀ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ । ଇସ୍ପାତ କାରଖାନାର ବିଭିନ୍ନ ବିଭାଗର ୯୮ ଜଣ କର୍ମଚାରୀଙ୍କୁ ନେଇ ଗଠିତ ୧୮ ଟି କ୍ୱାଲିଟି ସର୍କଲ୍ ଦଳ ପ୍ଲାଣ୍ଟ ସ୍ତରର କ୍ୟୁସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଏବଂ ସମସ୍ତେ ସ୍ୱର୍ଣ୍ଣ ପଦକ ଜିଣିବା ସହ କ୍ୱାଲିଟି ସର୍କଲ୍ ଅଧ୍ୟାୟ ସ୍ତରୀୟ ସମ୍ମିଳନୀରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ ।



ଦଳଗୁଡିକ ତିନିଟି ଭାଗରେ ବିଭକ୍ତ ହୋଇଥିଲେ । ପ୍ରତ୍ୟେକ ଗୋଷ୍ଠୀକୁ ଦୁଇଜଣ ଆକଳନକାରୀ ସଦସ୍ୟ ମୂଲ୍ୟାଙ୍କନ କରିଥିଲେ । ଏହି ନିର୍ଣ୍ଣାୟକ ମଣ୍ଡଳୀରେ ବିଜନେସ୍ ଏକ୍ସଲେନ୍ସ ବିଭାଗର ଜିଏମ୍ ଇନ୍-ଚାର୍ଜ, ସୁଶ୍ରୀ ଚୈତାଳି ଦାସ, ନୂତନ ପ୍ଲେଟ ମିଲ ବିଭାଗର ଜିଏମ, ଶ୍ରୀ ନୀଳମଣି ମହାପାତ୍ର, ଡିଜାଇନ, ସମ୍ବ ମେକାନିକାଲ ବିଭାଗର ଜିଏମ୍ ଇନ୍-ଚାର୍ଜ, ଶ୍ରୀ ଶେଖର ନାରାୟଣ, ହଟ ସ୍ଟ୍ରିପ ମିଲ-୧ ବିଭାଗର ଜିଏମ, ଶ୍ରୀ କେ ସମଜଦାର, ଏସଏମଏସ-୧ ବିଭାଗର ଜିଏମ, ଶ୍ରୀ ପି କେ ସାହୁ, ଇ ଆଣ୍ଡ ଏ ବିଭାଗର ଜିଏମ୍ ଇନ୍-ଚାର୍ଜ, ଶ୍ରୀ ଅନୁପ କୁମାର ଜେନା ସାମିଲ ଥିଲେ । ଏଥିରେ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକ ହେଉଛି ଶକ୍ତି ପରିଚାଳନା ବିଭାଗର 'ଉର୍ଜା', ଅନୁସନ୍ଧାନ ଏବଂ ନିୟନ୍ତ୍ରଣ ଲାବୋରେଟୋରୀର 'ଅର୍ଜୁନ', ସିଣ୍ଟରିଂ ପ୍ଲାଣ୍ଟର 'ସଂପୂର୍ଣ୍ଣ', କଞ୍ଚାମାଲ ପ୍ରବନ୍ଧନ ବିଭାଗର 'ଅଗ୍ରଜ' ଓ 'ଅଗ୍ରଣୀ', ନୂତନ ପ୍ଲେଟ୍ ମିଲ୍ ର 'ତେଜସ୍', 'ସକ୍ଷମ' ଓ 'ରୁଦ୍ର', ପାଇପ୍ ପ୍ଲାଣ୍ଟରୁ 'ଆବିଷ୍କାର', ଇଲେକ୍ଟ୍ରୋନିକ୍ସ ଏବଂ ଅଟୋମେସନ ବିଭାଗର 'ପାୟୋନିୟର', ଅମ୍ଳଜାନ ପ୍ଲାଣ୍ଟର 'ଉଦୟ', ଏସଏମଏସ-୧ର 'ସମାଧାନ', କୋକ୍ ଓଭେନର 'ଆବିଷ୍କାର', ଷ୍ଟିଲ ମେଲ୍ଟିଂ ସପ-୨ ର 'ନୟୀ ଉଡ଼ାନ', ରିପେୟାର ସପର 'ସମ୍ଭବ', ହଟ ଷ୍ଟ୍ରିପ ମିଲ-୧ର 'ଉତ୍କର୍ଷ', ପାଇପ୍ ପ୍ଲାଣ୍ଟର 'ଶ୍ରମ ଦାନ' ଏବଂ ବ୍ଲାଷ୍ଟ ଫର୍ଣ୍ଣେସର 'ପରିବର୍ତ୍ତନ' । ଆରସିଏଲ ବିଭାଗର ଜିଏମ୍ ଶ୍ରୀ ଆଶିଷ ରଂଜନ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ଇସ୍ପାତ କାରଖାନାର ବିଦ୍ୟାଳୟଗୁଡିକରେ ଗଣେଶ ପୂଜା ପାଳିତ

ରାଉରକେଲା,୩୧/୦୮ (ନି.ପ୍ର): ରାଉରକେଲା ସହରରେ ଅଗଷ୍ଟ ୩୧ ତାରିଖରେ ଗଣେଶ ଉତ୍ସବ ଆନନ୍ଦ ଉଲ୍ଲାସ ସହ ପାଳିତ ହୋଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସାର୍ବଜନୀନ ସ୍ଥାନରେ ବିପୁଳ ଧାର୍ମିକ ଉତ୍ସାହ ଉଦ୍ଦିପନା ମଧ୍ୟରେ ଗଣେଶ ପୂଜା ପାଳନ କରାଯାଇଛି । ବିଭିନ୍ନ ରଙ୍ଗବେରଙ୍ଗ ପୋଷାକରେ ଉତ୍ସାହୀ ଛାତ୍ରଛାତ୍ରୀମାନେ ନିଜନିଜ ବିଦ୍ୟାଳୟରେ ଏହି ପର୍ବ ପାଳନ ପାଇଁ ଏକାଠି ହୋଇଥିଲେ ଯାହା ସମଗ୍ର ପରିବେଶକୁ ଉତ୍ସବ ମୁଖର ଗଢିତୋଳିଥିଲା। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ ଆରଏସପିର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଭଗବାନ ଗଣେଶଙ୍କ ଆରତୀ କରିବା ସହ ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ। ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା, ଶ୍ରୀମତୀ ସୀମା ଭୌମିକଙ୍କ ଗହଣରେ ଡିଆଇସି ପ୍ରଥମେ ଦୀପିକା ଇସ୍ପାତ ଶିକ୍ଷା ସଦନ ଯାଇଥିଲେ। ଏହି ଅବସରରେ ତାଙ୍କ ସହ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଡାକ୍ତର ବି କେ ହୋତା, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା, ଶ୍ରୀମତୀ ହର୍ଷାଲା ସୂର୍ଯ୍ୟବଂଶୀ, ଶ୍ରୀମତୀ ସମାପିକା ସାହୁ, ପ୍ରଫେସର ସୁସ୍ମିତା ଦାସ ଏବଂ ଶ୍ରୀମତୀ ଜୟଶ୍ରୀ ହୋତା, ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ ତଥା ଦୀପିକା ମହିଳା ସଂଘତିର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହା ପରେ ସମସ୍ତ ନିର୍ବାହୀ ନିର୍ଦ୍ଦେଶକଙ୍କ ସହିତ ଡ଼ିଆଇସି ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର-୧୮ (ଜୁନିଅର ସେକ୍ସନ୍), ଇସ୍ପାତ ବିଦ୍ୟା ମନ୍ଦିର, ସେକ୍ଟର-୧୯ ଏବଂ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର-୨୦ ଗସ୍ତ କରି ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ।




ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୩ଶ ବାର୍ଷିକ ଉତ୍ସବ ସମାରୋହ : ଏହି ଅବସରରେ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିବା ଅଧ୍ୟାପକ ବିଶ୍ୱରଞ୍ଜନ, ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଡ. ଜ୍ଞାନୀ ଦେବାଶିଷ ମିଶ୍ର, ଶ୍ରୀମତୀ ସୁବାସିନୀ ଜେନା, କବି କାଳୀପଦ ପଣ୍ଡା, ଶ୍ରୀମତୀ ପ୍ରମିଳା ପଣ୍ଡା ଓ ଅତିଥି ପରିଚୟ ପ୍ରଦାନ କରିଥିବା ପ୍ରଦୀପ୍ତ କୁମାର ମିଶ୍ର ।



ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୩ଶ ବାର୍ଷିକ ଉତ୍ସବ ସମାରୋହ : ଏହି ଅବସରରେ ଧ୍ୱନି ପ୍ରତିଧ୍ୱନିର ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡ଼ା ଓ ସମ୍ପାଦିକା ସୈରିନ୍ଧ୍ରୀ ସାହୁ ।

## ସହାୟକ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ

ବାଲେଶ୍ୱର,୩୧/୦୮ (ନି.ପ୍ର): ଗଣେଶ ପୂଜା ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସହାୟକ' ତରଫରୁ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ରୋଗୀଙ୍କୁ ଫଳ, ବିସ୍କୁଟ୍ ଓ ହରଲିକ୍ସ ଇତ୍ୟାଦି ପ୍ରଦାନ କରାଯାଇଛି। ଡାକ୍ତର ମିରା ଲେଙ୍କା ପ୍ରଥମେ ବଣ୍ଟନ କରି କାର୍ଯ୍ୟକ୍ରମକୁ ଉଦଘାଟନ ସହ 'ସହାୟକ'ର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। 'ସହାୟକ'ର ସଭ୍ୟା ଲକ୍ଷ୍ମୀପ୍ରିୟା ଜେନା, ପ୍ରଣିତା ମିଶ୍ର ଉକ୍ତ ୱାର୍ଡ଼ରେ ମହିଳା ୱାର୍ଡ଼ ରୋଗୀଙ୍କୁ ପ୍ୟାକେଟ୍ ବଣ୍ଟନ କରିଥିଲେ। ସାଧାରଣ ସଂପାଦକ ବିଜୟ ଦାସ ଅଧିକାରୀ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ସୁରେନ୍ଦ୍ର ପ୍ରସାଦ ନାୟକ, ଗଙ୍ଗାଧର ପୃଷ୍ଟି, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଶଚୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

## ବାରିପଦା ଦମକଳ କେନ୍ଦ୍ରକୁ ଆଇଏସଓ ପ୍ରମାଣପତ୍ର

ବାରିପଦା, ୩୦/୦୮ (ନି.ପ୍ର): ଉଲ୍ଲେଖନୀୟ ସେବା ପ୍ରଦାନ ପାଇଁ ମୟୂରଭଂଜ ଜିଲ୍ଲାର ବାରିପଦା ଦମକଳ କେନ୍ଦ୍ରକୁ ଆଇଏସଓ ପ୍ରମାଣପତ୍ର ମିଳିଛି । ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଠାରୁ ଜିଲ୍ଲା ସହକାରୀ ଅଗ୍ନିଶମ ଅଧିକାରୀ ଭାବେନ୍ଦ୍ର ନାଥ ଦେ ଏହି ପ୍ରମାଣପତ୍ର ଗ୍ରହଣ କରିଥିବାର ଜଣାଯାଇଛି । ଆବଶ୍ୟକ ସମୟ ଭିତରେ ଏହି କେନ୍ଦ୍ର ଅଗ୍ନି ବିପତି ଓ ବନ୍ୟା ବାତ୍ୟା ଆଦି ବିପର୍ଯ୍ୟୟ ସମୟରେ ବିପନ୍ନଙ୍କ ପାଖରେ ପହଂଚି ତତ୍କାଳ ସେବା ଓ ସହାୟତା ପ୍ରଦାନରେ ଉଲ୍ଲେଖନୀୟ ଅବଦାନ



ପ୍ରଦର୍ଶନ କରି ଥିବାରୁ ଏହି ଆଇଏସଓ ପ୍ରମାଣପତ୍ର ମିଳିଥିବା ଜଣାପଡିଛି । ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଜନସାଧାରଣଙ୍କୁ ସଚେତନତା କରିବାରେ ମଧ୍ୟ ଏହି କେନ୍ଦ୍ର ପ୍ରଶଂସା ସାଉଁଟିଛି ।

## ଜଷ୍ଟିସ ଦେବପ୍ରିୟ ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୩୧/୦୮ (ନି.ପ୍ର): ପୂର୍ବତନ ବିଚାରପତି ଜଷ୍ଟିସ ଦେବପ୍ରିୟ ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ସୁପ୍ରିମକୋର୍ଟ ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଦେବପ୍ରିୟ ମହାପାତ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ରାଜ୍ୟ ମାନବାଧିକାର କମିଶନର ପ୍ରଥମ ଅଧ୍ୟକ୍ଷ ଭାବେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

## ଗରସଙ୍ଗ ରୂପାନ୍ତରଣ ହାଇସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ

ଖଇରା,୩୧/୦୮ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବୁଧବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ରାମଚନ୍ଦ୍ର ହାଇସ୍କୁଲ ୫ଟି ରୂପାନ୍ତରଣ ତାଲିକାରେ ଅନ୍ତର୍ଭୁକ୍ତ ହେବା ପରେ ବୁଧବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ପ୍ରଥମେ ଓଡିଶାର ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ପୂର୍ବତନ ପ୍ରଧାନ ଶିକ୍ଷକ ଶିବପ୍ରସାଦ ବଳଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୈକ୍ଷିକ ପରିବେଶକୁ ଅଧୀକ ସୁଦୃଢ କରିବାକୁ ନବୀନ ସରକାର ପ୍ରୟାସ ଜାରି ରଖିଛନ୍ତି । ପିଲାମାନେ କିଭଳି ଅଧୀକ ରୁ ଅଧୀକ ଫଳ ଲାଭ କରିବେ ଏଥିପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉଦ୍ୟମ କରିବା ଦରକାର ବୋଲି କହିଥିଲେ। ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ ବିଦ୍ୟାଳୟରେ ଶିକ୍ଷକ ଅଭାବ କୁ ନେଇ ବିଧାୟକଙ୍କ ଦୃଷ୍ଟି ଗୋଚର କରିଥିଲେ। ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ସରପଞ୍ଚ ରାଜେନ୍ଦ୍ର ଦାଶ,ସମିତି ସଭ୍ୟା ମାଧୁଇ ହେମ୍ବ୍ରମ,ଉପ୍ରା ବିଦ୍ୟାଳୟ କମିଟି ସଭାପତି ଚକ୍ରଧର ଖିଲାର,ପ୍ରାକ୍ତନ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଦାସ,ମାୟାଧର ମହାପାତ୍ର,ନାରାୟଣ ଚନ୍ଦ୍ର ମହାନ୍ତି,ନାରାୟଣ ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପିଲାମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ପୁରାତନ ଛାତ୍ର ପବିତ୍ର ମୋହନ ସାହୁ,ପ୍ରତାପ ବେହେରା,ହରିହର ସେଠୀ ଓ ପବିତ୍ର ଖିଲାର,ନରେନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାଜଧାନୀରେ ୫୯ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୩୧/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅଂଚଳରୁ ବୁଧବାର ମୋଟ ୫୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୭୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୨ ହଜାର ୮୫୧ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ।

## କବିତା ପୁସ୍ତକ 'ଅତର'ର ଲୋକାର୍ପଣ ଉତ୍ସବ




ବାଲେଶ୍ୱର,୩୧/୦୮ (ନି.ପ୍ର): ପକ୍ଷୀଘର ପ୍ରକାଶନୀ ଓ ଅଜୟ ଉତ୍ସବ ଟ୍ରଷ୍ଟ ଆନୁକୂଲ୍ୟରେ ବିଶିଷ୍ଟ କବି କଥାକାର ଅଜୟ ସ୍ୱାଇଁଙ୍କ ଜନ୍ମଦିନରେ ଭୁବନେଶ୍ୱରସ୍ଥିତ ବୁଧମନ୍ଦିରରେ ଅଜୟ ସ୍ୱାଇଁଙ୍କ ଲିଖିତ କବିତା ପୁସ୍ତକ 'ଅତର'ର ଲୋକାର୍ପଣ ଉତ୍ସବ ହୋଇଯାଇଛି । ପକ୍ଷୀଘର ପ୍ରକାଶନୀର ବନୋଜ ତ୍ରିପାଠୀଙ୍କ ପରିଚାଳନାରେ ଏହି ଉତ୍ସବରେ ବିଶିଷ୍ଟ କବି ହରପ୍ରସାଦ ଦାସ, କାଦମ୍ବିନୀର ସମ୍ପାଦିକା ଡ ଇତିରାଣୀ ସାମନ୍ତ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସନ୍ତୋଷ ତ୍ରିପାଠୀ, ଡ ରଜନୀରଞ୍ଜନ, କବି ଶକ୍ତି ମହାନ୍ତି, ଡ ଅଭିରାମ ଦାସ, ଗାଳ୍ପିକ ସୁମନ ନାୟକ, ପ୍ରିୟରଂଜନ, କବି ବାଦଲ ମହାନ୍ତି ପ୍ରମୁଖ କବି ଅଜୟ ସ୍ୱାଇଁ ଓ କବିତା ପୁସ୍ତକ ଉପରେ ଆଲୋଚନା କରିଥିଲେ । ଏହି ଉତ୍ସବରେ ଅଧ୍ୟାପକ ବିଶ୍ୱରଂଜନ, କବି କେଦାର ମିଶ୍ର, ଡ ରବି ନାରାୟଣ ପଣ୍ଡା, ସିନେ ସମୀକ୍ଷକ ଦିଲ୍ଲୀପ ହାଲି, ସାମ୍ବାଦିକ ଦିଲ୍ଲୀପ ବିଶ୍ୱାଳ, ମାଧବ ବେହୁରା, ପୂର୍ଣଚନ୍ଦ୍ର ମହାରଣା, ଗାଳ୍ପିକ ଅଜୟ ମହାପାତ୍ର, ପ୍ରଣବ ପ୍ରକାଶ ନାୟକ ପ୍ରମୁଖ ବହୁ କବି ସମାଲୋଚକ ସାମ୍ବାଦିକ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅଜୟ ଉତ୍ସବ ଟ୍ରଷ୍ଟର ସଭାପତି ଅଶୋକ ପୁହାଣ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରିଶେଷରେ ସାମ୍ବାଦିକ ଦିଲ୍ଲୀପ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦଳାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଉଦଳା, ୩୧/୦୮ (ନି.ପ୍ର): ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳା ତରଫରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଆଜି ଅଗଷ୍ଟ ୩୧ ତାରିଖ ବୁଧବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ଢ଼ାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ସହର ପରିକ୍ରମା କରିଥିଲା । ଏହାପରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହର ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ଉତ୍କଳମଣୀ ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ ଓ ବିର୍ଷା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସକାଳ ୮ ଘଟିକାରେ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ ଓ ପରେ ଡ଼ାକ୍ତରଖାନାରେ ରୋଗୀ ମାନଙ୍କୁ ଫଳ ବିସ୍କୁଟ ବଣ୍ଟନ କରାଯାଇଥିଲା । ଏହାପରେ ସହର ମଧ୍ୟରେ ନବ ନିର୍ମିତ କେତୋଟି ଅଙ୍ଗନୱାଡ଼ି କେନ୍ଦ୍ରର ଗୃହକୁ ଉଦ୍‌ଘାଟନ କରାଯାଇଥିଲା । ଦିନ ୧୧ ଘଟିକାରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ନଗରପାଳ ପ୍ରମିଳା ପଣ୍ଡା ଉକ୍ତ ସଭାରେ ଅଧ୍ୟକ୍ଷତା କରିବା ସହ ସହରକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟ ବିବରଣୀ ପାଠ କରିବା ମାଧ୍ୟମରେ ସହରର ଜନସଂଖ୍ୟା ୧୩୧୫୨ ଓ ବିଗତ ୨୦୨୧-୨୨ ଆର୍ଥିକ ବର୍ଷରେ ପରିଷଦର ସମୁଦାୟ ଆୟ ୧୦,୧୮,୩୨,୩୨୬ ଟଙ୍କା ବୋଲି ପ୍ରକାଶ କରିଥିଲେ। ଉଦଳା ତହସିଲଦାର ମଧୁଲିତା ହେମ୍ବ୍ରମ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଉଦଳା ସହର ବାସୀଙ୍କର ସରଳତା ଓ ମଧୁର ବ୍ୟବହାର ମତେ ଭଲ ଲାଗେ ବୋଲି ବ୍ୟକ୍ତ କରିଥିଲେ । ଉଦଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଯାନୀ ଭୂୟାଁ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସ୍ୱାୟତ୍ତ ଶାସନ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ ମୁଁ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ବିଧାୟକ ନୁହେଁ , ମୁଁ ଉଦଳା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ବିଧାୟକ । ତେଣୁ ସମସ୍ତଙ୍କର ଗୁହାରୀ ମୁଁ ଶୁଣିବାକୁ ବାଧ୍ୟ । ଏହିଭଳି ମନୋଭାବ ସମସ୍ତେ ନେଲେ, ସହରର ଉନ୍ନତି କଥା ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ ବୋଲି କହିଥିଲେ ।

ଶୁଭେଚ୍ଛା ଓ ଅଭିନନ୍ଦନ

'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତ ପ୍ରେମୀ ଜନସାଧାରଣଙ୍କୁ



ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଗଙ୍ଗାଧର୍ ଦାସ
ସାହିତ୍ୟିକ ଓ ସଂଗଠକ

ଶୁଭେଚ୍ଛା ଓ ଅଭିନନ୍ଦନ

'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର



ସମସ୍ତ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ବିଦ୍ୟାଧର୍ ସେଠୀ
ସାହିତ୍ୟିକ, କବି, ବାଲେଶ୍ୱର

ଶୁଭେଚ୍ଛା ଓ ଅଭିନନ୍ଦନ

ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ'ରେ ସମସ୍ତ ଓଡ଼ିଶାବାସୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭକାମନା। ସମସ୍ତେ ଖୁସି ମନେଇବା ସହିତ ସୁସ୍ଥ ରହନ୍ତୁ ଏବଂ ରାଜ୍ୟର ପ୍ରଗତିରେ ସହାୟକ ହୁଅନ୍ତୁ।



ସୁବ୍ରତ ତରାଇ
ବିଧାୟକ, ରଘୁନାଥପାଲି

ଶୁଭେଚ୍ଛା ଓ ଅଭିନନ୍ଦନ

'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଏବଂ ଜନସାଧାରଣଙ୍କ ସୁଖ ଦୁଃଖର ସାଥୀ ହେଉ। ଏହି ବାର୍ଷିକ ଉତ୍ସବର ସଫଳତା ଓ ଉନ୍ନତି କାମନା କରୁଛି ।

ସୁରେଶ କୁମାର୍ ପଟ୍ଟନାୟକ
JE, ITDA,
ପାନପୋଷ, ରାଉରକେଲା

ସ୍ୱାୟତ୍ତ ଶାସନ ଦିବସ - ୨୦୨୨

ବିକାଶ ପଥେ-ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ, ନୀଳଗିରି

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜବୁତ୍ କରନ୍ତୁ।
୩. ପରିଷଦର ସମ୍ପତି ଆପଣଙ୍କର, ଏହାର ସୁରକ୍ଷା ଓ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ।
୪. ରାସ୍ତା ପାଖ ଓ ନାଳ ଉପରେ କ୍ୟାବିନ୍ ଓ ଗୃହ ନିର୍ମାଣ ଉପକରଣ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ।
୫. ଗୃହପାଳିତ ପଶୁ ଯଥା- ଗାଈ, ଗୋରୁ, ଛେଳି, ମେଣ୍ଢାମାନଙ୍କୁ ରାସ୍ତାରେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
୬. ନିଜ ନିଜର ଅଳିଆ ଆର୍ବଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ।
୭. ବ୍ୟବସାୟୀମାନଙ୍କ ପାଇଁ କଚେରୀ ଛକରେ ନୂତନ ମାର୍କେଟ କମ୍ପ୍ଲେକ୍ସ ଓ ରାଡାର ରାସ୍ତାରେ ଭେଣ୍ଡିଂ ଜୋନ୍ ନିର୍ମାଣ।
୮. ସର୍ବସାଧାରଣଙ୍କ ନିମନ୍ତେ ପାର୍କ ଓ ଶ୍ମଶାନ ନିର୍ମାଣ।

ଶ୍ରୀଯୁକ୍ତ ମହେନ୍ଦ୍ରନାଥ ବେହେରା
ଉପାଧ୍ୟକ୍ଷ ଓ ପାରିଷଦ ବୃନ୍ଦ

ଶ୍ରୀଯୁକ୍ତ ଅକ୍ଷୟ କୁମାର ବଡୁ
ନିର୍ବାହୀ ଅଧିକାରୀ

ଶ୍ରୀମତୀ ଅମ୍ବିକା ଦାସ
ଅଧ୍ୟକ୍ଷା

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo